


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୩ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 03 November 2025
Vol.No. 36 ■ No.289 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ପଂଚୁକର ପ୍ରଥମ ଦିନ: ଚତୁର୍ଦ୍ଧାମୂର୍ତ୍ତିଙ୍କ ଲକ୍ଷ୍ମୀ ନାରାୟଣ ବେଶ

ପୁରୀ, ୨/୧୧ (ନି.ପ୍ର): ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଆଜି ଠାରୁ ଆରମ୍ଭ ହୋଇଛି ପଂଚୁକ। ଚଳିତ ବର୍ଷ ପଂଚୁକ ୫ ଦିନ ପରିବର୍ତ୍ତେ ୪ ଦିନ ପାଳନ କରାଯାଉଛି । ଶ୍ରୀମନ୍ଦିରରେ ଆଜି ଠାରୁ ଆରମ୍ଭ ହୋଇଛି ପଚଂକ ନୀତି । ପଚଂକର ପ୍ରଥମ ଦିନରେ ଅର୍ଥାତ କାର୍ତିକ ମାସ ଶୁକ୍ଳ ପକ୍ଷ ଦେବୋତ୍ଥାପନ (ବଡ)ଏକାଦଶୀ ତିଥିରେ ଭକ୍ତଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତି । ଏହି ବେଶକୁ ଲକ୍ଷ୍ମୀ ନାରାୟଣ ବେଶ କିମ୍ବା ଠିଆକିଆ ବେଶ କୁହାଯାଇଥାଏ । ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଭୂଷିତ କରିଛନ୍ତି ।

# ରୁଷ ଉପରେ ୟୁକ୍ରେନର ବଡ଼ ଆଟାକ୍: ବନ୍ଦର କ୍ଷତିଗ୍ରସ୍ତ, ଜଳୁଛି ତେଲ ଟର୍ମିନାଲ

ନୂଆଦିଲ୍ଲୀ,୨/୧୧ : ରୁଷ ଉପରେ ୟୁକ୍ରେନର ବଡ଼ ଧରଣର ଡ୍ରୋନ୍ ଆଟାକ୍ । ରବିବାର ୟୁକ୍ରେନ୍ ଏହି ଆକ୍ରମଣ କରିଛି, ଯେଉଁଥିରେ ବ୍ଲାକ୍ ସି'ରେ ଥିବା ତୁଆପ୍ସେ ପୋର୍ଟ ଧ୍ୱଂସ ହୋଇଛି । କୁହାଯାଉଛି ଏହି ଆକ୍ରମଣରେ ପୋର୍ଟର ଏକ ଅଂଶ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ରୁଷର ଏକ ତେଲ ଟର୍ମିନାଲ ପ୍ରଭାବିତ ହୋଇଛି। ହେଲେ ରୁଷର ଏୟାର ଡିଫେନ୍ସ ୟୁନିଟ୍ କିନ୍ତୁ ଦାବି କରିଛି ଯେ, ୟୁକ୍ରେନର ଏହି ଆକ୍ରମଣକୁ ରୁଷ ବାୟୁମଣ୍ଡଳରେ ହିଁ ନଷ୍ଟ କରିଦେଇଛି । ରୁଷର ସମାଚାର ଏଜେନ୍ସିର ରିପୋର୍ଟ ମୁତାବକ, ରବିବାର ରାତିରେ ୟୁକ୍ରେନ୍ ବଡ଼ ଧରଣର ଡ୍ରୋନ୍ ଆଟାକ୍ କରିଥିଲା।



ହେଲେ ରୁଷ କିନ୍ତୁ ୧୬୪ଟି ୟୁକ୍ରେନର ଡ୍ରୋନକୁ ନଷ୍ଟ କରିଦେଇଥିଲା । ଅନ୍ୟପଟେ ୟୁକ୍ରେନର କହିବା କଥା ହେଲା, ଏହି ଆକ୍ରମଣରେ ତୁଆପ୍ସେ ପୋର୍ଟ ନଷ୍ଟ ହୋଇଛି । କ୍ରାସନୋଡାର ପ୍ରଶାସନ କହିଛି ଯେ, ଡ୍ରୋନ୍ ଭଗ୍ନାବଶେଷ ପଡ଼ିବା ଯୋଗୁଁ ବନ୍ଦରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି ଏବଂ ନିଆଁ ଲାଗିଛି। ତୁଆପ୍ସେ ତୈଳ ଟର୍ମିନାଲ ଏବଂ ରୋସନେଫ୍ଟ-ନିୟନ୍ତ୍ରିତ ତୁଆପ୍ସେ ତୈଳ ରିଫାଇନାରୀର ଘର ଚଳିତ ବର୍ଷ ଏକାଧିକ ବାର ଟାର୍ଗେଟ୍ କରାଯାଇସାରିଛି । ହେଲେ ବର୍ତ୍ତମାନ ସମୟରେ ବନ୍ଦରର କେତେ ଭିତ୍ତିଭୂମି ନଷ୍ଟ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନି। ଜାଣିରଖିବା ଉଚିତ ଯେ, ରଷର ପାୱାର ଗ୍ରୀଡ ଉପରେ ଆକ୍ରମଣର ପ୍ରତିଶୋଧ ନେବା ପାଇଁ କିଭ ରୁଷର ତୈଳ ବିଶୋଧନାଗାର, ଡିପୋ ଏବଂ ପାଇପଲାଇନ ଉପରେ ଆକ୍ରମଣ ବୃଦ୍ଧି କରିଛି। ଏହି ଆକ୍ରମଣ ଗୁଡ଼ିକର ଲକ୍ଷ୍ୟ ଇନ୍ଧନ ଯୋଗାଣ ଉପରେ ଚାପ ପକାଇବା, ସାମରିକ ଲଜିଷ୍ଟିକ୍ସ ବାଧାପ୍ରାପ୍ତ କରିବା ଏବଂ ରୁଷର ଯୁଦ୍ଧକାଳୀନ ଖର୍ଚ୍ଚ ବୃଦ୍ଧି କରିବା।

## ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଇ-କେୱାଇସି ଅବଧି ବୃଦ୍ଧି କଲେ ସରକାର



ଭୁବନେଶ୍ୱର,୨।୧୧: ରାଜ୍ୟରେ ପିଡିଏସ୍ ହିତାଧିକାରୀଙ୍କ ପାଇଁ ଆଧାରଯୁକ୍ତ ଇ-କେୱାଇସି ଅବଧିକୁ ସରକାର ଆଉ ଦୁଇ ମାସ ବୃଦ୍ଧି କରିଛନ୍ତି। ଏହି ଅବଧି ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁ ହିତାଧିକାରୀମାନେ ଏପର୍ଯ୍ୟନ୍ତ ଇ-କେୱାଇସି କରାଇ ନାହାନ୍ତି, ସେମାନେ ବର୍ଦ୍ଧିତ ସମୟ ଭିତରେ ନିକଟସ୍ଥ ରାସନ କାର୍ଡ ପରିଚାଳନା କେନ୍ଦ୍ରରେ ଆଧାରଯୁକ୍ତ ଇ-କେୱାଇସି କରାଇବାକୁ ପରାମର୍ଶ ଦିଆଯାଇଛି। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଜାରି ହୋଇଛି। ଏହାସହିତ ରାଜ୍ୟରେ ପୂର୍ବଭଳି ରାସନ ଚାଉଳ ଯୋଗାଣ ଜାରି ରହିବ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଇ-କେୱାଇସି କରି ନ ଥିବା ହିତାଧିକାରୀଙ୍କ ଚାଉଳ ଯୋଗାଣ ବନ୍ଦ ନେଇ ଯୋଗାଣ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଅର୍ଥାତ୍ ରାସନକାର୍ଡଧାରୀମାନେ ପୂର୍ବଭଳି ନିଜ କୋଟାର ଚାଉଳ ଉଠାଇ ପାରିବେ।

▶▶ପୃଷ୍ଠା ୭

## ବିଜେଡିକୁ ଜୟ ଢୋଲକିଆଙ୍କ ନିଶାନା: ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ ପଟ୍ଟନାୟକ



ନୂଆପଡ଼ା , ୨/୧୧ (ନି.ପ୍ର): ବାପା ପଡ଼ିଥିଲେ ରୋଗ ଶଯ୍ୟାରେ, ପଚାରିଲାନି ବିଜେଡି। ସହଯୋଗ ଦୂରେ ଥାଉ, ଆହା ପଦେ କହିଲେନି ନବୀନ ଯେଉଁଥିପାଇଁ ସେ ଦଳରୁ ମୁହଁ ଫେରାଇଲି' । ନିର୍ବାଚନୀ ସଭାରେ ଭାଷଣ ବେଳେ ପ୍ରଥମ ଥର ପାଇଁ ଏମିତି ମନର ବ୍ୟଥା ବଖାଣିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। କହିଛନ୍ତି ଯେଉଁ ନେତା ପାର୍ଟି ପାଇଁ ଜୀବନ ସାରା ସମର୍ପିତ ଥିଲେ ତାଙ୍କୁ ଦଳର ନେତା ନା ଫୋନ କଲେ ନା ସହଯୋଗ। ଏମିତିକି ବାପାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକକୁ ପୁଅ ହୋଇ ବି ମତେ ଡକା ଯାଇନଥିଲା। ବାପାଙ୍କ ସ୍ୱପ୍ନ ଥିଲା ନୂଆପଡ଼ାକୁ ଏକ ନମ୍ବର କରିବା। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ ପାଇଁ ବିଜେପିକୁ ଆସିଲି ବୋଲି କହିଛନ୍ତି ଜୟ। ଯାହାକୁ ନେଇ ସରଗରମ ନୂଆପଡ଼ା ରାଜନୀତି। ହେଲେ ବିଜେଡି ଜୟଙ୍କ ଅଭିଯୋଗକୁ ମିଥ୍ୟା ବୋଲି କହିଛି। ଏହାରି ଭିତରେ ବିଜେପିର ପ୍ରଚାର ଜୋର ଧରିଛି ନୂଆପଡ଼ାରେ। ଦୁଇ ଦିନ ଧରି ନୂଆପଡ଼ାରେ ରହି ଦଳ ପାଇଁ ମାରାଥନ କ୍ୟାମ୍ପେନିଂ ଚଳାଇଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା। ପ୍ରାର୍ଥୀ ଜୟ ଢୋଲକିଆ, ବସନ୍ତ ପଣ୍ଡା,



ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ନେଇ, ଚାଏ ପେ ଚର୍ଚ୍ଚା, ରୋଡ ସୋ ଓ ସାଧାରଣ ସଭା କରି ପ୍ରଚାରର ମଙ୍ଗ ଧରିଛନ୍ତି ବୈଜୟନ୍ତ। ଏପଟେ ବିଜେଡି ପାଇଁ କାଲି ପ୍ରଚାର ମୈଦାନକୁ ଓହ୍ଲାଇବେ ଦଳ ମୁଖିଆ ନବୀନ ପଟ୍ଟନାୟକ। କୋମନାରେ ସାଧାରଣ ସଭା କରି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର କରିବେ ନବୀନ। ଏଥିପାଇଁ ବଡ଼ ତୟାରିରେ ବିଜେଡି।

▶▶ପୃଷ୍ଠା ୭

## ଧରାପଡ଼ିବା ପରେ ମହାଗୁମର ଖୋଲୁଛି ଶଙ୍କର: ପୂର୍ବ ସରକାର ଅମଳରେ ହଜାରେ କୋଟିର ଡିଲ୍ ଆଡ଼କୁ ଇସାରା

ଭୁବନେଶ୍ୱର, ୧/୧୧ (ନି.ପ୍ର): ଶତାବ୍ଦୀର ବଡ଼ ସ୍କାମ୍ ପୋଲିସ ଏସଆଇ ନିଯୁକ୍ତି କେଲେଙ୍କାରୀ ପଛରେ ଯେଉଁ ଆଶଙ୍କା କରାଯାଉଥିଲା, ତାହା ଏବେ ପ୍ରମାଣିତ ହେବାକୁ ଯାଉଛି ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଗିରଫଦାରୀ ପରେ। ବହୁ କୋଟି ଟଙ୍କାର କେଲେଙ୍କାରୀର ସତ ଉଗାରି ଶଙ୍କର କହିଛନ୍ତି, ଯଦି ମୁଁ ଧରାପଡ଼ିନଥାନ୍ତି, ତା'ହେଲେ ପୂର୍ବ ସରକାରର ହଜାରେ କୋଟିର ଡିଲ୍ ସାମ୍ନାକୁ ଆସିବ କେମିତି। ଶଙ୍କରଙ୍କ ଏଭଳି ଇସାରା ପରେ ଏବେ ସମସ୍ତଙ୍କ ଛାତି ଧଡ଼ଧଡ଼। ଗିରଫଦାରୀକୁ ଏଡ଼ାଇବା ପାଇଁ ମାସେ ଲୁଚକାଳି ଖେଳୁଥିବା ଶଙ୍କରକୁ



ଗତକାଲି ନେପାଳ ସୀମାନ୍ତରୁ ଧରି ଓଡ଼ିଶା ଆଣିଛି କ୍ରାଇମବ୍ରାଞ୍ଚ। ଆଉ ସିଣ୍ଡିକେଟର ଅନ୍ୟ ଦଲାଲଙ୍କୁ ସାମ୍ନାସାମ୍ନି ବସାଇ ମାରାଥନ୍ ଘଣ୍ଟାଚକଟା କରୁଛି। ଖତମ୍ ହେଲା ମାସକର ଲୁଚକାଳି। ଧରାପଡ଼ିଲେ ସେହି ମାଷ୍ଟରମାଇଣ୍ଡ। ଯାହା ଉପରେ ଥିଲା ସାରା ରାଜ୍ୟର ନଜର। ଶତାବ୍ଦୀର ସବୁଠୁ ବଡ଼ ସ୍କାମ୍ ପୋଲିସ ଏସଆଇ ନିଯୁକ୍ତି କେଲେଙ୍କାରୀର ମୋଷ୍ଟ ୱାଣ୍ଟେଡ୍ ଖେଳାଳୀ। ଖାଲି ସେ ଧରାପଡ଼ିନାହାଁନ୍ତି। ବରଂ କହୁ କହୁ ଉଗାରିଛନ୍ତି ନିଯୁକ୍ତି କେଲେଙ୍କାରୀ ପଛର ମହାଗୁମର। ପୂର୍ବ ସରକାର ଅମଳରେ ହଜାରେ କୋଟି ଟଙ୍କାର ଡିଲ୍ ସଂପର୍କରେ ଦେଇଛନ୍ତି ବଡ଼ ଇସାରା। କେବଳ ଏତିକି ନୁହେଁ, କେଲେଙ୍କାରୀ ପଛର ଷଡ଼ଯନ୍ତ୍ରକାରୀଙ୍କ ସଂପର୍କରେ ବି ଖୁଲାସା କରିବି ବୋଲି ସ୍ପଷ୍ଟ କରିଛନ୍ତି। ଗଞ୍ଜାମ ଚମାଖଣ୍ଡି ଅଞ୍ଚଳର ଶଙ୍କର ପୃଷ୍ଟି, ପଞ୍ଚ ସଫ୍ଟ କମ୍ପାନୀର ମୁଖ୍ୟ। ସେପଟେମ୍ବର ୩୦। ପୋଲିସ ଏସଆଇ ନିଯୁକ୍ତି ଦୁର୍ନୀତି ସଂପର୍କରେ ଖୁଲାସା ପରଠୁ ଗିରଫଦାରୀକୁ ଏଡ଼ାଇବା ପାଇଁ ଖସି ବୁଲୁଥିଲେ ଏ ରାଜ୍ୟରୁ ସେ ରାଜ୍ୟ। ଆଉ ଶେଷରେ ପହଞ୍ଚିଯାଇଥିଲେ ନେପାଳରେ। ସେଠାରୁ ସେ ନେପାଳ ବର୍ଡର ଦେଇ ଦୁବାଇ ଖସିଯିବାକୁ ଯୋଜନା ଚଳାଇଥିଲେ। ଶେଷରେ ଶଙ୍କର ପୃଷ୍ଟିର ଗତିବିଧି ଉପରେ କଡ଼ା ନଜର ରଖିଥିବା କ୍ରାଇମବ୍ରାଞ୍ଚ ଶନିବାର ନେପାଳ ସୀମାନ୍ତ ଉତ୍ତରାଖଣ୍ଡରୁ ଗିରଫ କରି ଆଜି ଓଡ଼ିଶା ଆଣିଛି।

▶▶ପୃଷ୍ଠା ୭

## ୧୦୦୦ ଲିଟର ପୋଚ ଜବତ କଲା ପୁଲିସ

ଭଦ୍ରକ, ୨/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଗୁଆମାଳ ପଂଚାୟତ ଅଧୀନ ଭୂୟାଁଉଆସ ଗ୍ରାମରେ ରବିବାର ତିହିଡ଼ି ପୋଲିସ ଚଢ଼ାଉ କରି ୧ହଜାର ଲିଟର ପୋଚ ନଷ୍ଟ କରିଛି । ଭୂୟାଁଉଆସ ଗ୍ରାମର ଏକ ଜଙ୍ଗଲିଆ ସ୍ଥାନରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ସେହି ସ୍ଥାନରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ପୂର୍ବରୁ ଦେଶୀମଦ ପ୍ରସ୍ତୁତକାରୀମାନେ ଫେରାର ହୋଇଯାଇଥିବାରୁ ପୋଲିସ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇନଥିବା ଜଣାଯାଇଛି। ପୋଚ ଦେଶୀ ମଦ ପ୍ରସ୍ତୁତରେ ବ୍ୟବହାର ପାଇଁ ଥିଲାବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ଚେହେରା ଓ ବେଶ ବଦଳାଇ ଫେରିବାକୁ ଚାହୁଁଛି ଜଙ୍ଗଲ ରାଜ : ଅମିତ ଶାହ

ନୂଆଦିଲ୍ଲୀ,୨/୧୧ : ବିହାର ବିଧାନସଭା ନିର୍ବାଚନ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରିଛି। ଏନଡିଏ ଏବଂ ମହାମେଂଟ ଉଭୟ ମୋର୍ଚ୍ଚାରେ ବାକ୍ ଯୁଦ୍ଧ ତୀବ୍ର ହୋଇଛି। ଏହି ସମୟରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ନ୍ୟୁଜ୍ ଚ୍ୟାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ତେଜସ୍ୱୀ ଯାଦବ, ନୀତିଶ କୁମାର, ପ୍ରଶାନ୍ତ କିଶୋରଙ୍କ ଠାରୁ ଆରମ୍ଭ କରି ନକ୍ସଲବାଦ, ପ୍ରବାସ ଏବଂ ଅନୁପ୍ରବେଶ ପର୍ଯ୍ୟନ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଓ ଗଣତି ମଣତି: ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୨/୧୧ (ନି.ପ୍ର): ରତ୍ନଭଣ୍ଡାର ଭିତରେ ହେବ ଗଣତି ମଣତି। ଏନେଇ ଖୁବ ଶୀଘ୍ର ଆସିବ ଏସଓପି। ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଶ୍ରୀକ୍ଷେତ୍ରର ବିକାଶ ପାଇଁ ସମୀକ୍ଷା ହୋଇଛି। କାମ ଆରମ୍ଭ ହୋଇଛି। ଆଗାମୀ ୧୧ ତାରିଖରେ ଶ୍ରୀମନ୍ଦିର ବିକାଶ ନେଇ ସମୀକ୍ଷା ବୈଠକ ହେବ। କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଓ ଗଣତି ମଣତି ହେବ। ଶୃଙ୍ଖଳିତ ଦର୍ଶନ ହେଲେ କୌଣସି ଅସୁବିଧା ହେବ ନାହିଁ। ଭକ୍ତଙ୍କୁ ଅନୁରୋଧ ଦର୍ଶନ ସମୟରେ ତରବର ନହୋଇ ମନ୍ଦିର ପ୍ରଶାସନ ପକ୍ଷରୁ ଯାହା ବ୍ୟବସ୍ଥା ହୋଇଛି ସହଯୋଗ କରନ୍ତୁ।

# ମହାରାଷ୍ଟ୍ର ରାଜନୀତିରେ ପୁଣି ହଲଚଲ: ମେଣ୍ଟରେ ଲଢ଼ିବେ ଉଦ୍ଧବ ଠାକ୍‌ରେ ଓ ଅଜିତ୍ ପାୱାରଙ୍କ ପାର୍ଟି

ନୂଆଦିଲ୍ଲୀ,୨/୧୧ : ମହାରାଷ୍ଟ୍ର ରାଜନୀତି କିଛିଦିନ ଧରି ସ୍ଥିର ରହିବା ପରେ ପୁଣି ହଲଚଲ ଆରମ୍ଭ ହୋଇଛି । ଉଦ୍ଧବ ଠାକରେଙ୍କ ଶିବସେନା ଓ ଅଜିତ୍ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଆଗାମୀ ପଞ୍ଚାୟତ ନିର୍ବାଚନରେ ମେଣ୍ଟରେ ଲଢ଼ିବେ ବୋଲି ଔପଚାରିକ ଭାବେ ଘୋଷଣା କରିଛନ୍ତି । ଦୁଇ ଦଳ ମଧ୍ୟରେ ଏଭଳି ନିଷ୍ପତ୍ତି ରାୟଗଡ଼ ଜିଲ୍ଲାର କର୍ଜତରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକ ପରେ ସ୍ଥିର ହୋଇଛି



କି, ଜିଲ୍ଲାର ଆଗାମୀ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଓ ନଗର ପରିଷଦ ନିର୍ବାଚନରେ ମେଣ୍ଟରେ ଲଢିବେ । ରାୟଗଡ଼ରେ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ଓ ଅଜିତ ପାୱାରଙ୍କ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ହେବ ରାଜନୈତିକ ଲଢ଼େଇ ଜାରି ରହିଛି । ଏହାକୁ ପାଲକମନ୍ତ୍ରୀ ପଦ ବିବାଦ ବୋଲି ସମସ୍ତେ ଜାଣିଛନ୍ତି । ରାଷ୍ଟ୍ରବାଦୀ କଂଗ୍ରେସ ସାଂସଦ ସୁନିଲ ତଟକରେ ଓ ଏକନାଥ ସିନ୍ଦେ ଗୋଷ୍ଠୀର ନେତା ଭରତ ଗୋଗାବଲେ ମଧ୍ୟରେ ଲଗାତାର ଭାବେ ଆରୋପ ପ୍ରତ୍ୟାରୋପ ଚାଲିଛି । ଯାହାକୁ ନେଇ ଏକନାଥ ସିନ୍ଦେ ଓ ଅଜିତ ପାୱାରଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ଶନିବାର ଦିନ ରେଡିସନ ବ୍ଲୁ ହୋଟେଲରେ ଅଜିତ ପାୱାରଙ୍କ ଦଳର ବରିଷ୍ଠ ନେତା ଓ ଉଦ୍ଧବ ଠାକରେ ଗୋଷ୍ଠୀର ବରିଷ୍ଠ ନେତାଙ୍କ ଏକ ବୈଠକ ହୋଇଥିଲା । ଏଠାରେ ମିଳିତ ଭାବେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନିଆଯାଇଛି । ଗତ ନିର୍ବାଚନରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସୁଧାକର ଘାରେ ସ୍ୱାଧୀନ ଭାବେ ନିର୍ବାଚନ ଲଢି ଅଳ୍ପ ଭୋଟ ଅନ୍ତରରେ ପରାଜିତ ହୋଇଥିଲେ । ସେହିଭଳି ଉଦ୍ଧବ ଠାକରେଙ୍କ ଶିବସେନା ତରଫରୁ ନୀତିନ ସାୱନ୍ତ ତୃତୀୟ ସ୍ଥାନରେ ଥିଲେ । ଏବେ ଉଭୟ ଦଳ ଏକାଠି ନିର୍ବାଚନ ଲଢି ଏକନାଥ ସିନ୍ଦେ ଗୋଷ୍ଠୀକୁ

▶▶ପୃଷ୍ଠା ୭

## ଚର୍ଚ୍ଚାରେ ନେତାଙ୍କ ଭୋଟ ପ୍ରଚାର: ମାଛ ଧରାଳୀଙ୍କ ସହ ପୋଖରୀରେ ରାହୁଲ

ନୂଆଦିଲ୍ଲୀ,୨/୧୧ : ବିହାର ବିଧାନସଭା ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଦଳର ନେତାମାନେ ଜନସାଧାରଣଙ୍କୁ ପ୍ରଭାବିତ କରିବା ପାଇଁ ସେତିକି ଭିନ୍ନଭିନ୍ନ ଉପାୟମାନ ଅପଣାଉଛନ୍ତି। ଏହି କ୍ରମରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଘଟଣାରୁ ଜଣାପଡ଼ିଛି ଯେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବେଗୁସରାଇ ଜିଲ୍ଲାରେ ବିହାର ବିଧାନସଭା ନିର୍ବାଚନର ପ୍ରଚାର ପାଇଁ ପହଞ୍ଚିଥିଲେ। ଏହି ସମୟରେ ସ୍ଥାନୀୟ ମାଛଧରାଳି ମାଛ ଧରିବାପାଇଁ ପ୍ରସ୍ତୁତ ହେଉଥିବାବେଳେ ରାହୁଲ ବି ଉକ୍ତ ସ୍ଥାନରେ ଅଟକି ସ୍ଥାନୀୟ ବାସିନ୍ଦାଙ୍କ ସହିତ ମିଶି ମାଛ ଧରିବା ପାଇଁ ପୋଖରୀ ଭିତରକୁ ପଶିଥିଲେ।



ରାହୁଲଙ୍କୁ ପୋଖରୀ ଭିତରକୁ ପଶିବା ଦେଖି ଆଖପାଖର ଲୋକମାନେ ଉଚ୍ଚ ସ୍ୱରରେ ନାରା ଦେଇ କହିଥିଲେ, ' ରାହୁଲ ଗାନ୍ଧୀ ଜିନ୍ଦାବାଦ.... ରାହୁଲ ଗାନ୍ଧୀ ଜିନ୍ଦାବାଦ ଜିନ୍ଦାବାଦ। କଂଗ୍ରେସ ପାର୍ଟି ଜିନ୍ଦାବାଦ, ଆପଣଙ୍କ ନେତା କେମିତି... ରାହୁଲ ଗାନ୍ଧୀଙ୍କ ଯେମିତି... ଜିନ୍ଦାବାଦ ଜିନ୍ଦାବାଦ।'

# ଏଆଇଟିୟୁସି ପ୍ରତିଷ୍ଠା ଦିବସରେ ୧୦ ଘଣ୍ଟା କାର୍ଯ୍ୟ ସମୟକୁ ବିରୋଧ

ଜୟପୁର, ୧/୧୧ (ନି.ପ୍ର): ଏଆଇଟିୟୁସି ର ୧୦୬ ତମ ପ୍ରତିଷ୍ଠା ଦିବସ ଅବସରରେ ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ସଂଗଠନ ର ଲାଲ୍ ପତାକାକୁ ବରିଷ୍ଠ ଶ୍ରମିକ ନେତା ଶ୍ରୀ ଯୁଧିଷ୍ଠିର ରାଉଳ ଉତ୍ତୋଳନ କରିବା ପରେ ସମବେତ କର୍ମୀ ମାନେ ଏକ ଶୋଭାଯାତ୍ରା ରେ ସହର ପରିକ୍ରମା କରି ଯୁଗ୍ମ ଶ୍ରମ କମିଶନର ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟତଃ ଗତ କିଛି ଦିନ ତଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ପ୍ରେସ ବିଜ୍ଞପ୍ତି ରେ କହିଛନ୍ତି ଯେ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ସମୟ ଧାର୍ଯ୍ୟ ଆଠ ଘଣ୍ଟା କୁ ବଢାଇ ୧୦ ଘଣ୍ଟା କରିବା ଏବଂ ମହିଳା ଶ୍ରମିକ କର୍ମଚାରୀ ମାନେ ବ୍ୟବସାୟ ପ୍ରତିଷ୍ଠାନ, ଅଫିସ୍ ଦପ୍ତର ରେ ରାତିରେ ମଧ କାମ କରିପାରିବେ। ଆନ୍ତର୍ଜାତିୟ ସ୍ତରରେ ରକ୍ତକ୍ଷୟୀ ସଂଗ୍ରାମ ପରେ ଆଠ ଘଣ୍ଟା କାର୍ଯ୍ୟ ସମୟ ଧାର୍ଯ୍ୟ ହୋଇଛି। ତାକୁ କର୍ପୋରେଟ ଜଗତର ସ୍ୱାର୍ଥରେ ଏବଂ ଚାପରେ ୧୦ ଘଣ୍ଟା କରିବା ପାଇଁ ଉଭୟ ମୋଦୀ ସରକାର ଓ ମୋହନ ମାଝୀ ସରକାର ଯୋଜନା କରୁଛନ୍ତି । ତଳଦିନେ ବଡ଼ ବଡ଼ କମ୍ପାନୀ ମାଲିକ ମାନେ କର୍ମଚାରୀ ମାନଙ୍କୁ ୧୨ ଘଣ୍ଟା କାମ କରିବା ପାଇଁ ଯୁକ୍ତି ମଧ ବାଢ଼ିଥିଲେ । ଏଆଇଟିୟୁସି ସମେତ ରାଜ୍ୟ ଓ ଦେଶର ଶ୍ରମିକ ସଂଗଠନ ମାନେ ଏହାର ଘୋର ବିରୋଧ କରିଛନ୍ତି। ଗୋଟିଏ ପଟେ ବେକାରୀ ସମସ୍ୟା ବୃଦ୍ଧି ପାଇଛି । ଆଉଟ୍ ସୋର୍ସିଙ୍ଗ୍, ଠିକାରେ କାମ ଚାଲିଛି। ଏଣୁ କାର୍ଯ୍ୟ ସମୟ ନବଢେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବରଂ କାର୍ଯ୍ୟ ନିର୍ଘଣ୍ଟ ସମୟ କମ୍ କରି ଦୈନିକ ଛ' ଘଣ୍ଟା କରିବା ପାଇଁ ଦାବି ହେଉଛି। ରାଜ୍ୟ ରେ ମହିଳା ମାନେ ସୁରକ୍ଷିତ ନଥିବା ବେଳେ ଅଫିସ ଦପ୍ତର ବ୍ୟବସାୟ ପ୍ରତିଷ୍ଠାନ ରେ ରାତିରେ କାମ କରିବା ପାଇଁ ଆଇନ ଆଣିବା କଥା ମଧ ମୋହନ୍ ମାଝୀ ଙ୍କ ସରକାର ଘୋଷଣା କରିଛନ୍ତି। ତାକୁ ତୀବ୍ର ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ଉପ ଶ୍ମ ସଂସ୍ଥାପକ ଶ୍ରୀ ବୃନ୍ଦାବନ ସେଠୀ ଙ୍କ ଜରିଆରେ ପ୍ରଦାନ କରାଯାଇଛି। ଯଦି ରାଜ୍ୟ ସରକାର ଏହି ନିଷ୍ପତ୍ତି କୁ ପ୍ରତ୍ୟାହାର ନ କରନ୍ତି ତାହେଲେ ଡିସେମ୍ବର ୩,୪, ୫ ତିନି ଦିନ ଧରି ରାଜଧାନୀ ଭୁବନେଶ୍ୱର ରେ ସମୂହ ଧାରଣା ଦିଆଯିବ ବୋଲି ଏଆଇଟିୟୁସି ରାଜ୍ୟ କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ପ୍ରକାଶ କରିଛନ୍ତି। ଡିଏଲସି ମହୋଦୟ ଙ୍କ ସହ କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା, ଲେବର କାର୍ଡ ସମସ୍ୟା ମଧ ଆଲୋଚନା କରାଯାଇଥିଲା। ଆଜିର ବିକ୍ଷୋଭ କୁ ଉତ୍ତମ ମଲ୍ଲିକ, ରାମକୃଷ୍ଣ ଦାସ, ସୁଦର୍ଶନ ବିଷୋୟୀ,ବସନ୍ତ ବେହେରା, ଡମ୍ବୁଣି ପାତ୍ର, ଶାନ୍ତିମଣି ଖରା, ପ୍ରମିଳା ଭୂମିଆ, ନନ୍ଦ କୁମାର ପ୍ରମୁଖ ନେତୃତ୍ୱ ଦେଇ ଶୃଙ୍ଖଳାର ସହ ସମାପ୍ତ କରିଥିଲେ ।

# ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ମାଲକାନଗିରି, ୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି । ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦେଶ ସ୍ୱାଧୀନତା ହେବାର ଅନେକ ବର୍ଷ ପରେ ମଧ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଆଜି ମଧ ଦୁର୍ନୀତି ଲୋପ ପାଇ ନାହିଁ । ଆବଶ୍ୟକତା ଠାରୁ ଅଧିକ ଲୋଭ ହିଁ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି । ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ।

# ଏଆଇଟିୟୁସିର ୧୦୬ ତମ ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, ୧/୧୧ (ନି.ପ୍ର): ପରାଧୀନ ଭାରତବର୍ଷରେ ପ୍ରତିଷ୍ଠିତ ପ୍ରଥମ ଶ୍ରମିକ ସଂଗଠନ ଏଆଇଟିୟୁସି (ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ୍ କଂଗ୍ରେସ୍)ର ୧୦୬ ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଏଆଇଟିୟୁସି ର ସଭାପତି ଭାଗବତ ପ୍ରତିହାରୀ ଅଧକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ତଥା ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଗତ ୧୯୨୦ମସିହା ଅକ୍ଟୋବର ୩୧ ତାରିଖରେ ଆମ ଦେଶର ପ୍ରଥମ ସର୍ବଭାରତୀୟ ଶ୍ରମିକ ସଂଗଠନ ଗଠନ ଓ ଦୀର୍ଘ ୧୦୬ ବର୍ଷର ଗୌରବମୟ ସଂଗ୍ରାମର ସୂଚନା ଦେଇଥିଲେ। ନିଜ ପେଟପାଟଣା ଦାବି ସହ ବ୍ରିଟିଶ୍ ସରକାର ବିରୋଧରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାରେ ଶ୍ରମିକମାନେ ସେମାନଙ୍କର ଗୁରୁଦାୟିତ୍ୱ ବହନ କରିଥିଲେ। ଦେଶର ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଣୀତ ଆଇନଗୁଡ଼ିକୁ ବର୍ତ୍ତମାନର ଡବଲ ଇଂଜିନ୍ ସରକାର ସଂଶୋଧନ କରି ପୁଞ୍ଜିପତି ମାଲିକମାନଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାର ଗତ ମାସରେ ଦୈନିକ କାର୍ଯ୍ୟସମୟ ଆଠଘଣ୍ଟାରୁ ଦଶଘଣ୍ଟାକୁ ବୃଦ୍ଧି କରିଛନ୍ତି ଓ ମହିଳାମାନେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ରାତ୍ରି ସମୟରେ କାମ କରିବାକୁ ଅଧାଦେଶ ଜାରି କରିଛନ୍ତି। ଏହାକୁ ଏଆଇଟିୟୁସି ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ବିରୋଧ କରୁଛନ୍ତି। ଆସନ୍ତା ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ବିଧାନସଭା ସମ୍ମୁଖରେ ଶ୍ରମିକ ସମାବେଶ ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଆହ୍ୱାନ ଦେଇଛନ୍ତି। ଏହି ସମାବେଶରେ ସମସ୍ତ ଶ୍ରମଜୀବୀ ଜନଗଣ ଯୋଗଦେବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଥିଲେ। ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ବାରିକ, ବିଦ୍ୟୁତ୍ ଶ୍ରମିକ ନେତା ଭରତ ଚନ୍ଦ୍ର ସେଠୀ, ଉଠାଜଳ ସେଚନ ନିଗମରୁ ଶରତ ଚନ୍ଦ୍ର ଦଳାଇ, ପ୍ରତିରକ୍ଷା ଠିକା କର୍ମଚାରୀ ସଂଘରୁ ଅରୁଣ ମଣ୍ଡଳ, ଉତ୍କଳ ମହିଳା ସମିତି ନେତ୍ରୀ ବନ୍ଦନା ବିଶ୍ୱାସ, ବିର୍ଲା ଟାୟାର୍ସ ଶ୍ରମିକନେତା ଦୁକୁଲ ଚନ୍ଦ୍ର ଘଡ଼ାଇ, ରିକ୍ସା ଚାଳକ ସଂଘରୁ ସୁଦର୍ଶନ ବାରିକ୍, ଏମ୍.ଇ.ଏସ୍. ସଂଘର ସଭାପତି ଦେବବ୍ରତ ଜେନା ଓ ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବର୍ତ୍ତମାନର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶ୍ରମଜୀବୀମାନେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଏଆଇଟିୟୁସିର ଦିବଂଗତ ସାଧାରଣ ସଂପାଦକ ତଥା ପୂର୍ବତନ ସାଂସଦ ଗୁରୁଦାସ ଦାସଗୁପ୍ତାଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ସ୍ୱର୍ଗତ ଦାସଗୁପ୍ତାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ପ୍ରଦାନ କରିଥିଲେ। ସକାଳ ୯ଟା ବେଳେ ଏଆଇଟିୟୁସିର ଲାଲ୍ ପତାକା ଉତ୍ତୋଳନ ସମୟରେ ଓ ସନ୍ଧ୍ୟା ସଭାରେ ଯୋଗ ଦେଇଥିବା ସମସ୍ତ ସାଥୀମାନଙ୍କୁ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ଆଇଆଇଏମ ସମ୍ବଲପୁର ପକ୍ଷରୁ ଭାରତର ପ୍ରଥମ ଡୁଆଲ-ଡିଗ୍ରୀ ପାଠ୍ୟକ୍ରମ ପ୍ରଶିକ୍ଷଣ ଆରମ୍ଭ

ସମ୍ବଲପୁର, ୧/୧୧ (ନି.ପ୍ର): ଭାରତର ପ୍ରମୁଖ ମ୍ୟାନେଜମେଂଟ ସଂସ୍ଥାନ ଆଇଆଇଏମ ସମ୍ବଲପୁର ପକ୍ଷରୁ ଭାରତର ପ୍ରଥମ ଡୁଆଲ୍-ଡିଗ୍ରୀ ପ୍ରୋଗ୍ରାମ୍ ଏକ୍ସିକ୍ୟୁଟିଭ୍ ପିଏଚଡି ଏବଂ ଡିବିଏ, (ବ୍ୟାଚ୍ ୨୦୨୪-୨୭) ଏବଂ ଏମବିଏ ଫିନ୍‌ଟେକ୍ ମ୍ୟାନେଜମେଣ୍ଟ (ବ୍ୟାଚ୍ ୨୦୨୪-୨୬) ର ଆୟୋଜିତ ହୋଇଯାଇଛି। ଏହି ଏକ୍ସିକ୍ୟୁଟିଭ୍ ପିଏଚଡି ଏବଂ ଡିବିଏ ଡୁଆଲ୍-ଡିଗ୍ରୀ ପ୍ରଗ୍ରାମ୍ ଫ୍ରାନ୍ସର ଆଏଇ ବୋର୍ଡୋ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ପ୍ରଦାନ କରାଯାଉଛି । ସେହିପରି ଏମବିଏ ଫିନ୍‌ଟେକ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଫ୍ରାନ୍ସର ସୋରବୋ ବିଜନେସ୍ ସ୍କୁଲ ସହ ମିଳିତ ଭାବରେ ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ଆଇଆଇଏମ ସମ୍ବଲପୁର ଆନ୍ତର୍ଜାତୀୟ ଶିକ୍ଷାନୁଷ୍ଠାନ ସହ ସାମିଲ ହେବା, ସମାବେଶୀ ଶିକ୍ଷା ଓ ନେତୃତ୍ୱ ସମ୍ବଳିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଏବଂ ଭାରତକୁ ବିଶ୍ୱ ମାନଚିତ୍ରରେ ପ୍ରବନ୍ଧନ ଶିକ୍ଷାର କେନ୍ଦ୍ର ଭାବରେ ଉପସ୍ଥାପନ କରିବା ଦିଗରେ ଆଗକୁ ବଢୁଛି । ଏହି ଅବସରରେ ନିଜ ଅଭିଭାଷଣରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହୋଦବ ଜୟସ୍ୱାଲ କହିଛନ୍ତି, "ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ-ବୃଦ୍ଧି ହେଉଥିବା ମୁଖ୍ୟ ଅର୍ଥନୀତି ଭାବେ ୬.୫ ପ୍ରତିଶତ ବୃଦ୍ଧିରେ ଆଗକୁ ବଢୁଛି। ଇତିହାସ ଆମକୁ ସ୍ମରଣ କରାଇଥାଏ ଯେ ଯେତେବେଳେ ଭାରତରେ ତକ୍ଷଶିଳା ଓ ନାଳନ୍ଦା ଭଳି ବିଶ୍ୱ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ନେତୃତ୍ୱ ନେଉଥିଲେ, ସେତେବେଳେ ଏହା ପୃଥିବୀର ମୋଟ ଜିଡିପିର ୩୩ ପ୍ରତିଶତ ଭାରତର ଯୋଗଦାନ ଦେଉଥିଲା ଯାହା ଶିକ୍ଷା ଓ ଅର୍ଥନୀତି ମଧ୍ୟରେ ଗଭୀର ସମ୍ପର୍କ ଥିବାକୁ ପ୍ରମାଣ କରେ । ଏକବିଂଶ ଶତାବ୍ଦୀର ଭାରତରେ ଆଇଆଇଏମ ଓ ଆଇଆଇଟି ଭଳି ସଂସ୍ଥା ନୂତନ ଓ ସମାବେଶୀ ଶିକ୍ଷା ଦିଗରେ ସାରା ବିଶ୍ୱ ଶିକ୍ଷାର ନେତୃତ୍ୱ ନେବେ । ଆଇଆଇଏମ ସମ୍ବଲପୁର ଲିଙ୍ଗଗତ ସମାନତା ଆଣିବାରେ ଭାରତର ପ୍ରଥମ ମ୍ୟାନେଜମେନ୍ଟ ସଂସ୍ଥାନ । ସେହିପରି କ୍ଲାସରୁମ ରେ ଏ ଆଇ କୁ ସମ୍ମିଳିତ କରିବାରେ ମଧ ପ୍ରଥମ । ପ୍ରଫେସର ମହାଦେବ ଜୟସ୍ୱାଲ ଆହୁରି କହିଛନ୍ତି ଯେ, ଆମେ କେବଳ ଏ ଆଇ କୁ ସ୍ୱୟଂଚାଳିତ କରୁନାହୁଁ ବରଂ ଶିକ୍ଷାରେ ସୃଜନଶୀଳତା, ନୀତିକୁ ବୃଦ୍ଧି କରିବା ଓ ନୂତନ ଶିକ୍ଷା ମଡେଲ୍ ତିଆରି କରିବା ପାଇଁ ବ୍ୟବହାର କରୁଛୁ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍, ହାଇଦ୍ରାବାଦର ନିର୍ବାହୀ ନିର୍ଦ୍ଦେଶକ ଓ ପ୍ରଫେସର ଚନ୍ଦନ ଚୌଧୁରୀ କହିଛନ୍ତି ଯେ "ଆମକୁ ଗବେଷଣା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ୟୁନିଫାୟାଡ ପେମେନ୍ଟ ଇନ୍ଟରପେସ ବା ୟୁପିଆଇର ଉଦୟ ଭାରତକୁ ବିଶ୍ୱର ଏକ ଫିନ୍‌ଟେକ୍ ଦିଗରେ ପରିଣତ କରିବା ସହ ସୁଗମ ଡିଜିଟାଲ୍ କାରୋବାର ସମ୍ଭବ କରାଇଛି ଓ ପୃଥିବୀ ପାଇଁ ମାନଦଣ୍ଡ ତିଆରି କରିଛି।" ଫ୍ରାନ୍ସ ସ୍ଥିତ ଆଏଇ ବୋର୍ଡୋ ବିଶ୍ୱବିଦ୍ୟାଳୟରର ସ୍କୁଲ ଅଫ ମ୍ୟାନେଜମେନ୍ଟ, ଡିବିଏର ପ୍ରୋଗ୍ରାମ୍ ଡାଇରେକ୍ଟର୍ ପ୍ରେଫେସର ଜର୍ଜ କାର୍ଡୋସୋ ଉଲ୍ଲେଖ କରିଛନ୍ତି ଯେ, ଏହି ଡୁଆଲ୍-ଡିଗ୍ରୀ ପ୍ରଗ୍ରାମ୍ ପ୍ରତିଭାଶାଳୀଙ୍କୁ ବିଶ୍ୱ ସ୍ତରୀୟ ସୁଯୋଗ ପ୍ରଦାନ କରିବା ଏବଂ ଆଗାମୀ ପିଢ଼ିଙ୍କ ପାଇଁ ନୂତନ ପଥକୁ ତିଆରି କରୁଛି ।

# ବ୍ୟବସାୟୀଙ୍କୁ ଅପହରଣ ଘଟଣା ୪ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ : ଜଣେ ସନ୍ଦେହରେ ଅଟକ



ବୈଶିଙ୍ଗା, ୧/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୋଗଲ ଠାରେ ଥିବା କାମଧେନୁ ରାଇସ ମିଲର ମାଲିକ ବିଶିଷ୍ଟ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲଙ୍କ ଅପହରଣ ଘଟଣାରେ ୪ ଅଭିଯୁକ୍ତ ଗିରଫ କରିଛି ପୁଲିସ। ସୂଚନା ମୁତାବକ ଅକ୍ଟୋବର ୨୩ ତାରିଖ ଦିନ ବ୍ୟବସାୟୀ କୌଣସି କାର୍ଯ୍ୟ ପାଇଁ ବାଲେଶ୍ୱର ଯାଉଥିବା ସମୟରେ ୧୮ ନଂ ଜାତୀୟ ରାଜପଥ ପଦ୍ମନାଭପୁର ଟୋଲ ଗେଟ ନିକଟରେ ଏକ ବୁଲେଟ ଯୋଗେ ୨ ଜଣ ବ୍ୟକ୍ତି ତାଙ୍କ କାରକୁ ଅଟକାଇ ଥିଲେ ଏବଂ କାର ରୁ ବଳପୂର୍ବକ ବାହାରକୁ ଆଣିଥିଲେ। ପରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରିନେଇଥିଲେ ଏବଂ ତାଙ୍କୁ ଅଶୀ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଟଙ୍କା ଦେଇନପାରିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବ୍ୟବସାୟୀ ଜଣକ ଟଙ୍କା ଯୋଗାଡ଼ ପାଇଁ ନିଜ ମ୍ୟାନେଜରଙ୍କୁ ଫୋନ୍ ଯୋଗେ କହିଥିଲେ କିନ୍ତୁ ମ୍ୟାନେଜର ଏବଂ ପରିବାର ଲୋକେ ଚାଳିଶ ଲକ୍ଷ ଟଙ୍କା ଯୋଗାଡ଼ କରିବାରେ ସମର୍ଥ ହୋଇପାରିଥିଲେ। ଅଭିଯୁକ୍ତମାନେ ଉକ୍ତ ବ୍ୟବସାୟୀଙ୍କ ଠାରୁ ସେହି ଚାଳିଶ ଲକ୍ଷ ଟଙ୍କା ନେଇ ପଦ୍ମନାଭପୁର ଟୋଲ ଗେଟ ନିକଟକୁ ଆସିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ଚାଳିଶ ଲକ୍ଷ ଟଙ୍କା ନେଇ ବ୍ୟବସାୟୀଙ୍କୁ ଛାଡି ଦେଇଥିଲେ। ବ୍ୟବସାୟୀ ଜଣକ ଚିକିସିତ ହେବା ପରେ ଭୟଭୀତ ହୋଇ ଏ ନେଇ ୩୧ ତାରିଖ ଦିନ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଆଧାର କରି ମୟୁରଭଞ୍ଜ ଏସ. ପି ବରୁଣ ଗୁଣ୍ଟୁପାଲି ଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା, ବେତନଟୀ, ମୋରଡା ଓ ରୁପସା ପୁଲିସ ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଅଧୀନ ରୁପ୍ସା ଥାନା ଗଡ଼ପଦା ଅଞ୍ଚଳର ଜାହିରଉଦ୍ଦିନ ଖାନ ର ପୁଅ ଜାଫର ଅହମଦ ଖାନ ଓରଫ ଅରମାନ ଖାନ (୩୪) , ରୁପ୍ସା ଥାନା ଅଧୀନ ଆଗରବେରା ଗ୍ରାମର ସ୍ୱର୍ଗତ ଗୌରହରି ବାରିକଙ୍କ ପୁଅ ରାଜେଶ ବାରିକ ଓରଫ ରାଜା (୩୦,, ମିରିଗିମୁଣ୍ଡି ଗ୍ରାମର କାନ୍ହା ଚରଣ ବେହେରାଙ୍କ ପୁଅ ଭବେଶ ଚନ୍ଦ୍ର ବେହେରା ଓରଫ ଦେବା (୧୯) ଏବଂ ହାତିଆଡ଼ିହା ଅଞ୍ଚଳର ବଳରାମ ରାଉତଙ୍କ ପୁଅ ଦିଲ୍ଲୀପ ରାଉତ ଓରଫ ଚିଣ୍ଟୁ (୨୦)ବୋଲି ପ୍ରେସ ମିଟରେ ଏସ .ପି .ପ୍ରକାଶ କରିଛନ୍ତି। ତାଙ୍କ ନିକଟରୁ ପୁଲିସ ନଗଦ ୮ ଲକ୍ଷ ଚଉଷଠି ହଜାର ସାତ ସହ ଟଙ୍କା ସହିତ ଜେଏଚ୧୦ସିଏନ ୦୫୨୨ ବିଶିଷ୍ଟ ଏକ କିଆ ସେଲଟ୍ରୋସ, ଓଡି୦୧ ଏ ଏଲ ୫୩୨୪ ବିଶିଷ୍ଟ ଏକ ହୁଣ୍ଡାଇ କ୍ରେଟା, ୪ ଟି ତେଲେଙ୍ଗା କଟୁରୀ, ୭ ଟି ମୋବାଇଲ ଫୋନ ଜବଦ କରିଛି ।ଅଧିକ ତଦନ୍ତ ପାଇଁ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ସନ୍ଦେହରେ ଅଟକ ରଖିଛି । ତେବେ ବ୍ୟବସାୟୀକ ଶତ୍ରୁତା ପାଇଁ ଏଭଳି ଘଟଣା ଘଟିଛି ବୋଲି ପ୍ରେସ ମିଟରେ ଏସ. ପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି ।ପ୍ରେସ ମିଟ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ.ପି. ଦୀପକ ଗୋଛାୟତ ,ଏସ ଡି ପି ଏ ମିନତୀ ବିଶ୍ୱାଳ , ବୈଶିଙ୍ଗା ଥାନାଧିକାରୀ ବାହାଣୀ ଦାସ ପ୍ରମୂଖ ଉପସ୍ଥିତ ରହିଥିଲେ । ଏହି ଘଟଣାରେ ଆଉ ୫ ଜଣଙ୍କ ସମ୍ପୃକ୍ତି ଥିବା ବେଳେ ବାରିପଦାର ଜଣେ ସହଯୋଗୀ ଥିବା ପ୍ରେସ ମିଟ ରେ ଏସ. ପି ସୂଚନା ଦେଇଛନ୍ତି । ପରବର୍ତ୍ତୀ ଅପରେସନ ପରେ ବିସ୍ତୃତ ବିବରଣୀ ପ୍ରକାଶ କରାଯିବ ବୋଲି ଆଶ୍ୱାସନା ମିଳିଛି ।

# ଅମାନୁଷିକତାର ସବୁ ସୀମା ଟପିଗଲେ ବସ୍ ଚାଳକ

କେନ୍ଦୁଝର, ୨/୧୧ (ନି.ପ୍ର): ବର୍ବରତା ଏବଂ ଅମାନୁଷିକତାର ସବୁ ସୀମା ଟପିଲେ ବସ ଚାଳକ। ପ୍ରଥମେ ଗାଡ଼ି ଚଢ଼ାଇ ଜୀବନ ନେଲେ, ପରେ ଗାଡ଼ି ପଛରେ ମୃତ କୁକୁରକୁ ବାନ୍ଧି ଘୋଷାଡ଼ିଲେ। ଏଭଳି ବର୍ବରର ଏବଂ ଅମାନୁଷିକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ କାଦକଳା ଗାଁରେ ଆଜି କାଦକଳାରୁ କେନ୍ଦୁଝର ଯାଉଥିବା ଶୁଭମ୍ ନାମକ ଏକ ଘରୋଇ ବସ୍ ଚକା ତଳେ ଏକ କୁକୁରକୁ ମଡ଼ାଇ ଦେଇଥିଲା ବସ୍‌ର ଡ୍ରାଇଭର। ଦୁଃଖର ବି ବିଷୟ ଏହି ଯେ, ଏହି କୁକୁରର ମୃତ୍ୟୁ ପରେ ୪ରୁ ୬ଟି ଛୁଆ ମା'ଛେଉଣ୍ଡ ହୋଇଗଲେ। ଗାଡ଼ି ଚକା ତଳେ କୁକୁରର ଜୀବନ ଚାଲିଗଲା ପରେ, ବର୍ବରତାର ସୀମା ଟପିଲେ ବସ୍ କର୍ମଚାରୀ। ମୃତ କୁକୁରକୁ ବସ୍ ପଛ ପଟେ ବାନ୍ଧି ଘୋଷାଡ଼ିଲେ, ଯାହାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଭଳି ଦୃଶ୍ୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମନରେ ଗଭୀର ଦୁଃଖ ଆଣି ଦେଇଛି।

# ବଡ଼ ବଜାରଠାରେ ମାଆ ଜଗଦ୍ଧାତ୍ରୀଙ୍କ ପୂଜାତ୍ସୋବ ଅନୁଷ୍ଠିତ

ଜଳେଶ୍ୱର, ୨/୧୧ (ନି.ପ୍ର): ଉପାନ୍ତ ସହର ଜଳେଶ୍ୱର ବଡ଼ ବଜାର ଠାରେ ମା ଜଗଦ୍ଧାତ୍ରୀଙ୍କ ପୂଜାତ୍ସୋବ ଖୁବ ଧୂମଧାମରେ ପାଳିତ ହେଉଛି। ଦୀର୍ଘ ୩୨ ବର୍ଷ ଧରି ସାର୍ବଜନୀନ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବୁଧବାର ଶୋଶୋଭିତ ପଟୁଆରରେ ଘଟତ୍ତୋଳନ କାର୍ଯ୍ୟକ୍ରମ, ଗୁରୁବାର ୩ଟି ପର୍ଯ୍ୟାୟରେ ସପ୍ତମୀ, ଅଷ୍ଟମୀ, ନବମୀ ପୂଜା ଓ ଯଜ୍ଞ ଆହୂତି ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ କମିଟିର ସଭାପତି ପ୍ରାକ୍ତନ ବିଇଓ ବନମାଳୀ ଧଳଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ମାତୃଶକ୍ତିଙ୍କ ସ୍ୱରୁପ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଅଫିସର ସଚିନ୍ଦ୍ର କୁମାର ପାଢ଼ୀଙ୍କୁ ସେବା ବୈଭବ ସମ୍ମାନରେ, ଉପାୟନ, ମାନପତ୍ର, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ତହସିଲ ଦାର ମହାଶୟଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂଜା କମିଟିର ନୂତନ ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଷାଧକ୍ଷ ରାମଭରଶ ସାହୁ, ଭରତ ମହାନ୍ତି, ସନ୍ତୋଷ ଗିରି, ରମାକାନ୍ତ ପ୍ରସାଦ, ଶ୍ରୀକାନ୍ତ ପ୍ରଶାଦ, ଅନିନ ଗୁପ୍ତା, ଅଖୟ ଜେନା, ନିଳାଦ୍ରୀ କର, ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ। ମୁଖ୍ୟ ପୂଜକ ଦେବବ୍ରତ ପାଣିଗ୍ରାହୀ ପୂଜାର୍ଚ୍ଚନାର ନେତୃତ୍ୱ ନେଉଥିବା ବେଳେ ପ୍ରଣବ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ମଧାହ୍ନରେ କମିଟି ପକ୍ଷରୁ ପ୍ରସାଦ ସେବନରେ ବ୍ୟବସ୍ଥା କରାଯାଇଥିଲା।

# ଖୁଣ୍ଟାପୁର ହାଇସ୍କୁଲରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ବୈଶିଙ୍ଗା , ୧/୧୧ (ନି.ପ୍ର): ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପୁର ପରିସରରେ ଶକ୍ତି କ୍ଲବ ଆନୁକୂଲ୍ୟରେ ଭାରପ୍ରାପ୍ତ ଶକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟ ଙ୍କ ନେତୃତ୍ୱ ରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ର କୁପରିଣାମ ଓ ଏହାର ବିକଳ୍ପ ତଥା ସମାଧାନ ଦିଗରେ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ସମ୍ପର୍କ ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତା ଦାଶ ଓ ରାଧୁ ସିଂ ନିଜର ବକ୍ତବ୍ୟ ସାଙ୍ଗକୁ ସ୍ଲାଇଡ୍ ପ୍ରଦର୍ଶନପୂର୍ବକ ବିଷୟଟିର ଭୟଭୟତାକୁ ପିଲାମାନଙ୍କୁ ବୁଝାଇଥିଲେ । ଶେଷରେ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଫଳ କରିବାରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନା ରାଣୀ ଜେନା, ବିଜୟ କୁମାର ସେଠି, ସ୍ନିଗ୍ଧା ଲେଙ୍କା, ଜୟନ୍ତୀ ମହାପାତ୍ର, ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# କୋମନା କୁରୁମପରୀ ପଂଚାୟତରେ ମନ୍ତ୍ରୀ ରବି ନାଏକଙ୍କ ନିର୍ବାଚନୀ ପ୍ରଚାର

ସମ୍ବଲପୁର/ନୂଆପଡ଼ା, ୨/୧୧ (ନି.ପ୍ର): ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମର୍ଥନରେ ପ୍ରଚାର ପ୍ରସାର ଜୋର୍ ଧରିବାକୁ ଲାଗିଲାଣି । ଜିଲ୍ଲା ମୁଖ୍ୟାଳୟରୁ ମଣ୍ଡଳ, ବୁଥ ଦେଇ ଲୋକଙ୍କ ଘର ପର୍ଯ୍ୟନ୍ତ ପହଂଚୁଛନ୍ତି ବିଜେପି ପ୍ରଚାରକ । ଆଜି ଏହି ଉଦ୍ଦେଶ୍ୟରେ କୋମନା ବ୍ଲକ କୁରୁମପରୀ ପଂଚାୟତ ଦଲଦଲି ଗ୍ରାମରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି । ନୂଆପଡାର ସର୍ବାଙ୍ଗୀନ ବିକାଶ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଜୟଯୁକ୍ତ କରାନ୍ତୁ ବୋଲି କହି ଭୋଟ ଭିକ୍ଷା କରିଛନ୍ତି ।ଏହି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାୟକ, ଗୌରୀ ଶଙ୍କର ମାଝୀ ଏବଂ ଅଖିଳ ଚନ୍ଦ୍ର ନାଏକଙ୍କ ସମେତ ସ୍ଥାନୀୟ ବିଜେପି ନେତୃବୃନ୍ଦ ସାମିଲ ହୋଇଥିଲେ ।

# ସେଲ୍, ଆରଏସପି ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଯାଞ୍ଚ ଶିବିରରୁ ଇସ୍ପାତ ସହରାଞ୍ଚଳର ୩୬୦ରୁ ଅଧିକ ଠିକା କର୍ମଚାରୀ ଉପକୃତ

ରାଉରକେଲା, ୨/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର (ଆରଏସପି) ଅନ୍ତର୍ଗତ ସହର ଇଞ୍ଜିନିୟରିଂ, ସହର ସେବା, ଉଦ୍ୟାନ କୃଷି, କ୍ରୀଡା ଏବଂ ଆଇଜିଏଚ ଅଧୀନରେ ନିୟୋଜିତ ୩୬୦ ରୁ ଅଧିକ ଠିକା କର୍ମଚାରୀ ଟାଉନ୍ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଅକ୍ଟୋବର ୩୧ ତାରିଖରେ ଅନୁଷ୍ଠିତ ସାମୟିକ ସ୍ୱାସ୍ଥ୍ୟ ଯାଞ୍ଚ ଶିବିରରୁ ଉପକୃତ ହୋଇଥିଲେ। ଏହି ଶିବିର ମାନବ ସମ୍ବଳ – କଣ୍ଟ୍ରାକ୍ଟ ଲେବର ସେଲ୍ ଦ୍ୱାରା ଇଏସଆଇ ଡିସପେନ୍ସରୀ ଏବଂ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ସହାୟତାରେ ପରିଚାଳିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଯାଞ୍ଚ ଶିବିରକୁ ଇଏସଆଇ ଡିସପେନ୍ସରୀ, ଇଏସଆଇ ମଡେଲ୍ ହସ୍ପିଟାଲ୍ ଏବଂ ଆଇଜିଏଚ (ଓଏଚଏସସି) ର ଡାକ୍ତର ଏବଂ ଟେକ୍ନିସିଆନ୍ମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ସିଜିଏମ ଶ୍ରୀ ମାନସ ରଞ୍ଜନ ରଥ, ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି.କେ. ଜୋଜୋ, ଲେଖା ଓ ବିତ୍ତ ବିଭାଗର ଜିଏମ ଇନ-ଚାର୍ଜ ମହମ୍ମଦ ଆଶ୍ରଫଙ୍କ ସହ ଆଇନ ବିଭାଗର ଡ଼ିଜିଏମ ଶ୍ରୀ ଆର.କେ. ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ମାନବ ସମ୍ବଳ (ସିଏଲସି) ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ୍ ସିନ୍ଦୁର ଏବଂ ଡେପୁଟି ମ୍ୟାନେଜର ଶ୍ରୀ ବିଜ୍ଞାନ ପାତ୍ର ଶିବିରର କାର୍ଯ୍ୟକାରିତା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଶ୍ରୀ ରଥ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏପରି ପଦକ୍ଷେପକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉପସ୍ଥିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଡାକ୍ତର ଏବଂ ଠିକା ଶ୍ରମିକଙ୍କ ସହ ଆଲୋଚନା ମଧ କରିଥିଲେ। ରୋଗର ପ୍ରଭାବକୁ ଚିହ୍ନଟ କରିବା ଏବଂ ରୋକିବା ସହ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପାଇଁ ମାନବଶକ୍ତିକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ବଡି ମାସ୍ ଇଣ୍ଡେକ୍ସ, ଉଚ୍ଚତା, ଓଜନ, ଚକ୍ଷୁ ପରୀକ୍ଷା, ରକ୍ତଚାପ, ଅନିୟମିତ ରକ୍ତ ଶର୍କରା, ଗୋଷ୍ଠୀକରଣ ଏବଂ ସାଧାରଣ ଯାଞ୍ଚ ଯେପରିକି ଶ୍ରବଣ ଏବଂ ପଲ୍ସ ହାର ଇତ୍ୟାଦି ବିଭିନ୍ନ ପରୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ମାଗଣାରେ ଔଷଧ ମଧ ପ୍ରଦାନ କରଯାଇଥିଲା।

# ବଡ଼ବିଲ୍ ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ

କେନ୍ଦୁଝର, ୧/୧୧ (ନି.ପ୍ର): ଲୌହ ମାନବ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥି ୩୧ ଅକ୍ଟୋବରକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଏ। ବଡ଼ବିଲ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହି ଦିବସଟି ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବଡ଼ବିଲ ଏସ୍ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ କୁମାର ନାୟକ, ବରଦା ପ୍ରସାଦ ସାହୁଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଏକତାର ନାରାଦେଇ ବଡ଼ବିଲ କିରିବୁରୁ ଛକ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ବଙ୍ଗଳା ଛକ, ମେନ ରୋଡ଼ ଓ ବାଟା ଛକ ହୋଇ ବିକାଶ ମହଲ ପର୍ଯ୍ୟନ୍ତ ଯାଇଥିଲା । ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡ଼ ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ଟ୍ରକ ମାଲିକ ସଙ୍ଘର ପୂର୍ବତନ ସଭାପତି ଦୟାଲ ସିଂ, କାଉଁନସିଲର ଧର୍ମେନ୍ଦ୍ର ମହାନ୍ତି ,ବଡ଼ବିଲ ସିଭିଲ ସୋସାଇଟି ର ସଦସ୍ୟ, ପ୍ରୟାସ ଗ୍ରୁପର ସଦସ୍ୟ, ବିଭିନ୍ନ ସ୍ୱୟଂ ସହାୟତା ଗୋଷ୍ଠୀ ର ମହିଳା,ବଡ଼ବିଲ ପୌର ପାଳିକା କର୍ମଚାରୀ, ଟ୍ରକ ମାଲିକ ସଙ୍ଘର ସଦସ୍ୟ, ବଡ଼ବିଲ ଶିଳ୍ପ ତାଲିମ କେନ୍ଦ୍ର, ମହାବିଦ୍ୟାଳୟ ଓ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓଁ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେପୂର୍ବରୁ ବଡ଼ବିଲ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ଛାତ୍ରଛାତ୍ରୀ ଙ୍କୁ ନେଇ ଡିବେଟ ପ୍ରତିଯୋଗିତା କରାଯାଇଥିଲା।




**ଭାରତୀୟ ଆୟୁର୍ବେଦରେ, କିଛି ସରଳ ଉପାଦାନ ଏତେ ଲାଭଦାୟକ ଯେ ଏହା ବଡ଼ ବଡ଼ ଗମ୍ଭୀର ରୋଗକୁ ମଧ୍ୟ ଦୂର କରିପାରିଥାଏ। ପାନ ପତ୍ର ଏପରି ଏକ ଔଷଧି। ତେବେ ଏହାର ବ୍ୟବହାର ଲୋକେ ଏବେ କମ୍ କରି ଦେଇଛନ୍ତି। ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ, ପାନ ପତ୍ର ସ୍ୱାଦ ବୃଦ୍ଧି କରିବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ। ଏହାର ଔଷଧୀୟ ଗୁଣ ମାନସିକ ଚାପ କମାଇବା, ପାଚନ ଶକ୍ତି ଉନ୍ନତ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।**

### ପୂଜାରେ ବ୍ୟବହୃତ :

ଯେତେବେଳେ ଲୋକମାନେ ମିଠା ଖାଇବାକୁ ଚାହାନ୍ତି, ସେମାନେ ଏକ ସୁସ୍ଥ ବିକଳ୍ପ ଭାବରେ ପାନ ପତ୍ରକୁ ବାଛନ୍ତି। ଧାର୍ମିକ ସମାରୋହରେ ପାନ ପତ୍ର ବ୍ୟବହାର କରାଯାଇଥାଏ। ପାନ ପତ୍ର କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ଅଛି ଯାହା ଅନେକ ଶାରୀରିକ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ପାନ ପତ୍ରର ଶୀତଳତା ପ୍ରଭାବ ଥାଏ ଏବଂ ଏହା ଏସିଡିଟି କିମ୍ବା ପେଟ ଫୁଲିବା, ପାଚନ, ଦାନ୍ତ ସମସ୍ୟା ଏବଂ ପାଟି ଦୁର୍ଗନ୍ଧରୁ ମୁକ୍ତି ପ୍ରଦାନ କରେ। ପାନ ପତ୍ରରେ ଭିଟାମିନ ସି, ରାଇବୋଫ୍ଲାଭିନ ଏବଂ କ୍ୟାରୋଟିନ ସହିତ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲମେଟରୀ, ଆନାଲଜେସିକ୍ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଥାଏ। ଏହା ପେଟ ରୋଗଠାରୁ ଆରମ୍ଭ କରି ଚର୍ମକୁ ଉନ୍ନତ କରିବା ପର୍ଯ୍ୟନ୍ତ ସବୁକିଛି ଚିକିତ୍ସା କରିବାରେ ସାହାଯ୍ୟ କରେ।

### ଦାନ୍ତ ହଳଦିଆ ପଡ଼ିବା କମ୍ କରେ:

ଦାନ୍ତ ବିନ୍ଧା, ମାଢ଼ିରୁ ରକ୍ତ ବାହାରିବା ଏବଂ ପାଇରିଆ ଭଳି ସମସ୍ୟା ପାଇଁ ପାନ ପତ୍ର ବହୁତ ଲାଭଦାୟକ। ପାନ ପତ୍ରରେ ଭିଟାମିନ୍ ସି ଥାଏ ଏବଂ ଏହାର ଏକ ଅନନ୍ୟ ସୁଗନ୍ଧ ଥାଏ। ସକାଳେ ଖାଲି ପେଟରେ ଗୋଟିଏ ପାନ ପତ୍ର ଚୋବାଇଲେ ମାଢ଼ି ମଜବୁତ ହୁଏ ଏବଂ ହଳଦିଆପଣ କମିଯାଏ। ପାନ ପତ୍ରରେ ଏକ ସ୍ୱତନ୍ତ୍ର ସୁଗନ୍ଧ ଥାଏ ଯାହା ପାଟିର ଦୁର୍ଗନ୍ଧ କମ କରିଥାଏ।

### ପାଚନ ପ୍ରଣାଳୀକୁ ମଜବୁତ କରେ:

ପେଟରେ ଭାରୀ ଅନୁଭବ କରୁଥିବା ଏବଂ ପାଚନ ସମସ୍ୟା ଅନୁଭବ କରୁଥିବା ଲୋକଙ୍କ ପାଇଁ ପାନ ପତ୍ର ଲାଭଦାୟକ। ପାନ ପତ୍ର ଖାଇବା ଦ୍ୱାରା ପାଚନ କ୍ରିୟା ମଜବୁତ ହୁଏ, ପେଟକୁ ଥଣ୍ଡା ହୁଏ ଏବଂ ଏସିଡିଟି କମିଯାଏ। ପାନ ପତ୍ର କେବଳ ଖାଦ୍ୟରେ ନୁହେଁ ବରଂ ମୁହଁରେ ଲଗାଇ ମଧ୍ୟ ବ୍ୟବହାର କରାଯାଇପାରିବ।

### ହୃଦରୋଗର ଆଶଙ୍କା ହ୍ରାସ କରେ:

ପାନ ପତ୍ର ହୃଦରୋଗର ଆଶଙ୍କା ମଧ୍ୟ କମାଇଥାଏ, କାରଣ ଏହା ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ, ଯାହା ଦ୍ୱାରା ହୃଦରୋଗ ସମ୍ବନ୍ଧୀୟ ରୋଗ ହ୍ରାସ ପାଇଥାଏ।

### କାଶରୁ ମୁକ୍ତି ଦିଏ:

ଯଦି ଆପଣ ଥଣ୍ଡାରେ ପୀଡିତ ଏବଂ ଆପଣଙ୍କ ଛାତିରେ କଫ ହେଉଛି, ତେବେ ପାନ ପତ୍ର ବ୍ୟବହାର କରାଯାଇପାରିବ। ରାତିରେ ଘିଅରେ ପାନ ପତ୍ର ଭିଜାଇ ଛାତିରେ ଲଗାଇବା ଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିଥାଏ। ଏହି ଆୟୁର୍ବେଦିକ ଉପଚାର ପିଲାମାନଙ୍କ ପାଇଁ ବ୍ୟବହାର କରାଯାଇପାରିବ। ପାନ ପତ୍ର ମାନସିକ ଚାପ କମ କରିବାରେ ମଧ୍ୟ ସାହାଯ୍ୟ କରେ । ପାନ ପତ୍ର ଚୋବାଇଲେ ସ୍ନାୟୁତନ୍ତ୍ରକୁ ଆରାମ ମିଳିଥାଏ, ମନୋଭାବ ହାଲକା ହେବା ସହିତ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ।

ଘର ଭିତରେ ଥିବା ପବନ କ'ଣ ଘାତକ କି? ନଭେମ୍ବର ମାସ ଆରମ୍ଭ ହେବା ସହିତ, ସାରା ଦେଶରେ ପାଗ ପରିବର୍ତ୍ତନ ହେବା ଆରମ୍ଭ ହୋଇଛି। କେଉଁଠି ଆକାଶ କଳା ମେଘରେ ଘୋଡ଼ାଇ ହୋଇଯାଉଛି ତ ଅନ୍ୟ କେଉଁଠି ସକାଳ କୁହୁଡ଼ି ଚାଦରରେ ଘୋଡ଼ାଇ ହୋଇଯାଉଛି। କୁହୁଡ଼ି ବିଷୟରେ କହିବାକୁ ଗଲେ, ନଭେମ୍ବର ମାସର କୁହୁଡ଼ିର ମୁଖ୍ୟ କାରଣ ହେଉଛି ବାୟୁ ପ୍ରଦୂଷଣ ଏବଂ ତାପମାତ୍ରାରେ ହ୍ରାସ।

ପାଗ ପରିବର୍ତ୍ତନ ସହିତ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଲୋକେ ପ୍ରାୟତଃ ବିଶ୍ୱାସ କରନ୍ତି ଯେ, ପ୍ରଦୂଷଣ କେବଳ ସେମାନଙ୍କ ଘର ବାହାରେ ରହିଥାଏ, କିନ୍ତୁ ଏହା ସତ ନୁହେଁ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଘର ଭିତରେ ପ୍ରଦୂଷଣ ମଧ୍ୟ ଘଟେ। ଧୂପକାଠି ଏବଂ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ସମାନ କ୍ଷତିକାରକ। ଏସବୁ ଘର ଭିତରର ବାୟୁ ପ୍ରଦୂଷଣ। ବିଶେଷଜ୍ଞମାନଙ୍କ ଅନୁସାରେ ଧୂପକାଠି ଭଳି ଜିନିଷରେ ଭୋଲାଟାଇଲ୍ ଜୈବ ଯୌଗିକ ରହିଥାଏ।

ଏହି ସ୍ଥାନଗୁଡ଼ିକରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଫୁସଫୁସ ପ୍ରଦାହ ଏବଂ ଲଗାତାର କାଶ ହୋଇପାରେ। ପୂର୍ବରୁ ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।




*ରୋଷେଇ ଘରର ଧୂଆଁ ସ୍ୱାସ୍ଥ୍ୟ ପାଇଁ ବିପଦଜନକ :*

ଡକ୍ଟର ମିତ୍ତଲଙ୍କ ଅନୁସାରେ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଡକ୍ଟର ମିତ୍ତଲଙ୍କ ମତରେ, ଯେଉଁ ଘରେ ଚିମନି କିମ୍ବା ବାୟୁଚଳନ ବିନା ରୋଷେଇ କରାଯାଇଥାଏ, ସେଠାରେ ପ୍ରଦୂଷଣ ବାହାର ପବନ ଅପେକ୍ଷା ମଧ୍ୟ ଅଧିକ ବିପଦପୂର୍ଣ୍ଣ ହୋଇପାରେ।

ଏହା ବାହାର ପ୍ରଦୂଷଣ ପରି ବିପଜ୍ଜନକ ହୋଇପାରେ। ଏଥିରେ ପ୍ରଦୂଷଣ ପରି ବିପଜ୍ଜନକ କଣିକା ମଧ୍ୟ ଥାଏ । ତେଣୁ, ଘର ଭିତରେ ପ୍ରଦୂଷଣରୁ ନିଜକୁ ରକ୍ଷା କରିବା ପାଇଁ ଘରେ ଉପଯୁକ୍ତ ବାୟୁ ଚଳାଚଳ ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

*ଘର ଭିତରର ବାୟୁ ପ୍ରଦୂଷଣକୁ କିପରି ଏଡାଇବେ ?*

ଘର ଭିତରେ ବାୟୁ ପ୍ରଦୂଷଣକୁ ଏଡାଇବା ପାଇଁ, ଧୂପକାଠି କମ୍ ବ୍ୟବହାର କରନ୍ତୁ କିମ୍ବା ଖୋଲା କୋଠରୀରେ ବ୍ୟବହାର କରନ୍ତୁ।

ସୁଗନ୍ଧ ପାଇଁ,ଏସେନସିଆଲ ଅଏଲ କିମ୍ବା ବୈଦ୍ୟୁତିକ ସୁଗନ୍ଧ ବ୍ୟବହାର କରିପାରିବେ।

ରୋଷେଇ କରିବା ସମୟରେ ସର୍ବଦା ଏକଜଷ୍ଟ ଫ୍ୟାନ୍ କିମ୍ବା ଚିମନି ଚଲାନ୍ତୁ।

ତେଲକୁ ପୁଣି ଥରେ ଗରମ କରିବାରୁ ଦୂରେଇ ରୁହନ୍ତୁ।

ଭାଜିବା ପରିବର୍ତ୍ତେ, ଫୁଟାଇବା, ଷ୍ଟିମ୍ କରିବା କିମ୍ବା ବେକିଂ ଭଳି ପଦ୍ଧତିର ବ୍ୟବହାର କରନ୍ତୁ।

## ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।

## ସିଷ୍ଟ୍ ଥିବା ମହିଳାମାନେ ଏଭଳି ଭାବେ ସତର୍କ ରୁହନ୍ତୁ

ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ ହେଉଛି ସବୁଠାରୁ ସାଧାରଣ ହରମୋନ୍ ରୋଗ। ଯାହାକି ଲକ୍ଷ ଲକ୍ଷ ମାସିକ ଋତୁସ୍ରାବ ହେଉଥିବା ମହିଳାଙ୍କୁ ପ୍ରଭାବିତ କରେ। ଏହା ରହିଲେ ମହିଳାମାନେ ଗର୍ଭଧାରଣାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।




ଏହା ଅନିୟମିତ ଋତୁସ୍ରାବ, ବ୍ରଣ କିମ୍ବା ଅତ୍ୟଧିକ କେଶ ଝଡ଼ିବାର କାରଣ ହୋଇଥାଏ। ଓଜନ ବୃଦ୍ଧି ମଧ୍ୟ ଆଉ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟେ କାରଣ ଏହା ହରମୋନ୍ ସନ୍ତୁଳନକୁ ଆହୁରି ବିପର୍ଯ୍ୟସ୍ତ କରିପାରେ।

ସମ୍ପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଚଉଡଂଝ ପରାମର୍ଶଦାତା ଇନଷ୍ଟାଗ୍ରାମରେ ଏକ ଭିଡିଓ ଅପଲୋଡ୍ କରିଛନ୍ତି। ଯେଉଁଥିରେ ସର୍ବୋତ୍ତମ ଚଉଡଂଝ ସକାଳର ରୁଟିନ୍ ସେୟାର କରାଯାଇଛି।

କ'ଣ ସେହି ରୁଟିନ୍?

: କୁହାଯାଇଛି କି ପ୍ରତିଦିନ ସମାନ ସମୟରେ ଶୋଇବା ଏବଂ ଉଠିବା ହେଉଛି ସବୁଠାରୁ ଭଲ ଚିକିତ୍ସା। ଯାହା ଆପଣଙ୍କ ଶରୀରରେ କର୍ଟିସୋଲ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ।

: ସକାଳ ଜଳଖିଆରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଜଳଖିଆରେ ଅତି କମ୍‌ରେ ୨୫ ପ୍ରତିଶତ ପ୍ରୋଟିନ୍? ରହିବା ଜରୁରୀ। ଏହା ଆପଣଙ୍କ ମେଟାବୋଲିଜିମ୍, ଶକ୍ତି, ରକ୍ତ ଶର୍କରା ଏବଂ ଇନସୁଲିନ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

: ଆପଣଙ୍କ ସକାଳର ଚଉଡଂଝ ରୁଟିନରେ ଗ୍ରିନ୍ ଟି ବା ସବୁ ଚା'କୁ ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଗବେଷଣାରୁ ଜଣାପଡିଛି ଯେ ଏହି ସୁସ୍ଥ ପାନୀୟ ଇନସୁଲିନ୍ ପ୍ରତିରୋଧକୁ ଉନ୍ନତ କରିବାରେ, ଟେଷ୍ଟୋଷ୍ଟେରନ୍ ସ୍ତରକୁ ହ୍ରାସ କରିବାରେ ଏବଂ ସିଧାସଳଖ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ପୂର୍ବରୁ ପରାମର୍ଶଦାତା ମହିଳାମାନଙ୍କୁ ଚଉଡଂଝ ଥିଲେ ତିନୋଟି ଅଭ୍ୟାସ ଅନୁସରଣ କରିବାକୁ କହିଥିଲେ

୧. ଦିନକୁ ଦୁଇ ଥର ସବୁଜ ଚା' ପିଇବା ଜରୁରୀ

୨. ଦିନମାନ ମଧ୍ୟରେ ୧୦୦ ଗ୍ରାମ୍‌ର ପ୍ରୋଟିନ୍ ଖାଦ୍ୟ ଖାଇବା ଉଚିତ୍?

୩. ଏଲ୍-କାର୍ନିଟାଇନ୍ (୧,୦୦୦–୨,୦୦ଏମ୍‌ଜି) + ବର୍ବେରିନ୍ (୫୦୦–୧,୦୦୦ଏମ୍?ଜି) ନେବା ଜରୁରୀ।




ଯେତେ ସବୁ ରୋଗବୈରାଗ ସବୁ ଖାଦ୍ୟରୁ ହିଁ ଆସେ। ଯଦି ଆମେ ନିଜ ଖାଦ୍ୟପେୟ ଠିକ୍ କରିଦେବା ତାହାଲେ ଅଧା ରୋଗ କମିଯିବ। ଆପଣ ହୁଏତ ନିଜକୁ ଅତି କମରେ ଥରେ ଏହି ପ୍ରଶ୍ନ ପଚାରିଥିବେ ଯେ ପରିବାକୁ ସିଝେଇକି ଖାଇବେ ନା ବାମ୍ଫେଇକି? ହେଲେ ମନେ ରଖନ୍ତୁ, ଖାଦ୍ୟ ସ୍ୱାଦ ପାଇଁ ଖାଇବା ଯେତିକି ଜରୁରୀ, ସ୍ୱାସ୍ଥ୍ୟ ପାଇଁ ଖାଇବା ବି ସେତିକି ଜରୁରୀ।

ଆମେ ସମସ୍ତେ ଏକଥା ଜାଣନ୍ତି ଯେ ଛଣା ପରିବା ଅପେକ୍ଷା ସିଝା ପରିବା ଦେହ ପାଇଁ ଭଲ। ହେଲେ କେଉଁ ସିଝା ଦେହ ପାଇଁ ଭଲ; ବାମ୍ଫ ସିଝା ନା ପାଣି ସିଝା?

ବାମ୍ଫ ସିଝା ନା ପାଣି ସିଝା:

ଆପଣ ହୁଏତ ନିଜକୁ ଅତି କମରେ ଥରେ ଏହି ପ୍ରଶ୍ନ ପଚାରିଥିବେ? ଯେ ଆପଣ ଆପଣଙ୍କର ପନିପରିବା ଫୁଟାଇବା ଉଚିତ କି ସିଝେଇବା ଉଚତ୍? ?ଏହା ଏକ ଛୋଟ ରୋଷେଇ ଦ୍ୱନ୍ଦ୍ୱ ହୋଇପାରେ। ମାତ୍ର ଏଥିରେ ଅନେକ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟା ଦୂର ହୋଇଯାଏ। ଆପଣଙ୍କ ପନିପରିବାର ସ୍ୱାଦ ଏବଂ ଦେଖାଯିବାଠାରୁ ଆରମ୍ଭ କରି ସେମାନେ ପ୍ରକୃତରେ କେତେ ପୁଷ୍ଟିକର ପଦାର୍ଥ ପ୍ରଦାନ କରନ୍ତି ତାହା ବି ଜାଣିବା ଜରୁରୀ।

*କେଉଁ ପ୍ରକ୍ରିୟା ଭଲ:*

ଆମେ ଯେଉଁ ଦୁଇଟି ପ୍ରକ୍ରିୟା କହିଲୁ, ସେଥିରୁ ଗୋଟିଏ ପଦ୍ଧତି ନରମ ଏବଂ ଆରାମଦାୟକ ଲାଗିଥାଏ, ଯେତେବେଳେ କି ଅନ୍ୟଟି ଜିନିଷଗୁଡ଼ିକୁ ହାଲୁକା ଏବଂ ସତେଜ ରଖେ। ଆପଣ କେବେ ଭାବିଛନ୍ତି ଯେ ଆପଣଙ୍କର ବ୍ରୋକୋଲି କେତେବେଳେ କାହିଁକି ମଳିନ ହୋଇଯାଏ କିମ୍ବା ଆପଣଙ୍କର ଗାଜର କାହିଁକି ସେମାନଙ୍କର ମିଠାପଣ ହରାଏ? ତେବେ ଉତ୍ତର ହୋଇପାରେ ଆପଣ ସେଗୁଡ଼ିକୁ କିପରି ରାନ୍ଧୁଛନ୍ତି।

ବାମ୍ଫ ଦେଇ ସିଝେଇବା କରିବା ଏବଂ ଫୁଟାଇବା ଉଭୟ ଉତ୍ତମ କୌଶଳ। ସେଗୁଡ଼ିକ ସହଜ, ତେଲ-ମୁକ୍ତ ଏବଂ ସୁସ୍ଥକର ମଧ୍ୟ। ପ୍ରତିଦିନର ଖାଦ୍ୟ ପାଇଁ ଉପଯୁକ୍ତ। ତଥାପି ସେ ଦୁଇଟି ଯାକ କୌଶଳ ଭିନ୍ନ। ତେବେ ପ୍ରଶ୍ନ ହେଉଛି, କେଉଁଟି ଆପଣଙ୍କ ପନିପରିବାଗୁଡ଼ିକୁ ସେମାନଙ୍କର ରଙ୍ଗ, ସ୍ୱାଦ ଏବଂ ଉତ୍ତମତା ଅକ୍ଷୁର୍ଣ୍ଣ ରଖିବାରେ ସାହାଯ୍ୟ କରେ?

ଯେତେବେଳେ ଆପଣ ପନିପରିବାକୁ ବାମ୍ଫରେ ସିଝାନ୍ତି, ସେତେବେଳେ ଆପଣ ପାଣି ନୁହେଁ, ବରଂ ଫୁଟୁଥିବା ପାଣିରୁ ବାଷ୍ପ ଉଠିବା ସହିତ ଧୀରେ ଧୀରେ ରାନ୍ଧୁଛନ୍ତି। ପନିପରିବାଗୁଡ଼ିକ ଷ୍ଟିମର ବାସ୍କେଟ କିମ୍ବା ଚାମଚରେ ତରଳ ପଦାର୍ଥ ଉପରେ ରହିଥାଏ ଏବଂ ବାଷ୍ପ ସେମାନଙ୍କର ପ୍ରାକୃତିକ ସ୍ୱାଦକୁ ଧୋଇ ନ ଦେଇ ସମାନ ଭାବରେ ସେମାନଙ୍କୁ ନରମ କରିଥାଏ। କାରଣ ଏଗୁଡ଼ିକ ପାଣି ସହିତ ସିଧାସଳଖ ସଂସ୍ପର୍ଶରେ ଆସି ନଥାଏ। ଅଧିକାଂଶ ପୋଷକ ତତ୍ତ୍ୱ ଅକ୍ଷୁର୍ଣ୍ଣ ରହିଥାଏ। ସେଥିପାଇଁ ବାମ୍ଫରେ ସିଝା ହୋଇଥିବା ପନିପରିବା ପ୍ରାୟତଃ ଉଜ୍ଜ୍ୱଳ ଦେଖାଯାଏ ଏବଂ ଅଧିକ ସତେଜ ସ୍ୱାଦ ଆସେ।




କେବେ ଗାଧୋଇବା ଭଲ ସେ ପ୍ରଶ୍ନଟି ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇ ଆସୁଛି। ପ୍ରକୃତରେ ଏହାର ଏକ ସ୍ପଷ୍ଟ ଉତ୍ତର ଅଛି ବୋଲି ଇଂଲଣ୍ଡ ଲିସେଷ୍ଟର ବିଶ୍ୱବିଦ୍ୟାଳୟର ଅଣୁଜୀବବିଜ୍ଞାନୀ ମତ ପୋଷଣ କରନ୍ତି। କେତେକ କୁହନ୍ତି ସକାଳେ ଗାଧୋଇବା ଭଲ। କିନ୍ତୁ ଅନ୍ୟ କେତେକ କୁହନ୍ତି ରାତିରେ ଗାଧୋଇଲେ ଭଲ। ସକାଳର ଗାଧୋଇବା ନେଇ କିଛି ? କୁହନ୍ତି ରାତିର ନିଦରୁ ଉଠିବା ପରେ ଦିନକୁ ସତେଜ ଆରମ୍ଭ କରିବାରେ ଏହା ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ, ରାତିର ଗାଧୋଇବା ନେଇ କେତେକ କୁହନ୍ତି ଦିନ ସାରା ପରିଶ୍ରମ ପରେ ଶୋଇବା ପୂର୍ବରୁ ଧୋଇଲେ ଆରାମ ମିଳିଥାଏ। କିନ୍ତୁ ଗବେଷଣା ପ୍ରକୃତରେ କ'ଣ କହୁଛି? ଜଣେ ସୂକ୍ଷ୍ମଜୀବବିଜ୍ଞାନୀ ଭାବରେ, ମୁଁ ଆପଣଙ୍କୁ କହିପାରିବି ଯେ ଏହି ପ୍ରଶ୍ନର ଏକ ସ୍ପଷ୍ଟ ଉତ୍ତର ଅଛି।

ସ୍ନାନ କରିବାର ଲାଭ: ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଗାଧୋଇବା ପରିଷ୍କାର ପରିଚ୍ଛନ୍ନତା ଦିନଚର୍ଯ୍ୟାର ଏକ ଅବିଚ୍ଛେଦ୍ୟ ଅଂଶ। ଗାଧୋଇବା ଦ୍ୱାରା ଆମ ଚର୍ମରୁ ମଇଳା ଏବଂ ଝାଳରେ ବାହୁଥିବା ତୈଳାକ୍ତ ଅଂଶ ବାହାରି ଯାଇଥାଏ। ଏହା ସଫା ନହେଲେ ଚର୍ମରେ ଫୋଟକା ତଥା ବିଭିନ୍ନ ସଂକ୍ରମଣ ହୋଇଥାଏ। ଗାଧୋଇବା ଦ୍ୱାରା ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ।

ଶରୀରର ଦୁର୍ଗନ୍ଧ ଝାଳ ଯୋଗୁ ହୋଇଥାଏ। ଚର୍ମର ପୃଷ୍ଠରେ ରହୁଥିବା ଜୀବାଣୁ ଦ୍ୱାରା ଦୁର୍ଗନ୍ଧ ଉତ୍ପନ୍ନ ହୋଇଥାଏ। ପ୍ରକୃତରେ ତାଜା ଝାଳ ଗନ୍ଧହୀନ। କିନ୍ତୁ ଚର୍ମରେ ରହୁଥିବା ଜୀବାଣୁ ବିଶେଷକରି ଷ୍ଟାଫିଲୋକୋକି ଝାଳକୁ ଏକ ସିଧାସଳଖ ପୁଷ୍ଟିକର ଉତ୍ସ ଭାବରେ ବ୍ୟବହାର କରନ୍ତି। ଯେତେବେଳେ ସେମାନେ ଝାଳକୁ ଭାଙ୍ଗି ଦିଅନ୍ତି, ଏହା ଥିଓଆଲକୋହଲ ନାମକ ଏକ ସଲଫର ଯୁକ୍ତ ଯୌଗିକ ନିର୍ଗତ କରେ ଯାହା ଦୁର୍ଗନ୍ଧ ସୃଷ୍ଟି କରିଥାଏ।

ଦିନ ନା ରାତିରେ ଗାଧୋଇବେ: ଦିନବେଳା ଶରୀର ଏବଂ କେଶ ଅନିବାର୍ଯ୍ୟ ଭାବରେ ଝାଳ ତଥା ସେବେସିୟସ୍ ତେଲର ସାଧାରଣ ସଂଗୃହୀତ ସହିତ ପ୍ରଦୂଷକ ଏବଂ ଆଲର୍ଜେନ ରହିଥାଏ। ଚର୍ମରୁ ବାହାରୁଥିବା ଝାଳ ଏବଂ ତେଲ ଚର୍ମର ମାଇକ୍ରୋବାଇଓମ ଗଠନ କରୁଥିବା ଜୀବାଣୁର ବୃଦ୍ଧି କରିଥାଏ। ରାତିରେ ଗାଧୋଇବା ଦ୍ୱାରା ଦିନରେ ଜମା ହୋଇଥିବା ଆଲର୍ଜେନ୍, ଝାଳ ଏବଂ ତେଲ ଦୂର ହୋଇଥାଏ। ଶୋଇବା ପୂର୍ବରୁ ଗାଧୋଇଲେ ରାତିରେ ଝାଳ ବାହାରିଥାଏ। ଫଳରେ ସକାଳେ ପୁଣି ଦୁର୍ଗନ୍ଧ ସୃଷ୍ଟି ହୋଇଥାଏ।

ରାତିରେ ଗାଧୋଇବା ଦ୍ୱାରା ଦିନର ମଇଳା ସଫା ହୋଇଯିବ, କିନ୍ତୁ ପରଦିନ ସକାଳେ ପୁଣି ଶରୀର ଦୁର୍ଗନ୍ଧ ହୋଇଥାଏ।

ଅନ୍ୟପକ୍ଷରେ, ସକାଳେ ଗାଧୋଇବା ଦ୍ୱାରା ମୃତ ଚର୍ମ କୋଷଗୁଡ଼ିକ ଏବଂ ରାତିରେ ବହିଥିବା ଝାଳ ଦୂର ହୋଇଥାଏ। ଝାଳ, ବ୍ୟାକ୍ଟେରିଆ, ମୃତ ଚର୍ମ କୋଷ ଏବଂ ସେବେସିୟସ୍ ତେଲ ଦୂର କରିବା ପାଇଁ ଗାଧୋଇବା ଉଚିତ୍।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇ-ବର୍ଜ୍ୟବସ୍ତୁ ପରିଚାଳନା

ଆଧୁନିକ ଯୁଗରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ସ୍ମାର୍ଟଫୋନ୍ ଠାରୁ ଆରମ୍ଭ କରି ଟେଲିଭିଜନ୍, ରେଫ୍ରିଜରେଟର, କମ୍ପ୍ୟୁଟର ପର୍ଯ୍ୟନ୍ତ ପ୍ରତିଟି ଉପକରଣ ଆମର ଦୈନନ୍ଦିନ କାର୍ଯ୍ୟକୁ ସହଜ ଓ ସୁବିଧାଜନକ କରିଛି । କିନ୍ତୁ ଏହି ଡିଜିଟାଲ୍ ବିପ୍ଳବର ଏକ ଅନ୍ଧକାର ଦିଗ ମଧ୍ୟ ରହିଛି – ତାହା ହେଉଛି ଇ-ବର୍ଜ୍ୟବସ୍ତୁ (e-waste)ର ବୃଦ୍ଧି । ଯେତେବେଳେ ଏହି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପୁରୁଣା ହୋଇଯାଏ, ଅକାମୀ ହୋଇଯାଏ କିମ୍ବା ନୂତନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଅପ୍ରଚଳିତ ହୋଇଯାଏ, ସେତେବେଳେ ଏହା ଇ-ବର୍ଜ୍ୟବସ୍ତୁରେ ପରିଣତ ହୁଏ । ଏହି ଇ-ବର୍ଜ୍ୟବସ୍ତୁର ଅନିୟନ୍ତ୍ରିତ ବୃଦ୍ଧି ଏବଂ ଅବୈଧ ପରିଚାଳନା ଆଜି ବିଶ୍ୱବ୍ୟାପୀ ଏକ ଗୁରୁତର ପରିବେଶଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଭାବରେ ଉଭା ହୋଇଛି । ଭାରତରେ ମଧ୍ୟ ଏହି ସମସ୍ୟା ଅତ୍ୟନ୍ତ ଜଟିଳ ରୂପ ଧାରଣ କରିଛି ଏବଂ ଏହାର ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ନିୟମାବଳୀ ବର୍ତ୍ତମାନ ବଡ଼ ବଡ଼ ଇଲେକ୍ଟ୍ରୋନିକ୍ସ କମ୍ପାନୀମାନଙ୍କ ବିରୋଧର ସମ୍ମୁଖୀନ ହୋଇ ଅଦାଲତର ଦ୍ୱାରସ୍ଥ ହୋଇଛି । ଏହା ପରିବେଶ ସୁରକ୍ଷା ଏବଂ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଇ-ବର୍ଜ୍ୟବସ୍ତୁ କେବଳ ଏକ ଅଦରକାରୀ ଜିନିଷ ନୁହେଁ; ଏହା ମଧ୍ୟରେ ସୀସା (lead), ପାରଦ (mercury), କ୍ୟାଡମିୟମ୍ (cadmium), କ୍ରୋମିୟମ୍ (chromium) ଭଳି ଅନେକ ବିଷାକ୍ତ ରାସାୟନିକ ପଦାର୍ଥ ରହିଥାଏ । ଯେତେବେଳେ ଏହି ବର୍ଜ୍ୟବସ୍ତୁକୁ ଅବୈଜ୍ଞାନିକ ଭାବରେ ପୋଡାଯାଏ କିମ୍ବା ଖୋଲା ସ୍ଥାନରେ ଫିଙ୍ଗି ଦିଆଯାଏ, ଏଥିରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁକୁ ଦୂଷିତ କରେ, ମାଟିରେ ମିଶି ଜଳ ଉତ୍ସକୁ ପ୍ରଦୂଷିତ କରେ ଏବଂ ଶେଷରେ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ମାନବ ସ୍ୱାସ୍ଥ୍ୟ ଉପରେ ଭୟଙ୍କର କୁପ୍ରଭାବ ପକାଏ । କର୍କଟ ରୋଗ, ସ୍ନାୟୁଗତ ସମସ୍ୟା, ବୃକକ୍ ରୋଗ ଏବଂ ଜନ୍ମଗତ ତ୍ରୁଟି ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସହିତ ଏହାର ସମ୍ପର୍କ ରହିଛି । ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଇ-ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ଦେଶ ଭାବରେ ଏହି ସମସ୍ୟାର ଗମ୍ଭୀରତାକୁ ବଢ଼ାଇ ଦେଇଛି, ଯେଉଁଠାରେ ପ୍ରତିବର୍ଷ ଏହାର ପରିମାଣ ବୃଦ୍ଧି ପାଉଛି । ଦୁର୍ଭାଗ୍ୟବଶତଃ, ଭାରତରେ ଇ-ବର୍ଜ୍ୟବସ୍ତୁର ଏକ ବଡ଼ ଅଂଶ ଅଣସଂଗଠିତ କ୍ଷେତ୍ର ଦ୍ୱାରା ପରିଚାଳିତ ହୁଏ । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ, ବିଶେଷ କରି ଗରିବ ଶ୍ରମିକମାନେ, କୌଣସି ସୁରକ୍ଷା ଉପକରଣ ବିନା ବିଷାକ୍ତ ପଦାର୍ଥ ସହିତ ସିଧାସଳଖ ସମ୍ପର୍କରେ ଆସି ନିଜ ଜୀବନକୁ ବିପଦରେ ପକାନ୍ତି । ଏହି ଅବୈଧ ପୁନଃଚକ୍ରଣ ପ୍ରକ୍ରିୟା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବା ସହିତ ମୂଲ୍ୟବାନ ଧାତୁ ଯଥା ସୁନା, ରୂପା, ତମ୍ବା, ପ୍ଲାଟିନମ୍ ଇତ୍ୟାଦିର ଅପଚୟ ଘଟାଏ, ଯାହାକୁ ସଠିକ୍ ଭାବରେ ପୁନରୁଦ୍ଧାର କରାଯାଇପାରିବ ।

ଏହି ଗୁରୁତର ସମସ୍ୟାର ମୁକାବିଲା କରିବା ପାଇଁ ଭାରତ ସରକାର ୨୦୨୨ ମସିହାରେ ନୂତନ ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ ପ୍ରଣୟନ କରିଛନ୍ତି । ଏହି ନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉତ୍ପାଦକଙ୍କ ବର୍ଦ୍ଧିତ ଦାୟିତ୍ୱ (Extended Producer Responsibility - EPR) ଧାରଣାକୁ କାର୍ଯ୍ୟକାରୀ କରିବା । ଏହାର ଅର୍ଥ ହେଉଛି, ଯେଉଁ କମ୍ପାନୀମାନେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କରୁଛନ୍ତି, ସେମାନେ କେବଳ ଉତ୍ପାଦନ କରି ବିକ୍ରି କରିବାରେ ସୀମିତ ନ ରହି ସେମାନଙ୍କ ଉତ୍ପାଦର ସମ୍ପୂର୍ଣ୍ଣ ଜୀବନଚକ୍ର, ଅର୍ଥାତ୍ ଉତ୍ପାଦ ଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁରେ ପରିଣତ ହେବା ପର୍ଯ୍ୟନ୍ତ ଏବଂ ତା'ପରେ ଏହାର ସଂଗ୍ରହ ଓ ପୁନଃଚକ୍ରଣ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବେ । ନୂତନ ନିୟମ ଅନୁଯାୟୀ, ଉତ୍ପାଦକମାନଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରି ପୁନଃଚକ୍ରଣ କରିବା ପାଇଁ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସେମାନଙ୍କୁ ପୁନଃଚକ୍ରଣକାରୀ ସଂସ୍ଥା (PROs) କିମ୍ବା ଅନ୍ୟାନ୍ୟ ସଂସ୍ଥା ସହିତ ସହଯୋଗିତା କରିବାକୁ ପଡିବ । ଏହି ନିୟମର ମୂଳ ଲକ୍ଷ୍ୟ ହେଉଛି ଅଣସଂଗଠିତ କ୍ଷେତ୍ରରେ ଚାଲିଥିବା ଅବୈଧ ପୁନଃଚକ୍ରଣକୁ ବନ୍ଦ କରି ଏହାକୁ ଏକ ସଂଗଠିତ ତଥା ପରିବେଶ ଅନୁକୂଳ ଢଙ୍ଗରେ ପରିଚାଳନା କରିବା । ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ ଦେଶର ଅର୍ଥନୀତିକୁ ମଧ୍ୟ ଲାଭ ମିଳିବ, କାରଣ ପୁନଃଚକ୍ରଣ ମାଧ୍ୟମରେ ମୂଲ୍ୟବାନ ଧାତୁ ଓ ଉପାଦାନ ପୁନରୁଦ୍ଧାର କରାଯାଇପାରିବ ।

ତେବେ, ସରକାରଙ୍କର ଏହି ପ୍ରଗତିଶୀଳ ପଦକ୍ଷେପ ସତ୍ତ୍ୱେ, ସାମସଙ୍ଗ, ଏଲଜି, ଡାଇକିନ୍, କ୍ୟାରିଅର୍ ଭଳି ଅନେକ ବଡ଼ ବଡ଼ ଇଲେକ୍ଟ୍ରୋନିକ୍ସ କମ୍ପାନୀ ଏହି ନୂତନ ନିୟମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଏହାକୁ ଅତ୍ୟଧିକ ବ୍ୟୟବହୁଳ, ଅବାସ୍ତବ ଏବଂ କାର୍ଯ୍ୟକାରୀ କରିବା କଷ୍ଟକର ବୋଲି ଦର୍ଶାଇ ଭାରତ ସରକାରଙ୍କ ବିରୁଦ୍ଧରେ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । କମ୍ପାନୀଗୁଡିକର ମୁଖ୍ୟ ଯୁକ୍ତି ହେଉଛି ଯେ ଇ-ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ ଏବଂ ପୁନଃଚକ୍ରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରିବା ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବା ପାଇଁ ବହୁଳ ଅର୍ଥ ବିନିଯୋଗ କରିବାକୁ ପଡିବ, ଯାହା ସେମାନଙ୍କ ଉପରେ ଅତ୍ୟଧିକ ଆର୍ଥିକ ବୋଝ ପକାଇବ ଏବଂ ଲାଭାଂଶକୁ ପ୍ରଭାବିତ କରିବ । ସେମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଭାରତ ଭଳି ଏକ ବିଶାଳ ଓ ବିବିଧ ଦେଶରେ ନିର୍ଦ୍ଧାରିତ ସଂଗ୍ରହ ଲକ୍ଷ୍ୟ ପୂରଣ କରିବା ଅତ୍ୟନ୍ତ କଷ୍ଟକର, କାରଣ ଅନେକ ଉପଭୋକ୍ତା ସେମାନଙ୍କର ପୁରୁଣା ଉପକରଣକୁ ବିକ୍ରି କରିବାକୁ ପସନ୍ଦ କରନ୍ତି କିମ୍ବା ଘରେ ରଖନ୍ତି, ଯାହାକୁ ସଂଗ୍ରହ କରିବା କମ୍ପାନୀମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଏହା ସହିତ, ଭାରତରେ ବର୍ତ୍ତମାନ ସୁଦ୍ଧା ଇ-ବର୍ଜ୍ୟବସ୍ତୁ ପୁନଃଚକ୍ରଣ ପାଇଁ ଆବଶ୍ୟକ ଔପଚାରିକ ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ ଏବଂ ଏହାକୁ ସରକାରଙ୍କ ସହାୟତାରେ ବିକାଶ କରିବା ଆବଶ୍ୟକ, କେବଳ କମ୍ପାନୀମାନଙ୍କ ଉପରେ ଏହି ବୋଝ ଲଦିଦେବା ଠିକ୍ ନୁହେଁ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି । ଏହି ନିୟମ ବଡ଼ କମ୍ପାନୀମାନଙ୍କ ଉପରେ ଅଧିକ ପ୍ରଭାବ ପକାଇବ, ଯେତେବେଳେ କି ଛୋଟ ଏବଂ ଅଣସଂଗଠିତ କ୍ଷେତ୍ରର ଖେଳାଳିମାନେ ନିୟମରୁ ବର୍ତ୍ତିଯିବେ, ଯାହା ବଜାରରେ ଅସମାନ ପ୍ରତିଯୋଗିତା ସୃଷ୍ଟି କରିବ ବୋଲି ମଧ୍ୟ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କମ୍ପାନୀମାନଙ୍କର ଅଭିଯୋଗ ହେଉଛି ଯେ ନିୟମ ପ୍ରଣୟନ କରିବା ସମୟରେ ସେମାନଙ୍କ ସହିତ ପର୍ଯ୍ୟାପ୍ତ ପରାମର୍ଶ କରାଯାଇ ନାହିଁ ଏବଂ ସେମାନଙ୍କ ବ୍ୟବସାୟିକ ବାସ୍ତବତାକୁ ବିଚାରକୁ ନିଆଯାଇ ନାହିଁ । ଏଠାରେ ପ୍ରଶ୍ନ ଉଠୁଛି, ପରିବେଶ ସୁରକ୍ଷା ଏବଂ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ କିପରି ରକ୍ଷା କରାଯିବ? ଏହା ଏକ ଜଟିଳ ପ୍ରଶ୍ନ, ଯାହାର ସରଳ ଉତ୍ତର ନାହିଁ । ଗୋଟିଏ ପଟେ, ସରକାରଙ୍କର ଦାୟିତ୍ୱ ହେଉଛି ନାଗରିକମାନଙ୍କୁ ଏକ ସୁସ୍ଥ ଓ ନିରାପଦ ପରିବେଶ ଯୋଗାଇବା । ଇ-ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ ଭାବରେ ଏକ ଜାତୀୟ ଏବଂ ବିଶ୍ୱସ୍ତରୀୟ ଆବଶ୍ୟକତା । ଉତ୍ପାଦକମାନଙ୍କୁ ସେମାନଙ୍କ ଉତ୍ପାଦର ପରିବେଶଗତ ପ୍ରଭାବ ପାଇଁ ଦାୟିତ୍ୱ ନେବାକୁ ପଡିବ, କାରଣ ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ଉତ୍ପାଦକମାନଙ୍କର ମଧ୍ୟ ଏକ ନୈତିକ ଏବଂ ସାମାଜିକ ଦାୟିତ୍ୱ। ଅନ୍ୟ ପଟେ, ସରକାର ମଧ୍ୟ ନିୟମ ପ୍ରଣୟନ କରିବା ସମୟରେ କମ୍ପାନୀଗୁଡିକର ବ୍ୟବସାୟିକ ବାସ୍ତବତାକୁ ବିଚାରକୁ ନେବା ଉଚିତ୍ । ଅତ୍ୟଧିକ କଠୋର ଏବଂ ଅବାସ୍ତବ ନିୟମ କେବଳ ବ୍ୟବସାୟିକ କାର୍ଯ୍ୟକଳାପକୁ ବାଧା ଦେବ ନାହିଁ, ବରଂ ନିବେଶକୁ ମଧ୍ୟ ପ୍ରତିରୋଧ କରିପାରେ, ଯାହା ଦେଶର ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ତେଣୁ, ଏକ ସହଯୋଗୀ ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ଉଭୟ ପକ୍ଷ ପାଇଁ ଗ୍ରହଣୀୟ ଏକ ସମାଧାନ ବାହାର କରାଯାଇପାରିବ । ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଲକ୍ଷ୍ୟକୁ ପର୍ଯ୍ୟାୟକ୍ରମେ ବୃଦ୍ଧି କରାଯାଇପାରେ, ଯାହାଦ୍ୱାରା କମ୍ପାନୀମାନେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ପ୍ରକ୍ରିୟା ବିକାଶ କରିବାକୁ ପର୍ଯ୍ୟାପ୍ତ ସମୟ ପାଇବେ । ଏହା ସହିତ, ସରକାର ଇ-ବର୍ଜ୍ୟବସ୍ତୁ ପୁନଃଚକ୍ରଣ ଭିତ୍ତିଭୂମି ସ୍ଥାପନ କରିବା ପାଇଁ କମ୍ପାନୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ, ଟିକସ ରିହାତି ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇବା ଉଚିତ୍, ଯାହା ପୁନଃଚକ୍ରଣ କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିବ । ଉପଭୋକ୍ତାମାନଙ୍କୁ ଇ-ବର୍ଜ୍ୟବସ୍ତୁର ବିପଦ ଏବଂ ଏହାର ସଠିକ୍ ନିଷ୍କାସନ ବିଷୟରେ ସଚେତନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ସରକାର ଏବଂ କମ୍ପାନୀମାନେ ମିଳିତ ଭାବରେ ଜନସଚେତନତା ଅଭିଯାନ ଆରମ୍ଭ କରିବା ଉଚିତ୍। ପ୍ରଯୁକ୍ତିଗତ ନବସୃଜନ ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡ଼ିକୁ ଏପରି ଭାବରେ ଡିଜାଇନ୍ କରିବା ଆବଶ୍ୟକ ଯାହାକି ସହଜରେ ପୁନଃଚକ୍ରଣ କରାଯାଇପାରିବ; ମଡ୍ୟୁଲାର ଡିଜାଇନ୍ ଏବଂ ବିଷାକ୍ତ ପଦାର୍ଥର ବ୍ୟବହାରକୁ କମ୍ କରିବାଙ୍ଗ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ଔପଚାରିକ ପୁନଃଚକ୍ରଣ ପ୍ରକ୍ରିୟାରେ ଏକୀକୃତ କରିବା ଆବଶ୍ୟକ, ଯାହାଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

# ସଂଘ ଶତାବ୍ଦୀ ବର୍ଷର ବିଶାଳ ପଥ ସଞ୍ଚଳନ

**ସସ୍ମିତାରାଣୀ ରାଉତ**

୨୦୨୫ ମସିହା ଅକ୍ଟୋବର ୧୨ ତାରିଖ ଘଟଣା । ସମୟ ପ୍ରାୟ ଅପରାହ୍ନ ୪.୪୦ ମିନିଟ ହେବ । ଭୁବନେଶ୍ୱରର ଖାରାବେଳ ନଗରସ୍ଥିତ ଶ୍ରୀରାମ ମନ୍ଦିରରୁ ଆମେ ଦର୍ଶନ ସାରି ଫେରୁଥାଉ । ପାଖରେ ଥିବା ଟ୍ରାଫିକ ଛକରେ ପୋଲିସ ଆମକୁ ଆଗକୁ ଯିବା ପାଇଁ ବାରଣ କଲେ । କେବଳ ଆମେ ନୁହେଁ ଅନେକ ଲୋକ ରାସ୍ତାରେ ଛିଡା ହୋଇ ରହିଲେ । କଣ ପାଇଁ ପୋଲିସ ଅଟକାଇଲେ ବା ଆଗରେ କଣ ହେଉଛି ତାହା ଦେଖିବା ପାଇଁ ମୁଁ ଆଗକୁ ଆଗେଇ ଯାଇ ଠିଆ ହୋଇଥିବା ଜନତାଙ୍କ ଆଗରେ ଠିଆ ହେଲି । ଦେଖିଲି ପ୍ରଦର୍ଶନୀ ପଡିଆ ଆଡୁ, ସହିଦ ନଗର ପଟୁ ଏବଂ ଶ୍ରୀୟାଛକ ଆଡୁ ତିନି ପାଖରୁ ଲମ୍ବା ଧାଡିରେ ଲୋକମାନେ ଆସୁଛନ୍ତି । ସେମାନେ କଫି ରଙ୍ଗର ଫୁଲ ପ୍ୟାଣ୍ଟ, ଧଳା ସାର୍ଟ, ମୁଣ୍ଡରେ କଳାଟୋପି ଏବଂ କଳା ବୁଟ ପିନ୍ଧି କାନ୍ଧରେ ବାଡି ପକାଇ, ପାଦକୁ ପାଦ ମିଳାଇ, ଶଙ୍ଖ, ବେଗୁଲ, ବଂଶୀ, ଆନକ, ଡ୍ରମ ଆଦି ବାଦ୍ୟଯନ୍ତ୍ର ବଜାଇ ଯେପରି ସ୍ୱାଧୀନତା ଦିବସରେ ପୋଲିସ ମାନେ ପ୍ୟାରେଡ କରନ୍ତି ଠିକ୍ ସେହିପରି ଭାବରେ ଆଗକୁ ମାଡି ଆସୁଥାନ୍ତି ଆଉ ରାସ୍ତାର ଦୁଇ କଡରେ ଠିଆ ହୋଇଥିବା ମାଆ ଭଉଣୀମାନେ ସେମାନଙ୍କ ଉପରକୁ ପୁଷ୍ପ ବୃଷ୍ଟି କରୁଥାନ୍ତି । ତିନୋଟି ଦିଗରୁ ଆସୁଥିବା ଶୋଭାଯାତ୍ରା ଗୁଡିକ ଏକ ସମୟରେ ରାମ ମନ୍ଦିର ଟ୍ରାଫିକ ଛକରେ ମିଳିତ ହୋଇ ମାଷ୍ଟର କ୍ୟାଣ୍ଟିନ ଅଭିମୁଖେ ଆଗେଇ ଯାଇଥିଲେ । କି ସୁନ୍ଦର ଦୃଶ୍ୟ, ଶୃଙ୍ଖଳିତ ବ୍ୟବସ୍ଥା, ଅନୁଶାସିତ ବ୍ୟକ୍ତି । ଏ ଦୃଶ୍ୟ ଦେଖିଲେ କେହି ପ୍ରଶଂସା ନକରି ରହିପାରିବେ ନାହିଁ । କିଏ ଏମାନେ ? କଣ ପାଇଁ ଏ ଭବ୍ୟ ଶୋଭାଯାତ୍ରା ? ଏହି ପ୍ରଶ୍ନ ମୋ ମନରେ ଉଙ୍କି ମାରୁଥାଏ । ଦେଖିଲି ବିଭିନ୍ନ ଗଣମାଧ୍ୟମ ସମ୍ମୁଖରେ କିଛି ବ୍ୟକ୍ତି ତାଙ୍କର ପ୍ରତିକ୍ରିୟା ରଖୁଥାନ୍ତି । ସେମାନଙ୍କ ନିକଟକୁ ଯାଇ ଜାଣିଲି ଯେ ଭବ୍ୟ ଶୋଭାଯାତ୍ରାରେ ଯାଉଥିବା ଲୋକମାନେ ହେଉଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ । ସଂଘ ଶହେ ବର୍ଷରେ ପଦାର୍ପଣ କରିଛି । ଏହି ଅବସରରେ ସାରା ଭାରତ ବର୍ଷରେ ବିଶାଳ ପଥ ସଞ୍ଚଳନମାନ ଅନୁଷ୍ଠିତ ହେଉଛି ।

ଏହାପରେ ଘରକୁ ଫେରିଗଲା ପରେ ମୁଁ ଆମ ଅଞ୍ଚଳରେ ଥିବା ସଂଘର ଅନେକ କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲି । ସେମାନଙ୍କ ଠାରୁ ମୋ ମନରେ ଥିବା ଅନେକ ପ୍ରଶ୍ନର ସମାଧାନ ମଧ୍ୟ ପାଇଗଲି । ସେମାନଙ୍କ ମତରେ ଆରଏସ୍ଏସ୍ ଶହେ ବର୍ଷରେ ପହଞ୍ଚିଛି । ସେଥିପାଇଁ ସଂଘ ତରଫରୁ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ବିଜୟା ଦଶମୀରେ ଶତାବ୍ଦୀ ବର୍ଷର ଉଦ୍‌ଘାଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଓଡିଶା ପୂର୍ବରେ୧୨୭୧ ମଣ୍ଡଳ ଓ ୪୭୬ ବସତିର ୮୬୯ ସ୍ଥାନରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଁ ଅନେକ ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଗୁଡିକରେ ସଂଘର ସେହି ବିଶାଳ ପଥସଞ୍ଚଳନ ଗୁଡିକୁ ଅବଲୋକନ କରିଛି । ଯେତେବେଳେ ଓଡିଶାର ବିଭିନ୍ନ ଜିଲ୍ଲାରେ ଏହି ଶୋଭାଯାତ୍ରାଗୁଡ଼ିକ ଅନୁଷ୍ଠିତ ହେଉଥିଲା ସେତେବେଳେ ସହର ଏବଂ ବସ୍ତି ଗୁଡିକ ଗୈରିକ ରଙ୍ଗର ପତାକାରେ ପରିପୂର୍ଣ୍ଣ ହୋଇଯାଉଥିଲା। ମହିଳାମାନେ ଛାତରୁ ଫୁଲ ବୃଷ୍ଟି କରୁଥିଲେ ଏବଂ ପିଲାମାନେ 'ବନ୍ଦେ ମାତରମ୍' ଗାନ କରୁଥିଲେ। ପ୍ରତ୍ୟେକ ନଗର, ପ୍ରତ୍ୟେକ ଗାଁ ଏବଂ ବସତି ଏହି ଏକାତ୍ମତା ସାକ୍ଷାତକାରର ସାକ୍ଷୀ ହୋଇଛନ୍ତି। କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ଖୋର୍ଦ୍ଧା, ନୟାଗଡ, ଜଗତସିଂପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ମୟୁରଭଞ୍ଜ, କେନ୍ଦୁଝର, ରାଇରଙ୍ଗପୁର, ଗଞ୍ଜାମ, ଗଜପତି, ଆସ୍କା ଏବଂ କନ୍ଧମାଳ, ସୁନ୍ଦରଗଡ, ରାଉରକେଲା, କୋରାପୁ ଆଦି ସ୍ଥାନମାନଙ୍କରେ ପଥ ସଞ୍ଚଳନ ଗୁଡ଼ିକ ସମାନ ଉତ୍ସାହ ଏବଂ ଅନୁଶାସନ ସହିତ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବା ପଥ ସଞ୍ଚଳନ ଗୁଡ଼ିକ କୌଣସି ରାଜନୈତିକ ପ୍ରଦର୍ଶନ ନଥିଲା, କ୍ଷମତା ପାଇଁ କୌଣସି ଆକାଂକ୍ଷା ନଥିଲା; ବରଂ ଏହା ରାଷ୍ଟ୍ରଭାବ, ଶୌର୍ଯ୍ୟ ଏବଂ ଶୃଙ୍ଖଳାର ଏକ ସାର୍ବଜନୀନ ଦର୍ଶନ ଥିଲା। ଛୋଟ ନଗରରୁ ମହାନଗର ପର୍ଯ୍ୟନ୍ତ, ସଂଘ ୟୁନିଫର୍ମ ପିନ୍ଧା ବା ସଂଘର ଗଣବେଶଧାରୀ ସ୍ୱୟଂସେବକଙ୍କ ଧାଡ଼ି କେବଳ ଦେଖିବା ପାଇଁ ଏକ ଦୃଶ୍ୟ ନୁହେଁ ବରଂ ପ୍ରେରଣାଦାୟକ ମଧ୍ୟ ଥିଲା। ଶିଶୁ, ଯୁବକ ଏବଂ ବୃଦ୍ଧ ସମସ୍ତ ବୟସର ସ୍ୱୟଂସେବକମାନେ ଘୋଷ ବାଦ୍ୟଯନ୍ତ୍ର ବଜାଇ ଦଣ୍ଡ ଏବଂ ଧ୍ୱଜର ସହିତ ଧାଡ଼ି ହୋଇ ଯାଉଥିଲେ । ପଥ ସଞ୍ଚଳନ ଯିବାବେଳ ପଥର ଦୁଇ କଡରେ ଠିଆ ହୋଇ ମାଆ, ଭଉଣୀମାନେ 'ଭାରତ ମାତା କି ଜୟ' ସ୍ଲୋଗାନ ଦେବା ସହିତ ପୁଷ୍ପ ବୃଷ୍ଟି କରୁଥିଲେ । ଏହି ପଥ ସଞ୍ଚଳନକୁ ଦେଖି ପ୍ରତ୍ୟେକ ଦର୍ଶକ ଅନୁଭବ କରୁଥିଲେ ଯେ ଏହି ସଂଗଠନ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ରାଷ୍ଟ୍ରୀୟ ଆତ୍ମାର ପ୍ରବାହ। ଏହି କାର୍ଯ୍ୟକ୍ରମଗୁଡ଼ିକ ପାଇଁ ପ୍ରସ୍ତୁତି ମଧ୍ୟ ନିଜ ଭିତରେ ଏକ ବିଶାଳ ଅଭ୍ୟାସ ଥିଲା ସଂଘର କାର୍ଯ୍ୟ ପଦ୍ଧତିର ଏକ ଉଦାହରଣ। ସ୍ୱୟଂସେବକମାନେ ମାସ ମାସ ପୂର୍ବରୁ ସ୍ଥାନୀୟ ସ୍ତରରେ ଯୋଜନା କରିଥିଲେ। ସହରଗୁଡ଼ିକରେ ପଥ ଚିହ୍ନିତ କରାଯାଇଥିଲା, ନାଗରିକ କମିଟି ଗଠନ କରାଯାଇଥିଲା, ଏବଂ ପ୍ରଶାସନ ସହିତ ସମନ୍ୱୟ ସ୍ଥାପନ କରାଯାଇଥିଲା। ସମାଜର ପ୍ରତ୍ୟେକ ବର୍ଗ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ସ୍ପଷ୍ଟ କରେ ଯେ ଆଜି ସଂଘ କେବଳ ଶାଖାରେ ସୀମିତ ନୁହେଁ, ବରଂ ଶିକ୍ଷା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶ, ସ୍ୱାସ୍ଥ୍ୟ ଏବଂ ସେବା କ୍ଷେତ୍ରରେ ବ୍ୟାପକ ସାମାଜିକ ସଚେତନତାର ଏକ ମାଧ୍ୟମ ପାଲଟିଛି। ସଂଘର ପଥ ସଞ୍ଚଳନ ଦୃଶ୍ୟଗୁଡ଼ିକ ପ୍ରମାଣ କରେ ଯେ ସଂଘର କାର୍ଯ୍ୟ କେବଳ ପୁରୁଷ-କୈନ୍ଦ୍ରିକ ନୁହେଁ, ବରଂ ସମାଜର ପ୍ରତ୍ୟେକ ବର୍ଗର ଅଂଶଗ୍ରହଣ ସହିତ ଏକ ସମରସ ରୂପ ନେଇଛି।

କିଛି ସ୍ଥାନରେ ବିଦେଶୀ ନାଗରିକମାନେ ମଧ୍ୟ ଏହି ପଥସଞ୍ଚଳନଗୁଡ଼ିକୁ ଦେଖି ଭାରତର ସାଂଗଠନିକ ଶକ୍ତି, ଶୃଙ୍ଖଳା ଏବଂ ଆତ୍ମୀୟତାର ପ୍ରଶଂସା କରିଥିଲେ। ଏହା ହେଉଛି ଭାରତର ନରମ ଶକ୍ତିର ପ୍ରତିଫଳନ, ଯାହାକୁ ସଂଘ ସମାନ ପୋଷାକ, ସଞ୍ଚମିତ ଗତି ଏବଂ ସାମୂହିକ ନିଷ୍ଠା ମାଧ୍ୟମରେ କୌଣସି ରାଜନୈତିକ କିମ୍ବା ଧାର୍ମିକ ସ୍ଲୋଗାନ ବିନା ଭାରତୀୟ ସଂସ୍କୃତିର ଜୀବନ୍ତତା ମାଧ୍ୟମରେ ପରିଚିତ କରାଇଛି । ଏହି ଅନୁଶାସନ କୌଣସି ଭୟରୁ ନୁହେଁ ବରଂ ଆତ୍ମ-ସଂଯମ ଏବଂ ଦେଶପ୍ରେମରୁ ଉତ୍ପନ୍ନ ହୁଏ ଭାରତୀୟ ସଭ୍ୟତାର ଏକ ବିଶେଷ ପରିଚୟ।

ପ୍ରତ୍ୟେକ ସ୍ୱୟଂସେବକଙ୍କ ପାଇଁ ଏହି ପଥସଞ୍ଚଳନ ଥିଲା ବର୍ଷ ବର୍ଷର ଶାଖା ପ୍ରଶିକ୍ଷଣ ଏବଂ ଆତ୍ମସଂଯମର ପ୍ରତିଫଳନ ଓ ଏକ ସାଧନା। ଏହି କାର୍ଯ୍ୟକ୍ରମ ସଂଘର ମୂଳ ଉଦ୍ଦେଶ୍ୟର ପ୍ରତିଫଳନ ଥିଲା ରାଷ୍ଟ୍ରର ସେବା କେବଳ ଶବ୍ଦ କିମ୍ବା ସ୍ଲୋଗାନ ମାଧ୍ୟମରେ ନୁହେଁ, ବରଂ ଶୃଙ୍ଖଳିତ ଜୀବନ ଏବଂ ସମର୍ପିତ କାର୍ଯ୍ୟ ଦ୍ୱାରା ସମ୍ଭବ। ସଂଘର ଏହି 'ଶତାବ୍ଦୀ ପଥ ସଞ୍ଚଳନ' ସ୍ୱୟଂସେବକମାନଙ୍କ ପାଇଁ ଆତ୍ମନିରୀକ୍ଷଣ ଏବଂ ଆତ୍ମ-ପ୍ରତିଫଳନର ଏକ ସୁଯୋଗ ତଥା ନିଜ ଭିତରେ ସଂଗଠନର ଭାବନାକୁ ଆହୁରି ମଜବୁତ କରିବା ପାଇଁ ଏକ ଆହ୍ୱାନ ହୋଇଗଲା ।

ରାଷ୍ଟ୍ରୀୟ ଚେତନାକୁ ଜୀବିତ ରଖୁଥିବା ସଂଗଠନର ମୂଲ୍ୟାଙ୍କନ କେବଳ ସେମାନଙ୍କର ବର୍ଷ ଗଣନା ଦ୍ୱାରା ନୁହେଁ ବରଂ ସମାଜରେ ସେମାନେ ସୃଷ୍ଟି କରିଥିବା ଆତ୍ମବିଶ୍ୱାସ, ଅନୁଶାସନ ଏବଂ ଏକାତ୍ମତାର ଭାବନା ଦ୍ୱାରା ବିଚାର କରାଯାଏ। ୧୯୨୫ ମସିହାରେ ଡକ୍ଟର ହେଡଗେୱାରଙ୍କ ନେତୃତ୍ୱରେ ନାଗପୁରରେ ଏକ ଛୋଟ ଶାଖାରୁ ନିଜର ଯାତ୍ରା ଆରମ୍ଭ କରିଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜି ଶତବାର୍ଷିକୀ ବର୍ଷରେ ପ୍ରବେଶ କରିଛି। ଏହି ଅବସରରେ ଦେଶବ୍ୟାପୀ ଆୟୋଜିତ 'ବିରାଟ ପଥ ସଞ୍ଚଳନ' (ଭବ୍ୟ ଶୋଭାଯାତ୍ରା) କେବଳ ଏକ ସ୍ମରଣୋତ୍ସବ କିମ୍ବା ପ୍ରଦର୍ଶନ ନୁହେଁ, ବରଂ ଗତ ଶହେ ବର୍ଷ ଧରି ସଂଘ ଭାରତୀୟ ସମାଜ ଚେତନାରେ ଗଭୀର ଭାବରେ ସ୍ଥାପିତ କରିଥିବା ସାଂଗଠନିକ ଅନୁଶାସନ, ଆତ୍ମୀୟତା ଏବଂ ରାଷ୍ଟ୍ରୀୟ ଭାବନାର ଏକ ଜୀବନ୍ତ ପ୍ରମାଣ । ତେଣୁ ଆଜି ଏହା ସମାଜ ପ୍ରତି ତାହାର ଅଟଳ ନିଷ୍ଠାର ଏକ ଜୀବନ୍ତ ପ୍ରତୀକ ପାଲଟି ଯାଇଛି।

ସଂଘର ଏହି ଶତବାର୍ଷିକୀ ବର୍ଷ ଐତିହାସିକ ବର୍ଷ ରୂପେ ପରିଚିତ ହୋଇଛି। ଏହା ଏପରି ଏକ ସମୟ ଯେତେବେଳେ ଭାରତ ବିଶ୍ୱ ସ୍ତରରେ ଏକ ଆତ୍ମବିଶ୍ୱାସୀ ରାଷ୍ଟ୍ର ଭାବରେ ଉଭା ହେଉଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି ଏବଂ ଅନ୍ତର୍ଜାତୀୟ ରାଜନୀତିରେ ଭାରତର ଭୂମିକା ନିରନ୍ତର ବୃଦ୍ଧି ପାଉଛି। ଏପରି ସମୟରେ ସଂଘର ଶତବାର୍ଷିକୀ ବର୍ଷ ଏକ ନୂଆ ମୁହୂର୍ତ୍ତକୁ ସୂଚିତ କରେ, ଯେଉଁଠାରେ ସଂଗଠନ ନିଜକୁ ନୁହେଁ ବରଂ ଭାରତର 'ସ୍ୱ' ଭାବକୁ ପୁନଃସ୍ଥାପିତ କରୁଛି। ଯେତେବେଳେ ହଜାର ହଜାର ସ୍ୱୟଂସେବକ ଗୋଟିଏ ବେଶରେ, ଗୋଟିଏ ସ୍ୱରରେ ଏବଂ ଗୋଟିଏ ଲୟରେ ଆଗକୁ ବଢ଼ିଥାନ୍ତି ସେହି ଦୃଶ୍ୟ କେବଳ ସଂଘର ନୁହେଁ ବରଂ ରାଷ୍ଟ୍ରର ଏକତ୍ମତାର ପ୍ରତୀକ ହୋଇଯାଏ।

ଡକ୍ଟର କେଶବ ବଳିରାମ ହେଡଗେୱାର କହିଛନ୍ତି 'ସଂଘର ଲକ୍ଷ୍ୟ ହେଉଛି ବ୍ୟକ୍ତି ନିର୍ମାଣ କରିବା, ଏବଂ ବ୍ୟକ୍ତି ମାଧ୍ୟମରେ ସମାଜର ଉତ୍‌ଥାନ କରିବା।' ଶତାବ୍ଦୀ ବର୍ଷର ଏହି ପଥ ସଞ୍ଚଳନ ସେହି ଚିନ୍ତାଧାରାକୁ ମୂର୍ତ୍ତିମନ୍ତ କରିଛି। ଯେତେବେଳେ ହଜାର ହଜାର ସ୍ୱୟଂସେବକ ଏକ ଲୟରେ ଗୋଟିଏ ଦିଗରେ ଆଗକୁ ବଢୁଥିଲେ, ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଯେପରି ରାଷ୍ଟ୍ରର ଆତ୍ମା ସ୍ୱୟଂ ଚାଲୁଛନ୍ତି । ଏହି ଘଟଣା କେବଳ ବିଗତ ଶହେ ବର୍ଷର ସାଧନାକୁ ସ୍ମରଣ କରୁନଥିଲା ବରଂ ଆଗାମୀ ଶତାବ୍ଦୀର ଦିଗକୁ ମଧ୍ୟ ସୂଚାଉଥିଲା।

ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ସଂଘର ଏହି ଶତାବ୍ଦୀ ପାଳନ ଏପରି ଏକ ସମୟରେ ହେଉଛି ଯେତେବେଳେ ଭାରତ ବିଶ୍ୱ ନେତୃତ୍ୱ ଭୂମିକାରେ ଆଗକୁ ବଢୁଛି। ଜି-୨୦, ମହାକାଶ ବିଜ୍ଞାନ, ଡିଜିଟାଲ ବିପ୍ଳବ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ସଂଘର୍ଷ ମଧ୍ୟରେ ଭାରତର ଦୃଷ୍ଟିକୋଣ ବିଶ୍ୱକୁ ଗୋଟିଏ ପରିବାର ଭାବରେ ବିବେଚନା କରୁଛି। ସଂଘର ମୂଳମନ୍ତ୍ର, 'ବସୁଧୈବ କୁଟୁମ୍ବକମ୍'ର ଭାବନା ଆଉ କେବଳ ଶାସ୍ତ୍ର ମଧ୍ୟରେ ସୀମିତ ନୁହେଁ ବରଂ ବିଶ୍ୱ ନୀତିର ମାର୍ଗଦର୍ଶକ ହୋଇପାରୁଛି। ତେଣୁ ଶତବାର୍ଷିକୀ ପଥ ସଞ୍ଚଳନ ଏହି ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯାହା କେବଳ ରାଷ୍ଟ୍ରୀୟ ନୁହେଁ ବରଂ ବିଶ୍ୱ ଏକତାର ପ୍ରତୀକ।

ଇତିହାସର ପୃଷ୍ଠା ଲେଉଟାଇଲେ ଆମେ ସ୍ପଷ୍ଟ ଦେଖିପାରିବା ଯେ ସଂଘ ଅନେକ ସଙ୍କଟ ସମୟରେ ଦେଶକୁ ଏକ ସୂତ୍ରରେ ବାନ୍ଧିବା ପାଇଁ କାର୍ଯ୍ୟ କରିଛି। ବିଭାଜନ ସମୟରେ ରିଲିଫ୍ କାର୍ଯ୍ୟ, ୧୯୬୨, ୧୯୬୫ ଏବଂ ୧୯୭୧ ଯୁଦ୍ଧ ସମୟରେ ନାଗରିକ ସହାୟତା, ୧୯୭୫ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ରର ରକ୍ଷା, ୧୯୯୦ ଦଶକରେ ସାମାଜିକ ସମରସତା ପାଇଁ ପ୍ରୟାସ,୧୯୯୯ ମହାବାତ୍ୟାର ଓଡିଶାରେ ସେବାକାର୍ଯ୍ୟ,କୋଭିଡ୍-୧୯ ମହାମାରୀ ସମୟରେ ସେବା ଭାରତୀ ମାଧ୍ୟମରେ କରାଯାଇଥିବା ରିଲିଫ୍ ଅଭିଯାନ ଏବଂ ପ୍ରତିବର୍ଷ ପୁରୀ ରଥଯାତ୍ରା ସମୟରେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ଆଦି ଏସବୁ ଦର୍ଶାଏ ଯେ ସଂଘର କାର୍ଯ୍ୟକଳାପ କେବଳ ବିଚାରଗତ ନୁହେଁ ବରଂ ବ୍ୟବହାରିକ ରାଷ୍ଟ୍ର ସେବା ସହିତ ଜଡିତ। ତେଣୁ ଶତବାର୍ଷିକୀ ପାଳନକୁ ସେହି ନିରନ୍ତର ସାଧନାର ପରିଣାମ ଭାବରେ ଦେଖାଯିବା ଉଚିତ।

ବିରାଟ ପଥ ସଞ୍ଚଳନର ଆଉ ଏକ ନିହିତାର୍ଥ ହେଉଛି ସମାଜରେ ସଂଗଠିତ ଜୀବନ ସଂସ୍କୃତିକୁ ପୁନଃସ୍ଥାପିତ କରିବା। (କ୍ରମଶଃ)



# ଏବେ ବାଲେଶ୍ୱର ନୁହଁ, ଭୁବନେଶ୍ୱର ବ୍ରାଉନ ସୁଗାରର ପେଣ୍ଠସ୍ଥଳୀ

**ସୁବ୍ରତ କର**

ଯେତେ ପ୍ରକାରର ନିଶାଦ୍ରବ୍ୟ ବଜାରରେ ଚାଲିଛି ସବୁଠାରୁ ବେଶି ଚାହିଦା ହେଉଛି ବ୍ରାଉନ୍ ସୁଗର । ଏହାର ମୂଳ କାରଣ ହେଲା ଏହା ଦାମିକା, ଭଦ୍ର ଭାବରେ ଏବଂ ଅତି ସହଜ ଉପାୟରେ ଜଣକ ପାଖରୁ ଆଉ ଜଣକ ପାଖକୁ ପହଞ୍ଚିପାରେ ଏବଂ ଏହା ଏବେ ଯୁବ ପିଢ଼ିଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ଲାଭ କରିଛି । ଭୁବନେଶ୍ୱରରେ ଯୁବ ପିଢ଼ିର ଅଭାବ ନାହିଁ ବା କଲେଜର ଅଭାବ ନାହିଁ। ଏହାର ଚାହିଦା ଦିନକୁ ଦିନ ଏତେ ବଢ଼ିବାରେ ଲାଗିଛି ଯେ ଆଉ ଅନ୍ୟ ପ୍ରକାରର ନିଶା ଏହା ସହିତ ପ୍ରତିଯୋଗିତା କରିପାରୁ ନାହିଁ। ଖାଲି ପାଖରେ ଟଙ୍କା ଥିବାର ଅଛି ଆଉ ଠିକଣା ଜାଣିବାର ଅଛି। ଜାଗାର ମଧ୍ୟ ଅଭାବ ନାହିଁ, କାରଣ ଶହ ଶହ କଲେଜର ଶହ ଶହ ହଷ୍ଟେଲ ଅଛି । କେହି କିଛି ଜାଣିବାର ସୁଯୋଗ ପାଇବେ ନାହିଁ ଏବଂ ଏହା ମଦ, ସିଗାରେଟ, ଗଞ୍ଜେଇ ଭଳି ଅଭଦ୍ର ଭାବରେ ଗନ୍ଧ ବାହାର କରେ ନାହିଁ । ଏହାକୁ ଜାଣିବାକୁ ହେଲେ ଜଣକୁ ବେଶ୍ କିଛି ସମୟ ନିରିକ୍ଷଣ କରିଲେ ତା'ର ବ୍ୟବହାର ଏବଂ କଥା କହିବାର ଢଙ୍ଗରୁ ଜାଣିହେବ। ନିଶ୍ଚିତ ଭାବରେ ଏହା ଅନ୍ୟ ନିଶା ଦ୍ରବ୍ୟଠୁ ଦାମିକା ଏବଂ ଯଥେଷ୍ଟ ଭଦ୍ର । ଥରେ ଅଭ୍ୟାସ ହୋଇଗଲେ ସେ ପିଲାଟିର ଭବିଷ୍ୟତ ସହିତ ତା'ର ଘରର ଭବିଷ୍ୟତ ମଧ୍ୟ ନଷ୍ଟ ହୋଇଯାଇଥାଏ। ଏହାର ମଦ, ସିଗାରେଟ ଭଳି ବିଜ୍ଞାପନର ଆବଶ୍ୟକତା ପଡ଼ି ନଥାଏ ତେବେ ଥରେ ଠିକଣା ଲୋକଙ୍କ ହାବୁଡ଼ରେ ପଡ଼ିଲେ ଆଉ କିଛିର ଦରକାର ନଡ଼ି ନଥାଏ ।

ମୁଁ କାହିଁକି ଭୁବନେଶ୍ୱର କଥା କହୁଛି ଏବେ ଆପଣମାନେ ଜାଣନ୍ତୁ । ରାଜ୍ୟ ପୋଲିସର କେନ୍ଦ୍ରାଞ୍ଚଳ ଅଧିନରେ ଥିବା ୭ଟି ଜିଲ୍ଲାରେ ୨୦୨୫ ମସିହା ଅକ୍ଟୋବର ମାସ ଶେଷ ସୁଦ୍ଧା ପ୍ରାୟ ୪ କେଜି ୨୨ ଗ୍ରାମର ବ୍ରାଉନ୍ ସୁଗାର ଜବତ ହୋଇଛି । ଏହାର ମୂଲ୍ୟ ହାରାହାରି ୪ କୋଟି ୨୪ ଲକ୍ଷ ୪୬ ହଜାର ଟଙ୍କା। ଏହି ଧରପଗଡ଼ ପାଇଁ ୮୧ଟି କେସ୍ ରୁଜୁ ହୋଇଛି ଏବଂ ଏହାପାଇଁ ୧୬୮ଜଣ ନିଶା ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାହୋଇଛି । ଏହା ମଧ୍ୟରୁ ସବୁଠୁ ବେଶି ହୋଇଛି ଖୋର୍ଦ୍ଧା ଜିଲ୍ଲରେ (ଭୁବନେଶ୍ୱର) । ଏହା ପରେ ଜଗତସିଂହପୁର ଏବଂ ତିନି ନମ୍ବରରେ ପୁରୀ ଜିଲ୍ଲା। ଅନ୍ୟ ଜିଲ୍ଲା ମାନଙ୍କ ମଧ୍ୟରେ ଏବେ ଏବେ ୨୧ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ବାଲେଶ୍ୱରରୁ ଏବଂ ଝାରସୁଗୁଡ଼ା ଜିଲ୍ଲାରୁ ୯୬୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାହୋଇଛି ଏବଂ ଏଥିରେ ୪ ଜଣଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ମହିଳା। ବାଲେଶ୍ୱର ଠାରେ ମଧ୍ୟ ମହିଳା ମାନେ ବେଶ୍ ଭଲ ଭାବରେ ଜଡ଼ିତ । ଏଥିରୁ ଜଣା ପଡ଼ିଛି ଦକ୍ଷିଣ ପଶ୍ଚିମ ଓଡ଼ିଶାକୁ ଛାଡ଼ି ଦେଲେ ପ୍ରାୟ ରାଜ୍ୟର ସବୁ ଭାଗକୁ ବ୍ରାଉନ୍ ସୁଗାରର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଇଟା ନିଶ୍ଚିତ ଏହାଦିନକୁ ଦିନ ବଢ଼ି ଚାଲିବ କାରଣ ଏହାର ଚାହିଦା ପ୍ରଚୁର ଏବଂ ଏହା ଉପରେ କୌଣସି ସରକାରଙ୍କୁ ଅଙ୍କୁଶ ଲଗାଇବା ସହଜ ହେବ ନାହିଁ । ଏବେ ଏବେ ଆମ ସରକାରଙ୍କ ମନ୍ତ୍ରୀ କହିଛନ୍ତି ସବୁ କଲେଜ ଏବଂ ୟୁନିଭରସିଟିର କ୍ୟାମ୍ପସ ଠାରେ ଡ୍ରଗ୍ସ ଅଫିସରଙ୍କୁ ନିଯୁକ୍ତି ଦେଇ କମେଇବା ପାଇଁ ଚେଷ୍ଟ କରିବେ । ଆମେ ଅପେକ୍ଷା କରିବା । ତେବେ ସେହି ଭୁବନେଶ୍ୱରର ଏକ ଅଦାଲତ ୪ ଜଣ ନିଶା ମାଫଆଙ୍କୁ ପ୍ରାୟ ୧.୫ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ ମାମଲାରେ ୨୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଏହାଛଡ଼ା ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଦେବାପାଇଁ ଦଣ୍ଡ ଶୁଣାଇଛନ୍ତି । ମୋର ମନେ ହୁଏ ଏହାହିଁ ଏକମାତ୍ର ବାଟ ଯେଉଁଥିରୁ ନିଶା ମାଫିଆଙ୍କ ସଂଖ୍ୟା ସରକାର କମାଇ ପାରିବେ ଏବଂ ବ୍ରାଉନ୍ ସୁଗରର କାରବାରକୁ ରୋକି ପାରିବେ ।

## କବିତା କୋଣାର୍କ

### ପ୍ରଶ୍ନ : ତୁମକୁ

**ଲୋକେଶ୍ୱର ପାଣ୍ଡେ**



ତୁମେ କାହାର
ମିଛକୁ ଶହ ଶହ ଥର ସତ୍ୟର ପ୍ରଲେପ
ଦେଇ
ସତ ସତ କହୁଥିବା
ଛଦ୍ମବେଶୀର
ନା ସତ କହୁ କହୁ
ବାର ବାର ପରାଜିତ
ନିଷ୍ପେସିତର
କାହାର କାହାର କାହାର ??
ଦାନ ଦକ୍ଷିଣା ରେ ପୋତି ପକାଉ ଥିବା
ମୁଖା ପିନ୍ଧା ଦାନ ବୀରର
ନା ମାଟିଠୁ ଆକାଶ
ଭୋକିଲାର ଭୋକ
ଶୋଷିଲାର ଶୋଷ
ହସରେ ଲୁହରେ
ଭଙ୍ଗାରେ ଗଢାରେ
ନିର୍ବିକାରରେ ତୁମକୁ
ଅନୁଭବୁ ଥିବା ନିରୀହ ପଣର

କାହାର କାହାର କାହାର ??
ପିଠିରେ ପାଦ
ପେଟରେ ଲାତ
ତୁମର ଦୁହି ଦେଇ
ଗଢେ ବିଳାସର ପ୍ରାସାଦ
ମୁଁ କାରରେ ଦୋହଲି ପଡନ୍ତି
ଦଦରା ନା' ର ନାବିକ
ଶ୍ୟାମଳ ସପନ ହୁଅଇ ଧୂସର
ତେଲିଆ ମୁଣ୍ଡରେ ତେଲ
ମୁଠାଏ ପଖାଳ ପାଇଁ ବିକଳ
ତୁମେ କାହାର କାହାର କାହାର ??
ଉତ୍ତର ଦିଅ
ଛିଡ଼ା ଏବେ ତୁମରି ସାମ୍ନାରେ
କରିବିନି ଧର୍ମଘଟ
ହେବିନି କାକୁସ୍ଥ
ଥୁଣ୍ଟା ଅଶ୍ୱଥ
ତୁମ ଇସାରାରେ
ହୁଏ ପ୍ଲବିତ
ତୁମେ ଆଲୋକ
ତୁମେ ହିଁ ତ ଅନ୍ଧାର
ବାଘର ହେଣ୍ଟାଳ
ମୃଗୁଣୀ ଆଖି ଛଳ ଛଳ
କାହାର କାହାର କାହାର ??

ମେଣ୍ଡିପାଲି, ଦଶପୁର, ବଲାଙ୍ଗୀର

### ତୁମେ ଏବେ କେଉଁଠି ଅଛ

**ରବୀନ୍ଦ୍ର କୁମାର ପାତ୍ର**

ଭଲ ପାଇଁ ଭୁଲିଯିବା ଆଉ କଥା
ଦେଇ କଥା ନ ରଖିବା
ହୁଏତ ତୁମ ପାଇଁ ସହଜ ଥିଲା
ମୁଁ କିନ୍ତୁ ତୁମକୁ ଭୁଲି ନାହିଁ କି କଥା
ଦେଇ ଠକିବି ନାହିଁ
ଆଜି ବି ତୁମକୁ ସେମିତି ଭଲ ପାଉଛି
ଯେମିତି ଭଲ ପାଉଥିଲି ।

ହଁ ଦେଖିଲେ କଥା ହଉ ନାହିଁ ସତ
ବାଟ ଭାଙ୍ଗି ଚାଲି ଆସୁଛି ବି ସତ
ହେଲେ ତୁମେ ଗଲା ପରେ ମୁହଁ
ଫେରେଇ
ପୁଣି ଖୋଜୁଛି ତୁମକୁ
କୁଆଡେ ଗଲ, ଅଛ ନା
ମୋତେ ଅପେକ୍ଷା କରିଛ
କେଉଁଠି ଲୁଚି ରହିଛ ।

ବହୁ ଦିନ ହେବ ତୁମକୁ ଖୋଜୁଛି
କେଉଁଠି ଅଛ କେମିତି ଅଛ
ଭଲରେ ଅଛ ନା ମନ୍ଦ ରେ ଅଛ
କେଉଁଠି ବି ତୁମ କଥା ଶୁଣିବାକୁ ପାଉନି
କି ଜାଣିବାକୁ ଚାହିଁଲେ ବି ଲୋକ ଲଜ୍ୟା
ଭୟ ରେ ବୁଝି ପାରୁନାହିଁ
କୁହ ତୁମେ ଏବେ କେଉଁଠି ଅଛ ।

+ଗୁଲନଗର କେନ୍ଦ୍ରାପଡ଼ା
ମୋ; ୯୯୩୭୦୭୮୯୧୬

ଗଳ୍ପମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ





ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୩ ନଭେମ୍ବର ସୋମବାର, ୨୦୨୫


# ଜହ୍ନ


ରତିକାନ୍ତ ବିଶ୍ୱାଳ






ବାସୁ ଖୁଡି । ବୟସ ପାଖାପାଖି ବାଉନ। ସଂସାର କହିଲେ ଚାରିଝିଅ। ଝିଅମାନେ ଏବେ ସବୁ ପରଘରି। ଯାହା ଜମିବାଡ଼ି ଥିଲା ବିକିରିଟିକିରି କରି ଝିଅମାନଙ୍କୁ ମଥେଇ ଦେଇଛି । ଦାଦା ଅଧା ବୟସରୁ ଚାଲି ଗଲାଣି। ରତନା ଦାଦିଥିଲା ପାଞ୍ଚ ହାତର ମରଦ । ଅଧାତାଳ ଗଛ, ବଳିଷ୍ଠ ଶରୀର, ପୁରିଲା ପୁରିଲା ବାହୁ ଓ ଚମ୍ପା ଫୁଲପରି ରଙ୍ଗ। ନିଶଟି ମୁହଁକୁ ସୁନ୍ଦର ମାନେ। ହେଲେ କଣ ହେବ, ମଦ ସହ ସାଙ୍ଗ ବନେଇଥିଲା । ଅମଳ ହେଇଗଲା, ଭୁଲି ପାରିଲାନି କି ଛାଡ଼ି ପାରିଲାନି। ଜଠରରେ ଘା ହେଇଗଲା, ଫୁଲ୍ଲୁକଲିଜା ଜଳିଗଲା। ଖୁଡି ପରାଣ ଦେଇକି ଗେରସ୍ତକୁ ବଞ୍ଚେଇବାକୁ ଚେଷ୍ଟା କଲା। ଅନେକ ବଇଦ, ଡାକତର ଦେଖେଇଲା। ବହୁତ ବୁଝେଇଲା ହେଲେ ଦାଦି ବୁଝିଲାନି। ବେଳେବେଳେ ଅଧରାତିରେ ଖୁଡିଘରୁ ପାଟି ଶୁଣାଯାଏ। କୁଆ ଗୁହ ନ ଖାଉଣୁ ଦାଦା ଭାଟିକୁ ଯାଏ। କହିବାକୁ ଗଲେ ମୁହଁ ଧୋଇବ ମଦରେ । ଏକା ପିଇବନି, ପାଞ୍ଚ ପଚିଶଙ୍କୁ ପେଇବ । ଦାଦା ପିଲାମାନଙ୍କୁ ଭାରି ଭଲପାଏ । ଭାଟିରୁ ଫେରିବା ବେଳକୁ ପିଲାଏ ଅନେଇ କି ଥିବେ, ଡାହାଳକୁକୁର ପରି ମାଡ଼ି ବସିବେ। ଦାଦିଠୁଁ ଖୁଚୁରା ପଇସାନେଇ ଡେଇଁଡେଇଁ କି ଯିବେ ଖୁସିରେ। ଖୁଡି ମୁଣ୍ଡ ଛୁଆଁଏ, ଦାଦି ହଁ ମାରେ, କିନ୍ତୁ ....। କାଳ କାହାରି ସୁଖଦୁଃଖ ବୁଝେନି। ହୁସିଆର ହେଲାନି ଦାଦି। ଶେଷରେ ଅଧା ବୟସରୁ ମଡା ହେଇଗଲା ।

ବାସୁ ଖୁଡି ଭାରି ସରଳିଆ ମଣିଷଟେ। କପଟ କଣ ଜାଣିନି । ଛୋଟ ବେଳେ କେବେ ଇସ୍କୁଲ ଯାଇଥିଲା, ମନରେ ପକେଇ ପାରେନି । ଅବଧାନେ ଖୁଡିର ମୁଣ୍ଡରେ ମନ୍ଦାର ଫୁଲିଆ ଚୁଟିକୁ ଧରିକି ବାଡେଇଥିଲେ । ସେବେଠୁ କେବେ ଇସ୍କୁଲ୍ ପିଣ୍ଡା ମାଡ଼ିନି। ଆଜି ବି ଭାବେ ଅବଧାନେ ସବୁ ନିଷ୍ଠୁର। ଝିଅମାନଙ୍କ ବିବାହ ପରେ ଏକଲା ହେଇ ଯାଇଛି ଖୁଡି। ପର ଘରେ ପାଇଟି କରେ, ଯିଏ ଯାହା ଦିଏ ଚଳିଯାଏ। ଆର ସାହି ରେବମାଆ ଖୁଡିକୁ ବାଛୁରୀଟେ ଅଧାଡି ଦେଇଛି। ତାକୁ ଜହ୍ନ ବୋଲି ଡାକେ। ତାରି ପାଇଁ ଗୁହାଳଟେ କରିଛି। ପାଳ କାଟିକି ଦିଏ, ସବୁ ସଞ୍ଜରେ କୁଟା ଧୂଆଁ ଦିଏ, ଯେପରି ମଶା ଲାଗିବେନି। ରାତି ତିନି ଘଡିକେ ଥରେଥରେ ଗୁହାଳରୁ ମୁହଁ ମାରି ଆସେ। ଧୀରେ ଧୀରେ ବଡ ହେଉଥାଏ ଜହ୍ନ, ଦେଖିବାକୁ ଡଉଲ ଡାଉଲ। ବଗ ପକ୍ଷୀପରି ଧଳା, ଶିଙ୍ଗ ଦୁଇଟି କଳା ମଚମଚ। ରେବମାଆ ଗୁହାଳରୁ ଖୁଡି ପାଖକୁ ଆସିଲା ପରେ ଜହ୍ନର ଚେହେରା ଲାଗିଗଲାଣି । ଚାପୁଡେ ପକେଇଲେ ପାଞ୍ଚ ଆଙ୍ଗୁଳି ବସିଯିବ । ଭାରି ଗେହ୍ଲା କରେ ଖୁଡି। ଖରା ଯେବେ ଦାଉ ସାଧେ, ଖୁଡି ଜହ୍ନକୁ ପଦାକୁ ଛାଡେନି। ବାସି ତୋରାଣି ନିଜେ ପିଏ, ଜହ୍ନକୁ ପିଆଏ। ଅଉଡା ବେଳରେ ଖରାଟାଣ ହେଲେ ଛିଣ୍ଡା ମସିଣା ପାରି ଘର ଚାଳିଆରେ ଗଡିଯାଏ, ଜହ୍ନ ଘରସାରା ବୁଲାବୁଲି କରି ଖୁଡିମୁଣ୍ଡକୁ ଆଉଜି କି ଶୋଇପଡେ। ବାସୁଖୁଡି ନିଜର ଯେତିକି ଯତନ କରେନି, ଜହ୍ନର ଢେର୍ ବେଶୀ କରେ। ଖୁଡି ଆଗରେ ଜହ୍ନକୁ କେହି ଯଦି ଉଙ୍କିଦିଏ, ଖୁଡି ମୁହଁକୁ ବିନ୍ଧାରିଦେଇ ଜହ୍ନ ଉପରେ ଦୁଇତିନି ମେଞ୍ଚା ଛେପ ପକାଏ। ଜୋରରେ ପାଟି କରିକହେ,'ଏମିତି କହିବୁନି, ଛୋଟ ଛୁଆଟା ଦୁଷ୍ଟି ହେବ'। ଖୁଡିର ଟିକି ଗୁହାଳରେ ଖୁବ୍ ଖୁସିରେ ବଢୁଥାଏ ଜହ୍ନ।

ଜହ୍ନ ଏବେ ଗର୍ଭବାସ । ଖୁଡ଼ିର ଖୁସି ବି ଅମାପ। ଜହ୍ନକୁ ବିଲବାଡ଼ିକୁ ଛାଡେନି। ନିଜେ ଘାସକାଟେ, ଘାସକଟା ଶିଖି ନଥିଲା, କିନ୍ତୁ ଏବେ ଘାସକଟାରେ ଖୁଡିକୁ ଟପିବା ଭାରି ମୁସ୍କିଲ। ଜହ୍ନ ଖୁଡିକୁ ଦେଖିଲେ ରଡ଼ିଟେ ଛାଡେ, ଖୁଡି ଜାଣି ଯାଏ ଜହ୍ନ ଭୋକେଇଲାଣି। ସଂଗେ ସଂଗେ ଗରମ ତୋରାଣି ସହ କୁଣ୍ଡା ଆଉ ପାଳ ମିଶେଇ ଖୁଆଇ ଦିଏ। ଜହ୍ନର ଏଇଟା ପ୍ରଥମ ବିହାଣ। ଖୁଡି ତା' ନିଜର ପ୍ରଥମ ଝିଅ ଜନମ କଥା ଭାବେ। ଓଃ କି କଷ୍ଟ ! ଶିହିରି ଉଠେ ଖୁଡି । ବାଂଝକି ବୁଝିବ ବିହାଣ ବେଦନା। ଖୁଡିର ଦୁଇ ବରଷିଆ ଅଇଣ୍ଡ, ତେଣୁ ପ୍ରସବ କଷ୍ଟ କଣ ଖୁଡିକୁ କହିବାକୁ ପଡ଼ିବନି। ଏବେ ଜହ୍ନର ପେଟ ଭାରି ହେଇଗଲାଣି । ଖୁଡି ଆଉ ଘର ଛାଡ଼ି କି କୁଆଡେ ଯାଉନି । ବେଳ ବୁଡିଗଲେ ଅରୁଆ ସହ ନାଉକୁ ସିଝେଇ କି ଖାଇବାକୁ ଦିଏ, ବିଶ୍ୱାସ କି ଛୁଆଟା ରୋଗୀଣା ହେବନି, ପୁରଷ୍ଟ ହେବ। ଜହ୍ନକୁ ନିମିଷେ ବି ଆଖିରୁ ଅନ୍ତର କରେନି। ମାଧିଆ ଜେଜ ଥଟ୍ଟା କରିକି କହେ,'ଆଲୋ ବାସୁ, କାହାର ଛୁଟିକା ହେବ, ଜହ୍ନର ନା ତୋର...'। ଲାଜେଇ ଯାଏ ଖୁଡି, ଜିଭ କାମୁଡି ଦିଏ ଆଉ କହେ, 'ଆଉ ସେ ବୟସ ଅଛି ନା ... ମୋ ମରଦ'। ଜେଜ କଥା ଶୁଣି ଖୁଡ଼ି ଜହ୍ନକୁ ଅନାଏ, ଜହ୍ନ ବି ଖୁଡ଼ିକୁ, ଚାରି ଆଖିର ମିଳନ ଘଟେ। ରଡ଼ିଟେ ଛାଡେ ଜହ୍ନ, ଖୁଡି ଭାରି ଖୁସିହୁଏ।

ସମୟ ଗଡି ଚାଲେ। ନୂଆ ଅତିଥିଟେ ଖୁଡିକୁ ଦିଏ ଜହ୍ନ। ଧୋବ ଫରଫର ରଙ୍ଗ, ମୁଣ୍ଡରେ ଶଙ୍ଖା ପରି ଗୋଲ ଚାନ୍ଦଟିଏ । ବାସୁ ଖୁଡି ଖୁସିରେ ନାଚିଯାଏ, ଯେମିତି କି ତାକୁ କୋଟିନିଧି ମିଳିଯାଇଛି । ନୂଆ କୁଣିଆର ନାମ ଚାନ୍ଦ ରଖେ। ଚାନ୍ଦ ଖୁଡିର ଦାଣ୍ଡରେ ଡିଆଁ ଡେଇଁ କରେ, ଆଖି ପଲକରେ ରଖେ ତାକୁ। ସମୟ ବିତିଯାଏ,ଏବେ ଚାନ୍ଦ ଜନମ ହେବାର ଦୁଇମାସ ହେଇଗଲାଣି । ଖୁଡି ମାଆ ଛୁଆଙ୍କୁ କିଛି କଞ୍ଚା ଖାଇବାକୁ ଛାଡେ। ଗାଁମୁଣ୍ଡରେ ଛାଡ଼ିକି ଆସେ, ବେଳ ବୁଡ଼ିଲେ ଦୁହେଁ ଫେରି ଆସନ୍ତି। ସେଦିନ କିନ୍ତୁ ଜହ୍ନ ଫେରିଲାନି, ଖୁଡି ବହୁତ ଖୋଜିଲା, ଭାରି ସନ୍ତାପି ହେଲା , ଯାକୁ ତାକୁ ପଚାରିଲା । ସନା ମା କହିଲା, 'ଆଲୋ ବାସୁ , ତୋ ଜହ୍ନ ପା କେଳା ଗୋଛାୟତ ଦାଣ୍ଡରେ ବନ୍ଧା ଯାଇଛି'। ଖୁଡି ଧାଇଁ କି ଗଲା କେଳାଘରକୁ। ସେ ଯାହା ଦେଖିଲା, ଆଖି ଖୋସି ହେଇଗଲା। ଗୋଟି ଗୋଟି କରି ପାଞ୍ଚଟି ନୂଳା ଜହ୍ନ ପିଠିରେ ବସିଛି। ଜହ୍ନ ଆଖିରେ ଲୁହ। ଚାନ୍ଦକୁ ବି ଛାଡ଼ି ନି ରଇଜଳା କେଳା ହାଡି, ତାକୁ ବି ମାରିଛି। ଚାନ୍ଦ ବି ବନ୍ଧା ହେଇଛି ଖୁଣ୍ଟରେ। ବାସୁ ଖୁଡି କାନ୍ଦି ପକେଇଲା। ଭିତରୁ ରାଗିଗଲା ଖୁଡି। ଉଚ୍ଚ ସ୍ୱରରେ ମାଆ ଝିଅଙ୍କୁ ଖୋଲି ଦେବାକୁ କେଳାକୁ କହିଲା । କେଳାକୁ ଆଉ ଦେଖିବ କଣ ! ତିରିଲା ଲୋକ ଦେଖି କେଳାର ପୁରୁଷ ପଣିଆ ଟିକେ ଗୁଜୁରି ଉଠିଲା। ନୁକଙ୍କୁ ଦେଖେଇ ହେବାକୁ ଯାଇ କେତେ କଣ କହିଗଲା କେଳାହାଡ଼ି । ଘଇତାଖାଇର ବହପକୁ ଦେଖ , ଝିଅ ମାନଙ୍କ ପରି ଏଇ ଗାଇଟିକୁ ଓଲିଆ କରିଛି । ତୁ ଯଦି ସମ୍ଭାଳି ପାରିବୁନି, ପଠାଣ ହାତକୁ ଟେକି ଦେଉନୁ। ଆଜି ମୋ ପରିବା ବାଡ଼ିରେ ପଶିକି ସବୁ ଫସଲ ଉଜାଡି ଦେଲା । ଆଗ କ୍ଷତି ଭରିବୁ , ତାପରେ ପଘା ଖୋଲିବୁ। ବୁଝୁ ବୁଝୁ ଚାନ୍ଦ ତା' ବାଡିକୁ ଆଗ ଯାଇଛି , ତାକୁ ଆଣିବାକୁ ଜହ୍ନ ତା ପଛେପଛେ ପଶିଛି । କେଳାହାଡ଼ି ଜହ୍ନକୁ ଛାଡ଼ିଲାନି। ନିଶାପ ଡାକିଲା। ଗରିବମାଇପ ସବୁରି ଶାଳୀ ଭାବି ଗାଁ କଜଳପାତିଆ ଭଦରଲୋକ ବାସୁଖୁଡି ଉପରେ ବେଶୀ କ୍ଷତି ବସେଇଲେ। ପରଘରେ ପାଇଟିକରି ଝିଅ ଝିଆଣି ଆଉ ରୋଗ ବଇରାଗ ପାଇଁ ଯାହା କିଛି ସଞ୍ଚିଥିଲା କେଳା ଗୋଛୟତକୁ ଦେଇ ମୁକୁଳେଇଲା । କଇଁ କଇଁ ହେଇ କାନ୍ଦୁଥିଲା ଖୁଡି। ନିଜ ଘଇତା ଉପରେ ଅଭିମାନ ଆସୁଥିଲା । ମନେମନେ କହି ହେଉଥିଲା 'ଆଜି ଯଦି ମୋ ମରଦ ବଞ୍ଚିଥାନ୍ତା.... ଚିରି ଦେଇଥାନ୍ତା କେଳାକୁ'। ଜହ୍ନକୁ ମୁକୁଳେଇ ଆଣିବାପରେ ପାଞ୍ଚଣରେ ଦୁଇତିନି ପାହାର ପିଟିଗଲା ଖୁଡି। କେମିତି ହେବନି... ମାଆ ମନ୍ ତୋ । ମାନମହତ୍ ଯିବାରୁ ଅଭିମାନରେ ସଢି ଯାଇଥିଲା ଖୁଡି। ଆଖିରେ ଲୁହ ଜକେଇ ଆସିଲା। କଇଁ କଇଁ ହେଇ କାନ୍ଦୁଥିଲା ଖୁଡି ଆଉ କହୁଥିଲା, 'ମଡାମରା ଭାଗ୍ୟଟା, ସବୁ ଦୁଃଖ କଣ ମୋରି ଭାଗ୍ୟରେ ଲେଖିଛି' ।

ଆରପାଖ ଗାଆଁର ରେବମା ଘର । ଚୁଗୁଲିକରା ମାଇପେ ବି ଖୁଡ଼ିର ଶିରି ଦେଖିପାରିଲେନି । ବାସୁ ଜହ୍ନକୁ ଢେର୍ ପିଟିଛି ବୋଲି ଫୁସୁଲାଫୁସୁଲି କଲେ। ନିଶାପ ବସିବାର ଦୁଇଦିନ ପରେ ରେବମାଆ, ଖୁଡି ଗୁହାଳରେ ପଶି ମାଆ ଝିଅଙ୍କୁ ନେଇଗଲା। ଅଧାଡ଼ିରେ ଅଖଣ୍ଡ ମାଲିକାନା ନଥାଏ ବୋଲି ଖୁଡି ଭୁଲି ଯାଇଥିଲା। ସବୁ ଦେଖୁଥାଏ କିନ୍ତୁ କିଛି କହି ପାରୁ ନଥାଏ। ମାଆ ଝିଅଙ୍କ କଥା ଭାବିଭାବି ଜର ହେଇଗଲା ଖୁଡିକୁ। ନିଜ ଝିଅମାନଙ୍କୁ ଏତେ ମମତା ଦେଇନି ଯେତିକି ଜହ୍ନକୁ ଦେଇଛି। ଚିନ୍ତାଜରରେ କତରା ଧରିଗଲା ଖୁଡି। ୟେ ଜହ୍ନଟା ସେଠି କେମିତି ରହିବ କେଜାଣି, ବେଶୀ ଘୁଣି ହେଉଥାଏ ଚାନ୍ଦକୁ। ଚାନ୍ଦ ଟିକେ ବକଟେର ଛୁଆ। ୟେ ରେବ ମାଆ ଯେମିତିକା ମାଇପିଲୋକ, ସେ କଣ ମାଆ ଝିଅଙ୍କ ଯତନ କରିବ। ଜହ୍ନ ଭାରି ନିରିମାଖି,ଏଣୁତେଣୁ ଖାଇବନି , ଦେଲେ ଖାଇବ । ଏମିତି କେତେ କଣ ଚିନ୍ତା କରୁଛି ଖୁଡି। ବାଡ଼ିପଶା ଜର ବି ଖୁଡିକୁ ଛାଡୁନି , ଯେମିତି ବୋଝ ଉପରେ ନଳିତା ବିଡା ହେଇ କି ଦାଉ ସାଧୁଛି । ୫ଦିନ ହେଲା ଜରରେ କମ୍ପୁଛି ଖୁଡି । ଏକଲା ମଣିଷ, ଝିଅ ଜ୍ୱାଇ ସବୁ ବାହାରେ । ସେବା କରିବାକୁ କେହି ନାହିଁ । ଖୁଡି ଆଉ ଉଠି ପାରୁନି , ସେମିତି ଛିଣ୍ଡା ମସିଣାରେ ଜହ୍ନ ଜହ୍ନ ହେଉଛି । ଖାଇବା ପିଇବା ନାହିଁ, ଆଉ ବଳ ନାହିଁ ଖୁଡି ଦେହରେ। ଦୁଇଦିନ ଯାଏ ସାହିଭାଇ କେହି ଖୁଡିକୁ ଦେଖିବାକୁ ପାଇଲେନି । ଲୋକେ ସନ୍ଦେହ କଲେ । କବାଟ ଭାଙ୍ଗି ଦେଖିଲା ବେଳକୁ ଖୁଡି ଆଉ ନ ଥିଲା । ପରାଣ ପକ୍ଷୀ ତା' ପୁରୁଣାଘଟ ଛାଡ଼ି ଦେଇଥିଲା। ସାହି ସାରା ଲୋକ ରୁଣ୍ଡ ହେଇ ଯାଇଥିଲେ ଖୁଡିର ଭଙ୍ଗା ଚାଳିଆରେ। ଗାଁ ମଶାଣିକୁ ମୂର୍ଦ୍ଦାର ନେବାକୁ ସଜବାଜ କରୁଥାନ୍ତି ଗାଁର କିଛି ମୁରବୀ।

ରେବମାଆ ଗୁହାଳରେ ଜହ୍ନ ଆଖିରୁ ଲୁହ ଗଡଉଥାଏ । ଚାନ୍ଦ ମାଆକୁ ଛାଡ଼ିକି କୁଆଡେ ଯାଉନି। ମଝିରେ ମଝିରେ ଜହ୍ନ ଜୋର୍‌ରେ ହମାରଡି ଦିଏ। କିନ୍ତୁ ତା' ରଡି ପବନରେ ମିଳେଇଯାଏ,ଖୁଡି ଯାଏ ଆସି ପାରେନି। ମଥା ଉପରକୁ ଦିନ ଆସିଗଲାଣି, ବାଟଗଲା ମାଇପେ କଥା ହେଉଥାନ୍ତି 'ୟେ ବାସୁ କେତେ ଭଲ ମଣଷ ଥିଲା, ହେଲେ ଦଇବ ସହିଲାନି, ନେଇଗଲା ତା' ପାଖକୁ'। ଏହିକଥା ଜହ୍ନ କାନରେ ପଡ଼ିଲା। ଜହ୍ନକୁ ଆଉ ସମ୍ଭାଳେ କିଏ। ଜବର ମୋଟା ନଳିତା ପଘାକୁ ଛିଡ଼େଇ ସିଧା ଯାଇ ଗାଁ ମଶାଣିରେ। ଚାନ୍ଦ ବି ତା ମାଆ ସହ ଥାଏ । ମୁଖାଗ୍ନି ଦିଆ ସରିଥିଲା, ହୁତୁହୁତୁ ହେଇ ଜଳୁଥିଲା ଜୁଇ। ଜୁଇ ଚାରି ପଟରେ ବାରବାର ଘୁରି ବୁଲିଥିଲା ଜହ୍ନ। ଦେଖିବାକୁ ପାଇ ନଥିଲା ଖୁଡ଼ିକୁ । ପାଗଳ ହେଇ ଯାଇଥିଲା ଜହ୍ନ , ଜଣକ ପରେ ଜଣେ ତା ସିଧାଶିଙ୍ଗରେ ମାଟିରେ କଚାଡି ଥିଲା ଗଙ୍ଗାକୁଳିଆ ଓ ଦେଖଣାହାରୀଙ୍କୁ । ଚାନ୍ଦ ବି କମ୍ ନଥିଲା, ତା' ଛୋଟ ମୁଣ୍ଡରେ ଯାହାକୁ ପାରୁଥିଲା, ଭୁଷି ପକାଉଥିଲା । ଭୟରେ ମଶାଣି ଛାଡ଼ି ଯେ ଯୁଆଡ଼େ ପାରିଲେ ଧାଇଁଲେ। ଚିତା ପାଖରେ ଥିଲେ କେବଳ ମାଆ ଆଉ ଝିଅ । ଜହ୍ନ ଆଖିର ତତଲା ଲୁହ ମଶାଣି ଭୁଇଁକୁ ଓଦା କରିଦେଲା। ଶେଷଥର ପାଇଁ ଖୁଡିକୁ ଦେଖିବ ବୋଲି ନିଜ ଶିଙ୍ଗରେ ଜଳୁଥିବା କାଠଖଣ୍ଡ ସବୁକୁ ବାହାର କରିବାକୁ ପ୍ରୟାସ କରୁଥିଲା ଜହ୍ନ,ହେଲେ ପାରୁ ନଥିଲା। ହମାରଡି ଏତେ ଜୋରରେ ଭାସି ଆସୁଥିଲା ଯେ, ମଶାଣି ଭୂଇଁ ଥରି ଯାଉଥିଲା। ସେଇ ଚିତ୍କାର ଭିତରେ ଜହ୍ନ, ୟେ ମଣିଷଙ୍କ ଅନ୍ତରରେ ଖୋଜୁଥିଲା ମଣିଷପଣିଆ । ସମାଜର ଶିକ୍ଷିତ ମୁଣ୍ଡିଆଳମାନଙ୍କୁ ପଚାରୁଥିଲା ଜଣେ ସରଳ ନିଷ୍କପଟ ମଣିଷକୁ ଏକଏକା ମରିବାକୁ ଛାଡ଼ିଦେଲ କେମିତି। ଧିକାର କରୁଥିଲା କପଟୀ ମଣିଷଙ୍କୁ। ଛାତିରେ କୋହକୁ ଚାପି ରଖି କହୁଥିଲା, ଆମ ପଶୁ ଜାତିଟା ତମଠୁ ଢେର୍ ଭଲ'। ଧୀରେଧୀରେ ସୂର୍ଯ୍ୟ ଦୂର ଦିଗ୍ ବଳୟରେ ଲୁଚି ଯାଉଥିଲେ। ପାଖ କିଆବୁଦାରୁ ଭାସି ଆସୁଥିଲା ହୁକେ ହୋ ରଡ଼ି...।


+ ପ୍ରଧାନଶିକ୍ଷକ
ଜୁଲିଆ ସରକାରୀ ଉଚ୍ଚ ବିଦ୍ୟାଳୟ
ବାସୁଦେବପୁର ,ଭଦ୍ରକ


# ଅବ୍ୟକ୍ତ


ପ୍ରଫୁଲ୍ଲ ବାରିକ




ବାହାଘର ବର୍ଷକ ପରେ ଆସିଚି ଅରୁ । ସିଏବି କୋଉ ଆସି ଥାଆନ୍ତା ? ବୋଉକୁ ନକହେ, ବାପା ଯାଇ ନଆଣନ୍ତି । ସିଧା କହିଲା, ବୋଉ ମୋତେ ଦୂର କରିଦେଇ ବେଶ ଖୁସିରେ ଅଛନା ? ଭାବୁଥିବ ଝିଅ ତମର ରାଣୀହେଇ ଥିବ । ରାଣୀ କି ଭିକାରୁଣୀ, ଜାଣିବ ପରେ । ସବୁବେଳେ ଗାଁ ଭାସୁଛି ଆଖିରେ । ତମ ମାନଙ୍କ ମୁହଁସବୁ ପରଦାର ଚିତ୍ରପରି ପହଁରୁଚି ରାତିଦିନ । ବାପାଙ୍କୁ ପଠେଇ ୟେ ପଞ୍ଜୁରୀରୁ ମୋତେ ମୁକ୍ତିକର । ଚାବିଦିଆ ପଞ୍ଜୁରୀରେ ଡେଣାକଟା କପୋତୀ ପରି ମୁଁ ସଢ଼ିଗଲିଣି । ମୋ ହାତପାଦ ସବୁ ଶିଥଳ । ମୋତେ ଉଦ୍ଧାର କର ଏ ଜେଲ ଖାଆନରୁ । ନାଇଁତ କେତେବେଳେ କଥା କୋଉରୂପ ନେବ, ମୋତେ ଦୋଷ ଦେବନି । ଅପେକ୍ଷାରେ ରହିଲି ।

ବୋଉ ଡରିଗଲେ । ବିବାହିତା ଝିଅ ଇମିତି ଭାବିବା, କି ବାପମାଆ ଗାଁ'କୁ ଝୁରିହେବା ବିଚିତ୍ର ନୁହେଁ । ବାହାଘର ବର୍ଷେ ହେଲାଣି । କି ମାନସିକତା ତାର ? କ'ଣ କହିଲା ? କିଛି ହେଇଗଲେ ଦେବନି ତା ଦୋଷ । କ'ଣ ହେବ ? ଏକ ଅନାହତ ଦୃଶ୍ୟରେ ଶିତେଇ ଉଠିଲା ଲୋମ । ସାଙ୍ଗେସାଙ୍ଗେ ବାପାଙ୍କୁ ଜଣେଇ ତା ଆସିବାର ବ୍ୟବସ୍ଥା କରେଇଲେ ବୋଉ ।

ଅରୁ ପାଦ ଛୁଁ' ଛୁଁ' ଘରେ, ଖବର ଖେଳିଗଲା ବିଜୁଳିପରି ଗାଁ ଗୋଟା । ସାଥି ଝିଅମାନେ ଧାଇଁଲେ ଅରୁଅପାକୁ ଦେଖିବାକୁ । ବୁଢୀମାନେ ରଖି ପାରିଲେନି ସମାଳିକି ନିଜକୁ । ନାତୁଣୀକୁ ଦେଖିବାକୁ ପହଁଚିଲେ । ଅରୁ ମାଆ ମାଉସୀଙ୍କ ପାଦଧୂଳୀ ନେଲା । ସାଥି ସାଙ୍ଗଙ୍କୁ କୋଳେଇ ଲୁହ ନିଗାଡିଲା । ସମସ୍ତଙ୍କ ଆଖି ଲାଖି ରହିଥିଲା ଅରୁର ପାଦରୁ ମଥାଯାକେ। ଇମିତି ସିଏ ଗୋରା। ହଳଦୀ ବର୍ଣ୍ଣର । ଘରେରହି ରଙ୍ଗରେ ଆସିଚି ଚମକ । ପାଚିଲା ଆମ୍ବପରି ରଙ୍ଗ ଦେହର। ମଥାରେ ସିନ୍ଦୂର ଟିପା । ପିନ୍ଧିଚି ଲାଲରଙ୍ଗର ଶାଢ଼ି । ଅଳତାପାଦକୁ ହାତରେ ତାଡେଲେଖା ସୁନାଚୁଡ଼ିରେ ଦିଶୁଚି ମଣିଷ ନୁହେଁ, ଆସିଚି ସ୍ୱର୍ଗରୁ ଅପ୍ସରୀଟିଏ । ଆଖିସବୁ ଲାଖି ରହିଛି ଅରୁଠାରେ । ସନ୍ତୃଷ୍ଟ ହେବାପରେ ଭିଡ଼ କମିଲା ଧୀରେ ଧୀରେ ।



ଅରୁ ଗାଁ ଗୋଟାକର ଆଦରଣୀୟା । ଶ୍ରଦ୍ଧାର । କାହା କାମରେ ସେ ନଆସେ ? ଅରୁଥିଲେ ଡରନାଇଁ। ଘରକଳି ଠାରୁ ବାହାର କାମରେ ଅରୁର ସହାୟତା । କଲେଜ ଛୁଟିରେ ଘରେ ରହେ କମ । ଛୁଟୀଟା କଟେ ବାହାରେ ବାହାରେ । ଘରେଘରେ ଯାଇ ପଚାରି ବୁଝୁଥିବ ସବୁ ଠିକତ ? ଗାଁ ପିଲାଙ୍କୁ ଏକଜୁଟ କରି ସେଇ ଆରମ୍ଭ କରିଥିଲା ଗଣେଷ ଓ ସରସ୍ୱତୀ ପୂଜା । ଆଜିଯାଏ ଚାଲଛି ସଠିକ । ଗାଁରେ ଡ୍ରାମା ବର୍ଷକେ ଥରେ ହୁଏ ତାରି ସହାୟତାରେ । ଟୋକା ବୁଢ଼ା ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଅରୁ ସମସ୍ତଙ୍କର ଦରକାରୀ । ଆଜି ଅରୁ ଆସିଚି ମାନେ ବସନ୍ତ ଆସିଚି ଗାଁକୁ ।

ଅନଉ ଅନଉ ସପ୍ତାହେ ବିତିଲା । ବୋଉ ଚିନ୍ତା କରୁଥିବା ବେଳେ ବିଦାୟର,ଅରୁ ଦିନେ ସକାଳୁ ଡାକି କହିଲା, ବୋଉ, ବାପାଙ୍କୁ କହିବୁ ସେ ଜଣେ ଓକିଲକୁ ଡାକିବେ ଘରକୁ । ଯଦି ନଆସନ୍ତି, ମୁଁ ନିଜେ ଯିବି କୋର୍ଟକୁ । ଅରୁର କଥାଗୁଡା ଅରୁ ମୁହଁରୁ ନଆସି ଲାଗୁଥିଲା ଆଉ କିଏ କହୁଛି । ବୋଉ ଚମକି ପଡିଲେ । ଲୋମମୂଳ ଟାଙ୍କୁରୀ ଉଠିଲା । କ'ଣ କହୁଛି ଅରୁ ? କ'ଣ ପାଇଁ ଡାକୁଚି ଓକିଲ ? ବୋଉ ଚିନ୍ତାକଲେ । ଆସିବା ଦିନରୁ ସେ ଅନୁଧ୍ୟାନ କରୁଛନ୍ତି ଅରୁକୁ । ସବୁ ଆନନ୍ଦ ଭିତରେ ବି ସେ ଖୁସିନୁହେଁ । କିଛିଗୋଟା ଯନ୍ତ୍ରଣା ଛପିକି ରହିଛି ତା ଛାତିତଳେ । ଯାହାକୁ ନା ସିଏ ଦେଖେଇ ପାରୁଛି, ନା କହୁଛି ବୋଉକୁ । କିନ୍ତୁ ଅରୁ ଯେ ଦୁଃଖୀ, ଆଉ କିଏ ଅନୁଭବୁ ନଭବୁ ମାଆ ଭାବେ ସିଏ ଠିକ ଅନୁଭବୁଛନ୍ତି । ପଚାରିବାକୁ ଜୁଟିନି ସାହାସ । ଆଜି ସେ ଲାଭା ଆଗ୍ନେୟଗିରିର ରୂପ ନେବାକୁ ଯାଉଛି । କ'ଣ ପାଇଁ ଅରୁ ଓକିଲ ଡାକୁଚି ? ମାଆ କାକୁତି ମିନତିରେ ପଚାରିଲେ, କଣ ହେଇଚି ମାଆ ? ଓକିଲ କାଇଁକି ଡାକୁଚୁ ? ଅରୁ କହିଲା, ଯୋଉ ଦୂର ପାହାଡ଼କୁ ସୁନ୍ଦର ଦେଖି ମୁଁ ଯାଇଥିଲି, ସେଠି ସବୁଜିମା ନାହିଁ ବୋଉ । ଅଛିଖାଲି ମାଙ୍କଡା ପଥର ଓ ସପ୍ତଫେଣୀର ବୁଦା । ମୁଁ ସବୁ ସହିବାକୁ ବାଧ ନୁହେଁ । ବୋହୂର ସହନଶୀଳତା ପରିବାର ଭିତରେ ସୀମିତ ହେବା ଉଚିତ । ପରିବାର ବାହାରେ ନୁହେଁ। ସିଏ ଜଣେ ମଣିଷ ନୁହେଁ, ପିଶାଚ । ଭଲମନ୍ଦ ବିଚାରବୋଧ ତାଙ୍କର ନାହିଁ । ସ୍ତ୍ରୀକୁ ଭାବନ୍ତି ସିଏ ଚାକର । ଗୋଟିଏ ଦ୍ରବ୍ୟ । ମୁଁ ଶିକ୍ଷିତା । ଏମେରେ ଗୋଲଡମେଡାଲିଷ୍ଟ । ବିଏରେ ବେଷ୍ଟ ଗ୍ରାଜୁଏଟ । ସବୁ ହେଇଗଲା ଅଦରକାରୀ । ମୂଲ୍ୟହୀନ। ଗାଁର ଜଣେ ଅଶିକ୍ଷିତା ଝିଅଠାରୁବି ହୀନ ମୁଁ । ସରକାରୀ ଚାକିରୀ କରିଛ ବୋଲି ତମ ମନଇଛା ଯାହା କରିବ ? ନିଜ ପାଦରେ ଠିଆ ହେବାର ବେଶ ଦକ୍ଷତା ଅଛି ମୋର । ପେଟ ପୋଷିବା ଗୋଟେ ବଡ଼କଥା ଆଦୌ ନୁହେଁ ମୋ ପାଇଁ । ମୁଁ କାହାରି ବୋଝ ନହେଇ ବଞ୍ଚିପାରିବି ଆପଣା ଶକ୍ତିରେ । ଚାଲି ପାରିବି ସ୍ୱାଧୀନ ଭାବେ ।

ବୋଉ ଶୁଣୁଛନ୍ତି ଅରୁର କଥା । ମନର ଗଭୀରତାରୁ ଉଚ୍ଚରିତ ଶବ୍ଦସବୁ । ଆତ୍ମାକୁ ବାଧି ନଥିଲେ ଇମିତି ଚିନ୍ତା ଆସିବନି ମନକୁ । ସଠିକ କିଛି ନକହିଲେବି ଜାଣି ହଉଚି ଘଟଣାର ଭୟାବହତା । କଣ କରିବେ ଏବେ ? ସିଏତ ଆଉ ମୂର୍ଖ ହେଇନାଇଁଯେ ବୁଝେଇବେ । ସିଏ ବୁଝାଏ, ମେଣ୍ଟାଏ ଗାଁ ଗୋଟାକର କଳିଝଗଡା । ଏବେ ତାକୁ ସେ କ'ଣ ବୁଝେଇବେ ?

ଅରୁ ସାମ୍ୟକେ ଶୁଣେଇ ବୋଉକୁ ଚାଲିଗଲା ସେଠୁ । ଏବେ ବିଚାର ବାପା ବୋଉଙ୍କର। ଶିକ୍ଷିତ ଚାକୀରିଆ ଜ୍ୱାଇଁ କରିଥିଲେ ବୋଲି ଖୁସି ହେଇଥିଲେ ସମସ୍ତେ । ବାହାଘରକୁ ଖୋଲି ଦେଇଥିଲେ ଭଣ୍ଡାର ବାପା । ମହାପାତ୍ରଘର ଝିଅବାହାଘର ଥିଲା ଅଭୁତପୂର୍ବ । ଏବେ ଶୁଣିଲେ ଲୋକେ କହିବେ କ'ଣ ? ସିଧା କହିବେ ଚନ୍ଦ୍ରକୁ ସଅଁପି ଦେଲ ଅସୁର ହାତରେ ? ଦୋଷ ଆସିବ ସିଧା ତାଙ୍କ ଉପରକୁ । ହଉ, ବୁଝନ୍ତୁ ତା ବାପା । ବୋଉ ଭରା ଦେଇ ମାଟିରୁ ଉଠିଲେ । ମୁହୂର୍ତ୍ତକ ପୂର୍ବର ବଳ ଆଉନାହିଁ ଦେହରେ । ସେ ଦୁର୍ବଳ ଉଭୟ ଶରୀର ଓ ମାନସିକତାରେ । ପାଦ ଘୋସାରି ଘୋସାରି ଗଲେ ଘରକୁ । ଅପେକ୍ଷାରେ ରହିଲେ ଅରୁବାପା ଆସିବାକୁ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫


# କଲିଂବେଲ୍


ପ୍ରଣତି ଆଚାର୍ଯ୍ୟ ମିଶ୍ର






ଜ୍ୟେଷ୍ଠ ମାସର ଗରମ ଅପରାହ୍ନରେ ବହୁତ ଖୋଜାଖୋଜି କରିବା ପରେ ରମେଶ ଶେଷରେ ତାଙ୍କ ଘନିଷ୍ଠ ବନ୍ଧୁ ଗୋଲୁର ଘର ପାଇଲେ। ସେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ଭୁବନେଶ୍ୱର ଭଳି ସହରରେ ଗୋଲୁକୁ ଏତେ ସୁନ୍ଦର ଘର ମିଳିଲା କିପରି ? ସେ ତାଙ୍କ ବନ୍ଧୁଙ୍କ ଘର ଖୋଜିବା ପାଇଁ ଏତେ ଚିନ୍ତିତ ଥିଲେ ଯେ ଘରଟି ପାଇଯିବା ପରେ ଖୁସିରେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି କଲିଂବେଲ୍‌ଟିକୁ ବାରମ୍ବାର ମାରି ଚାଲିଲେ । ଘଣ୍ଟିର ଶବ୍ଦ ସୁମଧୁର ଥିଲା ଯେପରି ଅନେକ ପକ୍ଷୀ ଏକାଠି କୋଳାହଳମୟ ଶବ୍ଦ କରୁଛନ୍ତି ।

କଲିଂବେଲ୍ ଶବ୍ଦ ବନ୍ଦ ନହେଉଣୁ, ସେ ଏକ କୁକୁରର ଭୟଙ୍କର ସ୍ୱର ଶୁଣି ଆସନ୍ନ ବିପଦର ସୂଚକ ଜାଣି ରମେଶ କିଛି ସମୟ ପାଇଁ ଡରିଗଲେ ।

ସେହି ମୁହୂର୍ତ୍ତରେ ଜଣେ ସୁନ୍ଦରୀ ଯୁବତୀ ଦ୍ୱାର ଖୋଲି ପଚାରିଲେ, ' କିଏ, ଆପଣଙ୍କ କାମ କ'ଣ, କାହାକୁ ଖୋଜୁଛନ୍ତି ?' ରମେଶ ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କିଛି ସମୟ ଚାହିଁ ରହିଲେ।

ଯୁବତୀ ପୁଣି ପ୍ରଶ୍ନ କଲେ କିଏ ଆପଣ ?

ରମେଶ ଧିରେ କହିଲେ , 'ମୋ ବନ୍ଧୁ ଗୋଲୁ ଏଠାରେ ରହେ, ମୁଁ ତାଙ୍କୁ ଦେଖା କରିବାକୁ ଆସିଛି ।' ଏହା ଶୁଣି ଝିଅଟି ବିରକ୍ତ ହୋଇ କହିଲା, 'ମୁଁ କୌଣସି ଗୋଲୁ-ଭୋଲୁକୁ ଜାଣିନି ଏଠାରେ ଏମିତି କେହି ରୁହନ୍ତିନି। ଆପଣ ଏପରି ବେଲ୍ ବଜାଇବାର ସାହସ କିପରି କଲେ।' ଝିଅଟି ଆଉ କିଛି କହିବା ପୂର୍ବରୁ ରମେଶ ତାଙ୍କ ପକେଟରୁ ଏକ କାଗଜ ବାହାର କରି ଅତ୍ୟନ୍ତ ଭଦ୍ର ଶବ୍ଦରେ ଅନୁରୋଧ କଲେ, 'ଦେଖନ୍ତୁ ମାଡାମ, ମୋ ପାଖରେ ଯେଉଁ ଠିକଣା ଅଛି ତାହା ଏହି ଘରର। ଝିଅଟି ତାଙ୍କ ହାତରୁ କାଗଜଟି ଛଡ଼ାଇ ନେଇଗଲା। କାଗଜ ପଢ଼ିବା ପରେ, ସେ ସାମାନ୍ୟ ରାଗିଗଲେ ଏବଂ କହିଲେ, 'ହ, ଏହା ଆମର ଠିକଣା, ମୁଁ ଭାବୁଛି ତୁମର ବନ୍ଧୁ ନିଶ୍ଚିତ ଭାବରେ ଆମ ଚାକର କ୍ୱାର୍ଟରରେ ରହୁଛନ୍ତି । ଆମ ଘର ପଛରେ ନିର୍ମିତ ଘରଗୁଡ଼ିକ ଆମ ଚାକର କ୍ୱାର୍ଟର, ଯାହାକୁ ଆମେ ବେଳେ ବେଳେ ଭଡ଼ାରେ ଦେଉଛୁ।

ରମେଶ ଏ ପର୍ଯ୍ୟନ୍ତ ଥଣ୍ଡା ପାଣି ଝରଣା ପରି ଶାନ୍ତ ଥିଲେ, ଏବେ ଟିକେ କଡା ଶବ୍ଦରେ ପଚାରିଲେ, 'ମାଡାମ, ଚାକର କ୍ୱାର୍ଟର ପାଇଁ ଏକ ଅଲଗା ଗେଟ୍ ଅଛି କି, ସେମାନଙ୍କ ପାଇଁ ଏକ ଅଲଗା ଡୋରବେଲ୍ ଅଛି କି ? ଯଦି ନୁହେଁ, ତେବେ ସେମାନଙ୍କୁ ଦେଖାକରିବାକୁ ଆସୁଥିବା ବ୍ୟକ୍ତି କିପରି ଜାଣିବେ ଯେ କେବଳ ମାଲିକମାନେ ଏହି ଡୋରବେଲ୍ ବ୍ୟବହାର କରିପାରିବେ ? ଆଉ ଗୋଟିଏ କଥା ମୋ ବନ୍ଧୁ ଗୋଲୁ ଆପଣଙ୍କର ଭଡାଟିଆ, ଚାକର ନୁହେଁ। ଯଦି ଆପଣ ଭଡାଟିଆ ରଖିବାକୁ ଏତେ ଭଲ ପାଆନ୍ତି ତେବେ ଆପଣଙ୍କୁ ସେମାନଙ୍କ ଅତିଥିଙ୍କ ଡୋରବେଲ୍ ସଙ୍ଗୀତ ଶୁଣିବାକୁ ହେବ। ରମେଶ କଥା ଶୁଣିବା ପରେ ଝିଅଟି ସଂକୋଚ ହୋଇ ଭିତରକୁ ଗଲା ଏବଂ ରମେଶ ମଧ ଚାକର କ୍ୱାର୍ଟର ଆଡକୁ ଗଲେ। କିଛି ସମୟ ମଧରେ ସେ ଗୋଲୁ ସାମ୍ନାରେ । ଗୋଲୁ ତାଙ୍କୁ ଦେଖି ଏତେ ଖୁସି ହୋଇଗଲା ଯେପରି ସେ ଭଗବାନଙ୍କୁ ଭେଟିଛି। ବହୁତ ସମୟ ଧରି ସେମାନେ ପିଲାଦିନ କାହାଣୀ ବିଷୟରେ କଥାବାର୍ତ୍ତା କଲେ ଏବଂ ପରେ ରମେଶ ତାଙ୍କ ଘରମାଲିକାଣୀଙ୍କ କାହାଣୀ ବିସ୍ତାର ଭାବରେ କହିଲେ। ଗୋଲୁର ଛୋଟ କୋଠରୀକୁ ରମେଶ ହସି ହସି ଆଖି ଭରି ଚାହିଁଲେ ଯେପରି ସେ ଏହାକୁ ଶେଷ ଥର ପାଇଁ ଦେଖୁଛନ୍ତି । ତା'ପରେ ଏକ ଗଭୀର ନିଶ୍ୱାସ ନେଇ ସେ କହିଲେ, 'ଏହି ଘର ପାଇବା ବହୁତ କଷ୍ଟକର ଥିଲା, ଚାଲ୍ ଏହି ଇଟା ପଥର ସହରରେ ପୁଣି ଏକ ନୂତନ ଘର ଖୋଜିବା।' ଠିକ୍ ସେତେବେଳେ ଦ୍ୱାରରେ ଏକ ଠକ୍ ଠକ୍ ମୃଦୁ ଶବ୍ଦ ହେଲା। ଗୋଲୁ ଦ୍ୱିଧାରେ ଦ୍ୱାର ଖୋଲି ଘରମାଲିକଙ୍କୁ ତାଙ୍କ ସମ୍ମୁଖରେ ଠିଆ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସବୁବେଳେ ଚିନ୍ତିତ ଘରମାଲିକଙ୍କୁ ପ୍ରଥମ ଥର ପାଇଁ ହସୁଥିବା ଦେଖି ଗୋଲୁ ଅଧିକ ଆଶ୍ଚର୍ଯ୍ୟ ହୋଇଗଲା।

ମାଲିକ ହସି କହିଲେ, 'ଗଣେଶ ବାବୁ, ଆଜି ମୁଁ ତୁମ ବନ୍ଧୁଙ୍କ ମାଧ୍ୟମରେ ଜାଣିଲି ଯେ ଲୋକମାନେ ତୁମକୁ ପ୍ରେମରେ ଗୋଲୁ ଡାକନ୍ତି ବୋଲି... । ମୁଁ ତୁମ ବନ୍ଧୁଙ୍କ କଥା ମଧ ପସନ୍ଦ କଲି ଯେ ଭଡାଟିଆଙ୍କ ପାଇଁ ଏକ ଅଲଗା ଗେଟ୍ ଏବଂ କଲିଂବେଲ୍ ରହିବା ଉଚିତ। ଏହି ଘର ପାଇଁ ଏକ ଅଲଗା ଗେଟ୍ କରିବା ତ ସମ୍ଭବ ନୁହେଁ ..... କିନ୍ତୁ ମୁଁ ନିଶ୍ଚିତ ଭାବରେ ତୁମର ନାମ ସହିତ ଏକ ଅଲଗା କଲିଂବେଲ୍ ଲଗାଇଦେବି।'

ସେ କିଛି ସମୟ ପାଇଁ ଅଟକି ରହିଲେ ଏବଂ ତା'ପରେ ସାମାନ୍ୟ ହସି କହିଲେ, 'ହଁ, ଆଉ ଗୋଟିଏ କଥା କୁହ, କ'ଣ ତୁମର ନାମ ଗଣେଶ ନା ଗୋଲୁ ?' ସମସ୍ତେ ଜୋରରେ ହସିବାକୁ ଲାଗିଲେ। ସତେ ଯେମିତି ଇଟା ପଥର ନିର୍ଜିବ ସହରରେ ମିଠା ପାଣିର ଏକ ଝରଣା ବହିଗଲା ।


+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଭୁବନେଶ୍ୱରରେ ଚମକିଲେ ମୟୂରଭଞ୍ଜ ମାଟିର ସନ୍ତାନ




ବେତନଟୀ, ୨/୧୧ (ନି.ପ୍ର): ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମସ୍ଥିତ ବିଜୁପଟ୍ଟନାୟକ ୱେଟଲିଫ୍ଟ ହଲରେ ଚାଲିଥିବା ୭୨ତମ ଓଡିସା ରାଜ୍ୟ ଭାରତ୍ତୋଳନ ଚାମ୍ପିଅନଶିପ-୨୦୨୫ରେ ଅଂଶଗ୍ରହଣ କରି ପୁଣି ଚମକିଲେ ମୟୂରଭଞ୍ଜ ମାଟିର ସନ୍ତାନ ତଥା ବେତନଟୀ ଥାନା ଅଧୀନ ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର ୬ ପ୍ରତିଯୋଗୀ। ଚଳିତମାସ ୨୭ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ୪ଦିନବ୍ୟାପୀ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥ ବିଜୁପଟ୍ଟନାୟକ ୱେଟଲିଫ୍ଟ ହଲରେ ଚାଲିଥିବା ୭୨ତମ ରାଜ୍ୟସ୍ତରୀୟ ଭାରତ୍ତୋଳନ ଚାମ୍ପିଅନଶିପ -୨୦୨୫ରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ବଛା ବଛା ଭାରତ୍ତୋଳନକାରୀ ଯୋଗ ଦେଇଥିବା ବେଳେ ଶକ୍ତିମାନ ଜିମ୍ନାସିୟମରୁ ୧୩ଜଣ ଭାରତ୍ତୋଳନକାରୀ ଯୋଗ ଦେଇଥିଲେ । ଟିମମ୍ୟାନେଜର ଅଭିଷେକ ମହାନ୍ତ ଏବଂ ସୁଷମା ରାୟଙ୍କ ନେତୃତ୍ୱରେ ୧୩ଜଣ ଖେଳାଳି ଭୁବନେଶ୍ୱର ଗସ୍ତ କରିଥିଲେ । ଏଥିରେ ବାଳକ ବାଳିକାଙ୍କୁ ନେଇ ଯୁବବର୍ଗ ଏବଂ ପୁରୁଷ ଏବଂ ମହିଳା ମାନଙ୍କୁ ନେଇ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବଛାବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ଶକ୍ତିମାନ ଜିମ୍ନାସିୟମର ୧୩ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୬ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗ ଏବଂ ବିଭାଗରେ ସର୍ବମୋଟ ୧୨ଟି ପଦକ ହାସଲ କରିଛନ୍ତି। ସିନିୟର ବିଭାଗର ୫୩କିଲୋଗ୍ରାମ ବର୍ଗରେ ଆନ୍ତର୍ଜାତୀୟ ଭାରତ୍ତୋଳନକାରୀ ସ୍ନେହା ସୋରେନ ସ୍ନାଚ୍ ୮୩କେଜି ଏବଂ କ୍ଲିନ ଏଣ୍ଡ ଜାର୍କ ୧୧୦କେଜି ଏହିପରି ସଫଳତାର ସହିତ ମୋଟ ୧୯୩ କେଜି ଭାରତ୍ତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ଚାମ୍ପିଅନ ମାନଙ୍କ ମଧ୍ୟରେ ଚାମ୍ପିଅନ ହୋଇ ବେଷ୍ଟ ଲିଫ୍ଟର-୨୦୨୫ ମାନ୍ୟତା ହାସଲ କରିଛନ୍ତି । ସେହିଭଳି ୫୩ କିଲୋଗ୍ରାମ ବର୍ଗରେ ୬୨କେଜି ସ୍ନାଚ୍ ଏବଂ ୭୮କେଜି ସ୍କିନ ଏଣ୍ଡ ଜାର୍କ ଏହିପରି ମୋଟ ୧୪୦କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସିନିୟର ବିଭାଗରେ ଗୋଟିଏ ରୌପ୍ୟପଦକ ହାସଲ କରିଛନ୍ତି। ସେ ହିଭଳି ଆଲିଶା ବେହେରା ୬୩କେଜି ବର୍ଗରେ ୭୫କେଜି ସ୍ନାଚ୍ ଏବଂ ୯୦କେଜି ସ୍କିନ ଏଣ୍ଡ ଜାର୍କ ଏହିପରି ମୋଟ ୧୬୫ କେଜି ଭାରତ୍ତୋଳନ କରି ଯୁବ, ଜୁନିୟର ଏବଂ ସିନିୟର ବିଭାଗରେ ମୋଟ ୩ଗୋଟି ରୌପ୍ୟପଦକ ହାସଲ କରିଛନ୍ତି । ଦେବସ୍ମିତା ସିଂ ମଧ୍ୟ ୪୮କିଲୋଗ୍ରାମ ବର୍ଗରେ ୫୪କେଜି ସ୍ନାଚ୍ ଏବଂ ୬୯କେଜି ସ୍କିନ ଏଣ୍ଡ ଜାର୍କ ମୋଟ ୧୨୩ କେଜି ଭାରତ୍ତୋଳନ କରି ଯୁବବିଭାଗରେ ରୌପ୍ୟ ଏବଂ ଜୁନିୟର ବିଭାଗରେ କାଂସ୍ୟପଦକ ହାସଲ କରିଛନ୍ତି । ତନୁଶ୍ରୀ ସିଂ ମଧ୍ୟ ୪୮କିଲୋଗ୍ରାମ ବର୍ଗରେ ୪୬କେଜି ସ୍ନାଚ୍ ଏବଂ ୫୬ କେଜି ସ୍କିନ ଏଣ୍ଡ ଜାର୍କ ମୋଟ ୧୦୨ କେଜି ଭାରତ୍ତୋଳନ କରି ଯୁବବର୍ଗରେ କାଂସ୍ୟପଦକ ହାସଲ କରିଛନ୍ତି । ଅନ୍ୟତମ ପ୍ରତିଯୋଗୀ ହରିଶଙ୍କର ମହାନ୍ତ ୬୦କିଲୋଗ୍ରାମ ବର୍ଗରେ ୧୦୦କେଜି ସ୍ନାଚ୍ ଏବଂ ୧୧୫ କେଜି ସ୍କିନ ଏଣ୍ଡ ଜାର୍କ ସହିପରି ମୋଟ ୨୧୫କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଭାରତ୍ତୋଳନ କରି ଯୁବବର୍ଗରେ କାଂସ୍ୟପଦକ ହାସଲ କରିଛନ୍ତି। ଅନ୍ୟତମ ପ୍ରତିଯୋଗୀ ହରିଶଙ୍କର ମହାନ୍ତ ୬୦କିଲୋଗ୍ରାମ ବର୍ଗରେ ୧୦୦କେଜି ସ୍ନାଚ୍ ଏବଂ ୧୧୫ କେଜି କ୍ଲିନ ଏଣ୍ଡ ଜାର୍କ ସହିପରି ମୋଟ ୨୧୫କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଗୋଟିଏ ଲେଖାଏଁ କରି ମୋଟ ୨ଟି କାଂସ୍ୟପଦକ ହାସଲ କରିଛନ୍ତି। ତେବେ ମୋଟାମୋଟି ଭାବରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତାରେ ରାଜ୍ୟର ବଛାବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ଶକ୍ତିମାନ ଜିମ୍ନାସିୟମର ୬ଜଣ ପ୍ରତିଯୋଗୀ ୧୨ଟି ପଦକ ହାସଲ କରି ସମଗ୍ର ଜିଲ୍ଲା ସମେତ ବେତନଟୀ ପାଇଁ ଆଣିଦେଇଛନ୍ତି ଗର୍ବ ଏବଂ ଗୌରବ । ଶକ୍ତିମାନ ଜିମ୍ନାସିୟମର ଏହି ସଫଳତା ପରେ କୃତୀ ପ୍ରତିଯୋଗୀଙ୍କ ସମେତ ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା କୃତୀ ପ୍ରତିଯୋଗୀମାନଙ୍କର ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତଙ୍କ ନିକଟକୁ ମଧ୍ୟ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ । ଶକ୍ତିମାନ ଜିମ୍ନାସିୟମର ଏହି ଉଲ୍ଲେଖନୀୟ ସଫଳତା ପରେ ଆନ୍ତର୍ଜାତୀୟ ଭଅରତ୍ତୋଳନକାରୀ ମନ୍ଦାକିନୀ ମହାନ୍ତଙ୍କ ସମେତ ମୟୂରଭଞ୍ଜ ୱେଟଲିଫ୍ ଏସୋସିଏସନର ସଭାପତି ତଥା ଓଡିଶା ସରକାରଙ୍କର ମାନ୍ୟବର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନବକୁମାର ସାହୁ, ଉପସଭାପତି ସଂଗ୍ରାମ କେଶରୀ ଦେବ, ଜୀତେନ୍ଦ୍ର ବେହେରା, ଶୁକୁଲ ମୁର୍ମୁ, ଯୁଗ୍ମ ସମ୍ପାଦକ ତରୁଣ ମହାନ୍ତି, ସମ୍ପାଦକ ହରିନାରାୟଣ ମହାନ୍ତ, କୋଷାଧ୍ୟକ୍ଷ ବିଜୟଚନ୍ଦ୍ର ଦାସ, ଉପଦେଷ୍ଟା ପ୍ରିୟବ୍ରତ ଦାସ, ଲୋହିତ ଦାସ, ମନୋଜ କୁମାର ରାଉତ, ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ହିମାଂଶୁ ଶେଖର ମହାନ୍ତ, ରଜତ ମହାନ୍ତ, ସୁରଜ ଲୋହାର, ରବୀନ୍ଦ୍ର ହାଁସଦା, ମନୋଜ ମହାନ୍ତ ପ୍ରମୁଖ କୃତୀ ପ୍ରତିଯୋଗୀ ସମେତ ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତଙ୍କୁ ଭବ୍ୟସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଭାରତ୍ତୋଳନକାରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଜୟପୁର, ୨/୧୧ (ନି.ପ୍ର): କୋରାପୁଟ ସଦର ମହକୁମାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଦୁର୍ନୀତି ନିବାରଣ ସଚେତନତା ସଭା ଆୟୋଜନ କରାଯାଇଥିଲା। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭିଜିଲାନସ ଏସପି ରବୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ଆମ ସାମୁହିକ ଦାୟିତ୍ୱ ବିଷୟବସ୍ତୁ ଉପରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ,କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଂଚୟ କୁମାର ମଣ୍ଡଳ ଉପସ୍ଥିତ ଥିଲେ। ଅତିରିକ୍ତ ଏସପି ଆନନ୍ଦ ପ୍ରସାଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ନନ୍ଦ କିଶୋର ଗୁରୁ ମଂଚ ପରିଚାଳନା କରିଥିବା ବେଳେ ଭିଜିଲାନସ୍ ଇନ୍ସପେକ୍ଟର ସଂଚୟ କୁମାର ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ ଓ ସନ୍ତୋଷୀ ବାରିକ, ଅଭୟ ପ୍ରଧାନ ପ୍ରମୁଖଙ୍କ ସହ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ଅଲିଭା କୁମାର ବେହେରା ଓ ଏସ କେ ସେଠୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।ଏଥି ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇ ସହର ପରିକ୍ରମା କରାଯାଇଥିଲା।

# ବିସିଂପୁରରେ ଭାଲୁ ଆତଙ୍କ

ଜୟପୁର, ୨/୧୧ (ନି.ପ୍ର): ଜୟପୁର ବନଖଣ୍ଡର ବୋରିଗୁମ୍ମା ବ୍ଲକରେ କିଛି ଦିନ ହେବ ଭାଲୁ ଆତଙ୍କ ବୃଦ୍ଧି ପାଇଛି। ବିସିଂହପୁର ଓ ସେମାଳାଗୁଡା ଅଂଚଳରେ ସନ୍ଧ୍ୟା ହେବାକ୍ଷଣି ୪ଟି ଭାଲୁ ରାସ୍ତା ଉପରେ ବୁଲୁଛନ୍ତି। ଏତିକି ବେଳେ ଗତକାଲି ରାତିରେ ମାଲଦା ଗାଁର ହନୁମାନ ମନ୍ଦିରରେ ତିନୋଟି ଭାଲୁ ପଶି ଘଂଟା ଘଂଟା ଧରି ବୁଲୁଥିବାର କିଛି ଲୋକେ ଦେଖିଛନ୍ତି । ନିଜ ମୋବାଇଲରେ ତାହାର ଭିଡିଓ ବି ଉତୋଳନ କରିଛନ୍ତି । ଯାହା ଏବେ ଭାଇରାଲ ହେଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଅଚଳ ବିଦ୍ୟୁତ ଟ୍ରାନ୍ସଫର୍ମର ମରାମତି ହେବ

ମୁଖୀଗୁଡା, ୨/୧୧ (ନି.ପ୍ର): ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଶକ୍ତିଗୃହ, ଓଏଚପିସି କାର୍ଯ୍ୟାଳୟ ଏବଂ କଲୋନିକୁ ବିଦ୍ୟୁଟ ସଂଯୋଗ କରୁଥିବା ଏକ ୨୦ କେଭି ଟ୍ରାନ୍ସଫର୍ମର କୌଣସି କାରଣରୁ ଅଚଳ ହୋଇ ପଡ଼ିଥିବାରୁ ଗତ ବୁଧବାର ରାତି ୯ଟା ପର ଠାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା । ବିଭାଗୀୟ କର୍ମଚାରୀଙ୍କ ବହୁ ଚେଷ୍ଟା ପରେ ମଧ୍ୟ ତ୍ରୁଟି ଜଣାପଡିନଥିଲା । ପରେ ଜଣାପଡିଲା ଯେ ଟ୍ରାନ୍ସଫର୍ମର କୌଣସି କାରଣ ଯୋଗୁ ଅଚଳ ହୋଇ ପଡ଼ିଥିଲା । ଓଏଚପିସି କଲୋନୀକୁ ଜେନେରେଟର ଲଗାଇ ପାଣି ଯୋଗା ଯାଇଥିଲା । ବହୁ ବର୍ଷର ପୁରୁଣା ଟ୍ରାନ୍ସଫର୍ମରକୁ ପ୍ରତିବର୍ଷ ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ହଠାତ ଖରାପ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଟ୍ରାନ୍ସଫର୍ମର ଅଚଳ ପାଇଁ ଇନ୍ଦ୍ରାବତୀ ଶକ୍ତି କେନ୍ଦ୍ରର କାର୍ଯ୍ୟାଳୟ ପାଇଁ କୌଣସି ଅସୁବିଧା ହୋଇନଥିବା ବେଳେ ବିଦ୍ୟୁତ ଉତ୍ପାଦନ ସ୍ୱାଭାବିକ ଥିଲା । କଲୋନୀରେ ରହୁଥିବା କର୍ମଚାରୀଙ୍କ ପରିବାର ୪୮ ଘଂଟା ଅନ୍ଧାରରେ ରହିଥିବା ବେଳେ ବିକଳ୍ପ ବିଦ୍ୟୁତ ସଂଯୋଗ କରାଯାଇଥିବା ଓଏଚପିସି ବରିଷ୍ଠ ମହା ପ୍ରବନ୍ଧକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ଖୁବ ଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ତେବେ ଓଏଚପିସି କଲୋନିରେ ରହୁଥିବା ବିଭାଗିୟ କର୍ମଚାରୀଙ୍କ ପାଇଁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ସିନା ହେବ କିନ୍ତୁ ବେଆଇନ ଭାବେ ଓଏଚପିସିର ପରିତ୍ୟକ୍ତ କ୍ୱାଟରରେ ରହୁଥିବା ଲୋକମାନେ ଏବେ କେଉଁଠୁ ବିଦ୍ୟୁତ ସଂଯୋଗ ପାଇବେ ବୋଲି ସାଧାରଣରେ ଆଲୋଚନା ହେଉଛି । ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପରୁ ଉତ୍ପାଦିତ ବିଜୁଳିରେ ଅନ୍ୟମାନେ ଆଲୋକରେ ରହିଥିବା ସମୟରେ କର୍ମଚାରୀଙ୍କ ପରିବାର ୪୮ଘଂଟା ବିଦ୍ୟୁତ ସଂଯୋଗରୁ ବଂଚିତ ହେବା ଏବେ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଓ ସଭା

ବଲାଙ୍ଗିର, ୨/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ଅକ୍ଟୋବର ୨୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୫ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ଓ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟର ବୈଠକ ଗୃହ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ସହ କମାଣ୍ଡାଣ୍ଟ, ଶରତ ସୁନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ ବେହେରା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ସୁଷ୍ମୁମା ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ଜନସାଧାରଣ ନିଜର ଦାୟିତ୍ୱ, କର୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହେଲେ ଦୁର୍ନୀତିକୁ ରୋକାଯାଇ ପାରିବ ଏବଂ ପ୍ରତ୍ୟେକ ସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସମାଜରୁ ଦୁର୍ନୀତି ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ସହ ମାନସିକତାରେ ପରିବର୍ତନ ଆଣିବା ଆବଶ୍ୟକତା ବୋଲି ଅତିଥିମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉପ ଅଧିକ୍ଷକ, ଦୁର୍ନୀତି ନିବାରଣ ଶାଖା, ବଲାଙ୍ଗିର ପୁଲସ୍ତି ଛତ୍ରିଆ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଦୁର୍ନୀତି ନିବାରଣ ସକାଶେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୫ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତା ପ୍ରଥମେ ବ୍ଲକ, ପୌରପରିଷଦ ତଥା ବିଜ୍ଞାପିତ ଅଂଚଳ ପରିଷଦ ସ୍ତରରେ କରାଯାଇ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଓଡିଆ ଏବଂ ଇଂରାଜୀ ଭାଷା ରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଆଜି ଅନୁଷ୍ଠିତ ସଚେତନତା ସଭା ରେ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ରୂପେ ଡ଼. ପ୍ରେମଚାନ୍ଦ ମହାନ୍ତି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ନିଜ ମନ୍ତବ୍ୟ ରଖିଥିଲେ । ଆରକ୍ଷୀ ନିରୀକ୍ଷକ, ଦୁର୍ନୀତି ନିବାରଣ ଶାଖା,ବଲାଙ୍ଗିର ଟେରେସା ଖେସ ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରଧାନ ଶିକ୍ଷକ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କନକେଲ ରାମ ଗୋପାଳ ଖମାରି ଶର୍ମା ସଭା ସଂଚାଳନ କରିଥିଲେ । । ସରକାରୀ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖାର କର୍ମଚାରୀ ଓ ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତମ ମୁନା, ସୁରେଶ ଚନ୍ଦ୍ର ପଟେଲ, କେଶବ ବାଗ, ସମୀର ସାହୁ ଓ ତପନ କୁମାର ପଟେଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପଥରଚେପାଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କଲେ ଗ୍ରାମବାସୀ: ବିଜୁଳି ଓ ରାସ୍ତାଘାଟ ନିର୍ମାଣ ଦୁର୍ନିତିରେ ଲିପ୍ତ ସଦର ବ୍ଲକ ପ୍ରଶାସନ

ବଲାଙ୍ଗିର, ୨/୧୧ (ନି.ପ୍ର): ସହରକୁ ଲାଗି ସଦାଇପାଲି ପଂଚାୟତ ଅନ୍ତର୍ଗତ ପଥରଚେପା ଗ୍ରାମ । ପ୍ରାୟତଃ ଆଦିବାସୀ, ଦଳିତ ଓ ନିମ୍ନ ଆୟ ବର୍ଗର ଲୋକେ ଏଠି ବାସ କରନ୍ତି । ବଲାଙ୍ଗିର ସହରର ଅତି ନିକଟରେ ଥିଲେ ମଧ୍ୟ ଲୋକେ ସର୍ବନିମ୍ନ ମୌଳିକ ସୁବିଧାରୁ ସବୁବେଳେ ବଂଚିତ । ବାରମ୍ବାର ସଦର ବ୍ଲକ ପ୍ରଶାସନକୁ ସମସ୍ୟା ବାବଦରେ ଅବଗତ କଲେ ମଧ୍ୟ ଦୁର୍ନିତିରେ ଥିବା ବ୍ଲକ ପ୍ରଶାସନ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ସବୁବେଳେ ଅଣଦେଖା କରି ଚାଲିଛି । ଏହାକୁ ନେଇ ଆଜି କଂଗ୍ରେସ ନେତା ରାମ ମିଶ୍ର, ଶ୍ରୀଧର ବାରିକ, ଫକିର ମୋହନ ଥାଟିଙ୍କ ନେତୃତ୍ୱରେ ବଲାଙ୍ଗିର ପାଟଣାଗଡ ମୁଖ୍ୟ ରାସ୍ତା ପଥରଚେପା ଗାଁ ଠାରେ ପଥରଚେପା ଗ୍ରାମବାସୀ ତଥା ଆଖପାଖ ଅଂଚଳର ଲୋକେ ମିଶି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଆନ୍ଦୋଳନ ସ୍ଥଳରେ ସ୍ଥାନୀୟ ନେତୃତ୍ୱ ଏ ଅଂଚଳର ବାରମ୍ବାର ବିଜୁଳି ବିଭ୍ରାଟ ନିମ୍ନ ମାନର ବିଜୁଳିବତି ସହ ସମଗ୍ରୀ, ରାସ୍ତା ମରାମତିକୁ ନେଇ ଅବହେଳା, ଇନ୍ଦିରା ଆବାସ ପ୍ରଦାନରେ ଚଂଚକତାକୁ ନେଇ ବ୍ଲକ ପ୍ରଶାସନ ବିରୁଦ୍ଧରେ ଗର୍ଜିଥିଲେ । ସେମାନେ କହିଥିଲେ, ଯେତେ ସବୁ ବିଜୁଳି ସମଗ୍ରୀ ହେଉ କି ଷ୍ଟ୍ରିଟ ଲାଇଟ ହେଉ ଲଗାଇବାର ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଖରାପ ହୋଇଯାଉଛି କାରଣ ଏହି ସମଗ୍ରୀ ଯୋଗାଣରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅନୁଦାନ ହଡପ କରି ନିମ୍ନମାନର ସମଗ୍ରୀ ବ୍ୟବହାର କରୁଛନ୍ତି । ଯେହେତୁ ଏହି ରାସ୍ତା ଏକ ବୁଲାଣିଆ ରାସ୍ତା ଏଠାରେ ବିଜୁଳିବତି ନ ଜଳିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କର ଧନ ଜୀବନ କ୍ଷତି ହେଉଛି । ତେଣୁ ଏହାକୁ ନେଇ ଆଜି ସ୍ଥାନୀୟ ଲୋକେ ଆନ୍ଦୋଳନ କରିବା ଦ୍ୱାରା ଘଂଟା ଘଂଟା ଧରି ବଲାଙ୍ଗିରରୁ ପାଟଣାଗଡ ପଟରୁ ଆସୁଥିବା ଶହ ଶହ ଯାନବାହନ ଅଟକି ଯିବା ଦ୍ୱାରା ଜିଲ୍ଲା ପ୍ରଶାସନ ତରଫରୁ ତହସିଲଦାର ଶ୍ରୀ ପଣ୍ଡା ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଆନ୍ଦୋଳନକାରୀମାନେ ସନ୍ତୁଷ୍ଟ ନ ହେବାରୁ ତହସିଲଦାର ଶ୍ରୀ ପଣ୍ଡା ଫୋନ ଯୋଗେ ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସହ ସମସ୍ୟାକୁ ନେଇ ଆଲୋଚନା କରାଇଥିଲେ । ଏଥିରେ ଉପଜିଲ୍ଲାପାଳ ଯାହା କିଛି ବି ସମସ୍ୟା ଅଛି ସେ ସବୁକୁ ନେଇ ପଥରଚେପା ଗ୍ରାମବାସୀ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଆଲୋଚନା କରିବେ ଏବଂ ସମସ୍ୟା ଯେପରି ୧୦ ଦିନ ଭିତରେ ସମାଧାନ ହୋଇପାରିବ ସେ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ଏବଂ ଦୁର୍ନିତିରେ ବ୍ଲକ ପ୍ରଶାସନ ତରଫରୁ ଯେ କେହି ବି ସଂପୃକ୍ତ ଥିବ ନିଶ୍ଚିତ ଭାବରେ ତାଙ୍କ ବିରୁଦ୍ଧରେ ପଦକ୍ଷେପ ନେବ ବୋଲି କହିଥିଲେ । ପରେ ଆନ୍ଦୋଳନକାରୀଙ୍କ ତରଫରୁ ଆନ୍ଦୋଳନକୁ ସ୍ଥଗିତ କରାଯାଇ ଯଦି ୧୫ ଦିନ ଭିତରେ ସମସ୍ୟାର ସମାଧାନ ନ ହୁଏ ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ଆଜିର ଏହି ଅନ୍ଦୋଳନକୁ ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ନନ୍ଦ, ଧନୁ ରାଉତ, ବିଜ୍ଞାନ ନନ୍ଦ, ସୁବଳ ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, କଂଗ୍ରେସ ନେତା ରାମ ମିଶ୍ର, ଫକିର ମୋହନ ଥାଟି, ନରେନ୍ଦ୍ର ବେହେରା, ସଂକିର୍ତନ ମେହେର, ଜୁଲୁ ପଟ୍ଟନାୟକ, ତ୍ରିନାଥ ରାଉତଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଚିତ୍ରକୋଣ୍ଡା ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କଲେ ସରପଂଚ ଓ ସମିତିସଭ୍ୟ

ମାଲକାନଗିରି, ୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ର ସମସ୍ତ ୧୮ଗୋଟି ପଂଚାୟତର ସମସ୍ତ ସରପଂଚ ଏବଂ ସମିତିସଭ୍ୟ ଆଜି ମିଳିତ ହୋଇ ଚିତ୍ରକୋଣ୍ଡା ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଏକ ଦାବୀପତ୍ର ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତା କୁମାରୀଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନମୂଳକ କାମ ହେଉଛି ଏବଂ ଗ୍ରାମର କେଉଁ କେଉଁ କାମ ହେବ ଗ୍ରାମସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ଯାଉଛି ଏବଂ ସେଥିରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ବିଧାୟକ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି କିନ୍ତୁ କାମ ଗୁଡିକ ଅନୁମୋଦନ ହୋଇ ଆସିଲାପରେ ବିଧାୟକ ସମସ୍ତ କାମର ଠିକାଦାରୀ କଂଗ୍ରେସ କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି। ଫଳରେ ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁନାହିଁ। ସେହିଭଳି କିଛି ବିଜେପି କର୍ମୀ ମଧ୍ୟ ବ୍ଲକ ର ଉନ୍ନୟନ କାମକୁ ଆମ ସରକାର ଆସିଛି ଆମ ବିଜେପି ଲୋକ କରିବେ କହି ଗ୍ରାମବାସୀ ଓ ବ୍ଲକ କର୍ମଚାରୀଙ୍କୁ ଧମକ ଦେଉଥିବା ଜନ ପ୍ରତିନିଧି ଅଭିଯୋଗ କରିଛନ୍ତି। ତେଣୁ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ନେତୃତ୍ୱରେ ସମିତି ସଭ୍ୟ ରାଜକମଲ ପୁରୋହିତ, ସମିତି ସଭ୍ୟା ଦୁତିକା ପାଙ୍ଗି, ସରପଂଚ କମ୍ଲୁ ହନ୍ତାଳଙ୍କ ସହ ବ୍ଲକର ସମସ୍ତ ସରପଂଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ବିଧାୟକ କେଉଁ ଅଧିକାରରେ ସମସ୍ତ କାମକୁ କଂଗ୍ରେସ କର୍ମୀଙ୍କ ଭିତରେ ବାଂଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ ଏବଂ ଆସିଥିବା ସମସ୍ତ କାମରେ ପଂଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବୀ କରିଥିଲେ। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ ଅଚଳ କରିବେ ବୋଲି ଜନ ପ୍ରତିନିଧି କହିଥିଲେ। ପ୍ରକାଶ ଥାଉକି, ଏଥିପୂର୍ବରୁ ବିଧାୟକଙ୍କ ଏହି କାର୍ଯ୍ୟକୁ ନେଇ ଖଇରପୁଟ ବ୍ଲକ ଅଧ୍ୟକ୍ଷ, ସରପଂଚ ଓ ସମିତିସଭ୍ୟ ମାନେ ବିରୋଧ କରିଥିଲେ।

# ବିଜେଡି ଛାଡି ବିଜେପିରେ ସାମିଲ ହେଲେ ବେଲଟୁକୁରି ପଂଚାୟତ ସଭାପତି ଓ ସମର୍ଥକ

ସମ୍ବଲପୁର/ନୂଆପଡ଼ା, ୨/୧୧ (ନି.ପ୍ର): ନୂଆପଡ଼ା ବିଧାନସଭା ଉପନିର୍ବାଚନ ତାରିଖ ଯେତିକି ପାଖେଇ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି । ବିଜେପି ସରକାରଙ୍କ କାର୍ଯ୍ୟଶୈଳୀରେ ଆକର୍ଷିତ ହୋଇ ପ୍ରତ୍ୟେକ ଦିନ ଶହ ଶହ ଲୋକ ବିଜେପିରେ ସାମିଲ ହେଉଛନ୍ତି । ଆଜି ନୂଆପଡ଼ା ବେଲଟୁକୁରି ବିଜେଡି ପଂଚାୟତ ସଭାପତି ବଳରାମ ଚନ୍ଦେକର ତାଙ୍କର ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି । ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାଏକ ଉପସ୍ଥିତ ରହି ବିଜେପି ଉତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

# ୧୦ ଦଫା ଦାବି ପୁରଣ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୨/୧୧ (ନି.ପ୍ର): ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନେ ନିଷ୍ପେସିତ ଅବହେଳିତ ଅବସ୍ଥାରେ ରହୁଥିବା ଯୋଗୁଁ ସେମାନେ ବାରମ୍ବାର ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ୍ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟ କରୁଣକର ଭୂଏଙ୍କୁ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ୧୦ ଦଫା ଦାବି ପୁରଣ କରି କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଅନୁରୋଧ କରିଛନ୍ତି । ଦାବି ଗୁଡ଼ିକ ନ୍ୟାର୍ଯ୍ୟ ଦାବି ବୋଲି ସଭାପତି ଦାଶ୍ ପ୍ରକାଶ କରିଛନ୍ତି, ଗୋଟିଏ ଶିକ୍ଷକ,ଶିକ୍ଷୟିତ୍ରୀ ରେ ବିଦ୍ୟାଳୟ ଗୁଡ଼ିକ ଚାଲୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଚାପଗ୍ରସ୍ତ ହୋଇ ରହୁଛନ୍ତି ତେଣୁ ସେହି ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ନିଯୁକ୍ତି କରିବା, ବିଦ୍ୟାଳୟ ମାନଙ୍କ ରେ ଆବଶ୍ୟକତା ଅନୁପାତରେ ଶିକ୍ଷକ ଯୋଗାଇ ଦେବା, ଉପାନ୍ତ ଅଂଚଳ ରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ମାନଙ୍କୁ ଉପଯୁକ୍ତ ସ୍ଥାନକୁ ବଦଳି କରିବା, ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ ଉପଯୁକ୍ତ ସ୍ଥାନ କୁ ବଦଳି କରି ଆଣିବା. ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ସହାୟକ ପଦବୀରେ ପଦୋନ୍ନତି ଦେବା. ସ୍ଥଗିତ ରଖାଯାଇଥିବା ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା. ଯୋଗ୍ୟତା ଭିତିରେ କନିଷ୍ଠ ସହାୟକ ଓ ବରିଷ୍ଠ ସହାୟକ ମାନଙ୍କୁ ପଦୋନ୍ନତି ଦେବା, ଆବଶ୍ୟକତା ଅନୁପାତରେ କାର୍ଯ୍ୟାଳୟ ମାନଙ୍କ ରେ କର୍ମଚାରୀ ନିଯୁକ୍ତ କରିବା. ଏ ନେଇ ଶ୍ରୀ ଦାଶ୍ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କ ସହିତ ଆଲୋଚନା କରିଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଦାବିପତ୍ର ପ୍ରଦାନ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ଉପସ୍ଥିତ ଥିଲେ ।

# ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ

## ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟକଳା ପ୍ରଦର୍ଶନୀ ଉଦ୍‌ଘାଟିତ




ଭୁବନେଶ୍ୱର, ୨/୧୧ (ନି.ପ୍ର): ଗଣ ସାଂସ୍କୃତିକ ମଂଚ, ଭୁବନେଶ୍ୱର ପକ୍ଷରୁ ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ ଏବଂ ନଭେମ୍ବର ୨ ରୁ ୫ ଚାରିଦିନିଆ ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀକୁ ଆଜି ଜୟଦେବ ଭବନଠାରେ ସୁନାମଧନ୍ୟ ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରଫେସର ଡ଼. ନଟବର ଶତପଥି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଚିତ୍ରଶିଳ୍ପୀ, କଳା ଛାତ୍ରଛାତ୍ରୀ ଓ ସାହିତ୍ୟିକମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ “ଚିତ୍ରଶିଳ୍ପୀମାନେ ସାଧାରଣ ମଣିଷର ଦୁଃଖ, ଦୈନ୍ୟ, ନିରାଶା, ଯନ୍ତ୍ରଣା ଓ ଶୋଷଣକୁ ରଙ୍ଗତୁଳୀ ମାଧ୍ୟମରେ ଜୀବନ୍ତ ଚିତ୍ର ଆଙ୍କିପାରିଲେ ଏବଂ ଏହା ସାଧାରଣ ମଣିଷ ନିକଟରେ ପହଁଚିପାରିଲେ ସାମାଜିକ ପରିବର୍ତ୍ତନ ଅବସମ୍ଭାବୀ ।” “ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି କୌଣସି ବି ସାମାଜିକ ନ୍ୟାୟ ଆନ୍ଦୋଳନରେ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବାର ନଜିର ନାହିଁ । ଚିତ୍ର ଦେଖି ବା ଅନୁସରଣ କରି କେହି ଉତ୍ତମ ଶିଳ୍ପୀ ହୋଇପାରିବେନାହିଁ ବରଂ ନିଜ ଭିତରେ ଥିବା ଅର୍ନ୍ତଦୃଷ୍ଟି ଏବଂ ଅନୁଭବ ହିଁ ଜୀବନ୍ତ ପେଂଟିଂ ସୃଷ୍ଟି କରିପାରିବ” ବୋଲି ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଶିଷ୍ଟ ଚିତ୍ରଶିଳ୍ପୀ ଓ ସାହିତ୍ୟିକ ଡକ୍ଟର ରମାକାନ୍ତ ସାମନ୍ତରାୟ ମତବ୍ୟକ୍ତ କରିଛନ୍ତି । ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ବୀରେନ୍ଦ୍ର ନାୟକ, ଭୁବନେଶ୍ୱରସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକ୍ ଆଣ୍ଡ ଆପ୍ଲିକେସନ୍ (ଆଇଏମ୍‌ଏ)ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସ୍ୱାଧୀନ ପଟ୍ଟନାୟକ, ଧଉଳୀ ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଲଳିତକଳା ଏକାଡେମୀର ପ୍ରାକ୍ତନ ସଚିବ ପଂଚାନନ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କଳା, ସାହିତ୍ୟ, ସ୍ଥାପତ୍ୟ ଉପରେ ଆଲୋକପାତ କରିଥିଲେ । ଯୁଗପ୍ରବର୍ତ୍ତକର ସମ୍ପାଦକ ତଥା ଗଣ ସାଂସ୍କୃତିକ ମଂଚର ପ୍ରତିଷ୍ଠାତା ରାଜେନ୍ଦ୍ର ବର୍ମ୍ମା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପତ୍ରିକାର ସହ ସମ୍ପାଦିକା ଶୁଭ୍ରାଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହ ସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ବର୍ଷିଆନ୍ ଔପନ୍ୟାସିକ ଓ କଥାକାର ଅଚ୍ୟୁତାନନ୍ଦ ପତିଙ୍କ ସମ୍ମାନାର୍ଥେ “ଯୁଗପ୍ରବର୍ତ୍ତକ କଥା ସାହିତ୍ୟ ସମ୍ମାନ” ଶ୍ରୀମତୀ ଚିନ୍ମୟୀ ବାରିକଙ୍କୁ ପ୍ରଦାନ କରାଯାଇଥିଲା । “ମଣିଷ ପାଇଁ ଛବିଟିଏ” ଶୀର୍ଷକ ଏହି ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀ ଜୟଦେବ ଭବନ ଆର୍ଟ ଗ୍ୟାଲେରୀରେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସମ୍ପାଦକ ଶ୍ରୀ ବର୍ମ୍ମା କହିଛନ୍ତି । ଅତିଥିମାନେ “ଯୁଗପ୍ରବର୍ତ୍ତକ”ର ଶରତ ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଧରାପଡ଼ିବା ପରେ...

ତେବେ ତତ୍କାଳୀନ ବିଜେଡି ସରକାର ବିରୋଧରେ ଶଙ୍କର ପାଖରେ କି ତଥ୍ୟ ରହିଛି ? କାହାକୁ ଇଙ୍ଗିତ କରିବାକୁ ଚାହୁଁଛନ୍ତି ସେ ? କେଉଁ କେଉଁ ନିଯୁକ୍ତି ପାଇଁ ହଜାରେ କୋଟିର ଡିଲ୍ ହୋଇଥିଲା ପୂର୍ବ ସରକାର ଅମଳରେ ? ଏବେ ଏଭଳି ପ୍ରଶ୍ନ ଉଠୁଛି । ଅପରପକ୍ଷେ ଆଜି କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଘଣ୍ଟାଚକଟା କରୁଛି ତଦନ୍ତକାରୀ ଟିମ୍। ପୂର୍ବରୁ ଗିରଫ ହୋଇ ରିମାଣ୍ଡରେ ଆସିଥିବା ଦଲାଲ ଲୋକନାଥ ସାହୁ, ମୁନା ମହାନ୍ତି ଓ ପ୍ରିୟଦର୍ଶିନୀ ସାମଲ ଓରଫ୍ ସୌମ୍ୟା ସହ ଶଙ୍କର ପୃଷ୍ଟିକୁ ସାମ୍ନାସାମ୍ନି ବସାଇ କ୍ରାଇମବ୍ରାଞ୍ଚ ଉଗାରି ଚାଲିଛି ତଥ୍ୟ। ପୋଲିସ ଝଓ ନିଯୁକ୍ତି ପାଇଁ କିଏ ଓ କେମିତି ତିଆରି କରିଥିଲା କେଳେଙ୍କାରୀର ପ୍ଲଟ୍ ? ୯୩୩ରୁ କେତୋଟି ପୋଷ୍ଟ ପାଇଁ ହୋଇଥିଲା ଡିଲ୍ ? ଝଓ ପରୀକ୍ଷା ପରିଚାଳନା ଲାଗି ପ୍ରଥମେ OPRBଠୁଁ ITI LTD ଓ ପରେ ସିଲିକନ୍ ଟେକ୍ ଟେଣ୍ଡର ନେଇଥିବାବେଳେ ଶଙ୍କର ପୃଷ୍ଟିଙ୍କ ପଞ୍ଚ୍ ସଫ୍ଟ ଏହି ଟେଣ୍ଡରକୁ ହାତେଇଥିଲା କେମିତି ? ଖାଲି ପୋଲିସ ଝଓ ନା ଅନ୍ୟ କୌଣସି ପଦବୀ ପାଇଁ ବି ଚାଲୁଥିଲା ବେପାର ? ପ୍ରାର୍ଥୀ ପିଛା ୨୫ ଲକ୍ଷରୁ କାହାର କେତେ ଭାଗ ଧାର୍ଯ୍ୟ ହୋଇଥିଲା ? କେଉଁ ସରକାରୀ ବାବୁଙ୍କ ସହ ହୋଇଥିଲା ଡିଲ୍ ? କାହା ଛତ୍ରଛାୟାରେ ଚାଲିଥିଲା ଶଙ୍କର ସିଣ୍ଡିକେଟ୍ ? ଏମିତି କିଛି ପ୍ରଶ୍ନକୁ ଧରି ତଥ୍ୟ ଆଦାୟ କରୁଛି କ୍ରାଇମବ୍ରାଞ୍ଚ। ମାମଲାରେ ପୂର୍ବରୁ ଗିରଫ ହୋଇଥିଲେ ମୋଟ୍ ୧୨୩ ଜଣ। ତା’ମଧ୍ୟରୁ ୧୧୪ ହେଉଛନ୍ତି ଟଙ୍କା ବଦଳରେ ଏସଆଇ ପଦବୀ ହାତେଇବା ପାଇଁ ବିଜୟନଗରମ୍ ଯାଉଥିବା ପରୀକ୍ଷାର୍ଥୀ। ଯେଉଁମାନେ ଜାମିନରେ ମୁକୁଳିସାରିଥିବାବେଳେ ଏବେ ୯ ଦଲାଲ ଜେଲରେ। ଆଉ ଏବେ ଶଙ୍କରଙ୍କୁ ମିଶାଇ ଗିରଫ ଦଲାଲଙ୍କ ସଂଖ୍ୟା ପହଞ୍ଚିଛି ୧୦।

### ଡିସେମ୍ବର ୩୧ ତାରିଖ...

ଇ-କେୱାଇସି କରି ନ ଥିବା ୧୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଚାଉଳ ଯୋଗାଣ ନେଇ ମଧ୍ୟ କୌଣସି ଅପଡେଟ ଆସିନାହିଁ। ଚଳିତ ମାସ ୧୫ ତାରିଖରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅକ୍ଟୋବର ଶେଷ ସୁଦ୍ଧା ଇ-କେୱାଇସି କରି ନ ଥିବା ହିତାଧିକାରୀଙ୍କୁ ନଭେମ୍ବରରୁ ଚାଉଳ ମିଳିବ ନାହିଁ ବୋଲି କହିଥିଲେ। କିନ୍ତୁ ଏହି ଅବଧି ବୃଦ୍ଧି ପରେ ହିତାଧିକାରୀମାନଙ୍କୁ ସମୟ ମିଳିଛି।

### ବିଜେଡିକୁ ଜୟ...

ତେବେ ନବୀନଗସ୍ତକୁ ନେଇ ବିଜେଡି-ବିଜେପି କଥା କଟାକଟି ବି ତେଜିଛି। କଣ୍ଟାବାଞ୍ଜି ଭଳି ନବୀନ ନୂଆପଡ଼ାରେ ପ୍ରତ୍ୟାଖ୍ୟାତ ହେବେ ବୋଲି କହିଛି ବିଜେପି। ଅନ୍ୟପଟେ କଂଗ୍ରେସ ମଧ୍ୟ ଆଜି ନୂଆପଡ଼ାରୁ ଖରିଆର ପର୍ଯ୍ୟନ୍ତ ବାଇକ୍ ରାଲି କରି ପ୍ରଚାରକୁ ଜୋରଦାର୍ କରିଛି। ଆସନ୍ତା ୭ ତାରିଖରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନୂଆପଡ଼ା ଆସି କଂଗ୍ରେସ ପ୍ରଚାରକୁ ଗତି ଦେବେ। ନୂଆପଡ଼ା ଦଖଲ ପାଇଁ ବିଜେପି, ବିଜେଡି ଓ କଂଗ୍ରେସ ଜୋରଦାର୍ କସରତ ଚଳାଇଥିବା ବେଳେ ଭୋଟରଙ୍କ ମୁଡ୍ କୁଆଡେ ଯାଉଚି ତାକୁ ଅପେକ୍ଷା।

### ମହାରାଷ୍ଟ୍ର ରାଜନୀତିରେ....

ଟକ୍କର ଦେବାକୁ ଅଣ୍ଟା ଭିଡ଼ିଛନ୍ତି । ଉଦ୍ଧବ ଗୋଷ୍ଠୀ ଓ ଅଜିତ୍ ପାୱାର ଗୋଷ୍ଠୀ ମେଣ୍ଟରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେବା ପରେ ଏକନାଥ ସିନ୍ଦେଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି । କାରଣ ଏବେ ବି ରାଜ୍ୟରେ ଏକନାଥ ସିନ୍ଦେଙ୍କ ଶିବସେନା, ଅଜିତ୍ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ବିଜେପି ସହ ମିଳିତ ସରକାରରେ ରହିଛନ୍ତି । ଏକନାଥ ସିନ୍ଦେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦରେ ଥିବା ବେଳେ ଅଜିତ୍ ପାୱାର ଅର୍ଥମନ୍ତ୍ରୀ ପଦରେ ରହିଛନ୍ତି। ଏହି ପଂଚାୟତ ନିର୍ବାଚନ ପାଇଁ ମେଣ୍ଟ ଆଗକୁ ରାଜ୍ୟରେ ଥିବା ମେଣ୍ଟ ସରକାର ଉପରେ ପ୍ରଭାବ ପକାଇବନି ତ ?

# ଗଭୀର ଡ୍ରେନରୁ ଷଣ୍ଢ ଉଦ୍ଧାର

ବସ୍ତା , ୨/୧୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଜେନା ପୋଖରି ନିକଟରେ ଥିବା ଏକ ଗଭୀର ଡ୍ରେନ ରେ ଗୋଟିଏ ଷଣ୍ଢ ରାତି ୧୦ ଟା ସମୟରେ ଗଳି ପଡ଼ିଥିଲା । ସ୍ଥାନୀୟ ଯୁବକ ମାନେ ବହୁ ଚେଷ୍ଟା କରିବା ପରେ ମଧ ଷଣ୍ଢ ଟିକୁ ବାହାର କରିପାରିନଥିଲେ। ପରେ ବସ୍ତା ଅଗ୍ନିଶମ ବାହିନୀ ଆସି ବହୁ ଚେଷ୍ଟା ପରେ ସ୍ଥାନୀୟ ଯୁବକ ମାନଙ୍କ ସହାୟତା ରେ ଷେଣ୍ଢ ଟିକୁ ଉଦ୍ଧାର କରିଥିଲେ ।

# ହାତିଆଡ଼ିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨/୧୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ଯୋଗସାଧିକା ଆତ୍ମଜ୍ଞାନୀ ମୁନରାଜ୍ଞୀ ବିମଳାଲେଙ୍କାଙ୍କ ଜ୍ୟେଷ୍ଠା ସୁକନ୍ୟା ଆୟୁଷ୍ମତୀ ମୁନୀମତୀ ରୀତା ବିଶ୍ୱାଳଙ୍କ ୪୬ତମ ଶୁଭ ଜନ୍ମଦିନ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଂଗଠନ ମନ୍ତ୍ରୀ, ଜିଲ୍ଲା ଅଧ୍ୟକ୍ଷ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ । ମୁଖ୍ୟବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ସମ୍ମାନିତ ଅତିଥି ହିସାବରେ ଯୋଗଦାନ କରିଥିଲେ,ଆତ୍ମଜ୍ଞାନୀ ମୁନରାଜ ଅମୂଲ୍ୟ ମୁନିଜୀ ମହୋଦୟ ଏବଂ ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ମଞ୍ଚ ପରିଚାଳନା କରିଥିଲେ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ମୁନିମତୀ ରୀତାଙ୍କୁ ଦୀର୍ଘ୍ୟ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ସେ ଜଣେ ଆଦର୍ଶ ଦୁହିତା ର କର୍ତ୍ତବ୍ୟ ସମାଜ ଆଗରେ ଥୋଇ ପାରିଛନ୍ତି । ଶାଶୁ ଘରକୁ ଯାଇ, ସେଠାରେ ପରିବାରର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ମୁନି ସମାଜରେ ଦୀକ୍ଷିତ କରାଇ ମୁନିପରିବାର ଗଠନ କରିପାରିଛନ୍ତି । ପ୍ରତିଦିନ ଯୋଗ ସାଧନ କରିବା ସହିତ ମୁନି ସମାଜର ପ୍ରଚାର ପ୍ରସାରରେ ବ୍ରତୀ ଅଛନ୍ତି । ଉପସ୍ଥିତଥିଲେ- ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ଶକୁନ୍ତଳା ପରିଡା, ବାସନ୍ତୀ ପରିଡା, ଯମୁନା ପାତ୍ର, କୈକେଇ ଜେନା, ଜୟନ୍ତ ଦେହୁରୀ, ନୀନସାହୁ ପ୍ରମୁଖ । ଶେଷରେ ମାତା ବିମଳାଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବଡ଼ ଏକାଦଶୀରେ ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀ ନାରାୟଣ ବେଶ

ସାକ୍ଷୀଗୋପାଳ, ୨/୧୧ (ନି.ପ୍ର): ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଅବସ୍ଥିତ ସାକ୍ଷୀଗୋପୀନାଥ ମନ୍ଦିରରେ ଆଜି ପବିତ୍ର କାର୍ତ୍ତିକ ମାସ ବଡ଼ ଏକାଦଶୀ ତିଥିରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି । ଶ୍ରଦ୍ଧାଳୁ ମାନେ ପ୍ରଭୁ ଶ୍ରୀକୃଷ୍ଣ ଓ ମା ରାଧାରାଣୀଙ୍କ ଲକ୍ଷ୍ମୀ ନାରାୟଣ ବେଶ ଦର୍ଶନ କରିଛନ୍ତି । ଏହି ପବିତ୍ର ତିଥିରେ ଠାକୁରଙ୍କୁ ଚୁଡ଼ାଘଷା ଭୋଗ ଲାଗି ହେବାର ପରମ୍ପରା ରହିଛି ।

# ନରଣପୁରରେ ଡେଙ୍ଗୁ ଆତଙ୍କ: ଏକମାସ ମଧ୍ୟରେ ସାତ ଆକ୍ରାନ୍ତ ଅବଚେତନ ଅବସ୍ଥାରେ ସ୍ୱାସ୍ଥ୍ୟ ବିଭାଗ

ନୀଳଗିରି , ୨/୧୧ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ନରଣପୁର ଗ୍ରାମରେ ଏକମାସ ମଧ୍ୟରେ ୭ରୁ ଉର୍ଦ୍ଧ୍ୱଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ବେଳେ ଏବେବି କିଛିଲୋକ ଡେଙ୍ଗୁଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଏବେବି ଅନ୍ଧାରରେ ବରହମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର। ନା କୌଣସି ଆଶାକର୍ମୀ, ନା ସ୍ୱାସ୍ଥ୍ୟଅଧିକାରୀଙ୍କ ପାଖରେ ଖବର ଅଛି। ଆକ୍ରାନ୍ତ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଚତୁଃପାର୍ଶ୍ୱରେ ଥିବା ଜଳାଶୟ ଗୁଡିକ ଅପରିଷ୍କାର, ସନ୍ତସନ୍ତିଆ ଏବଂ ଦଳପୂର୍ଣ୍ଣ ଥିବାରୁ ମଶାବଂଶ ବୃଦ୍ଧି ପାଇଛି। ଦୀର୍ଘବର୍ଷ ଧରି ଉକ୍ତ ଜଳାଶୟ ଗୁଡିକ ବିଶୋଧନ ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଯଥାଶୀଘ୍ର ଚତୁର୍ପାର୍ଶ୍ୱ ବ୍ଲିଚିଂ ଏବଂ ଅନ୍ୟ ବିଶୋଧିତ ସାମଗ୍ରୀ ସିଞ୍ଚନ କରିବା ସହ ବିଶୋଧିତ ମସୁରି ଯୋଗାଇଦେବାକୁ ଦାବୀ ହୋଇଛି।

# ପାଇଥିବା ମୋବାଇଲ ଫେରାଇ ମାନବିକତା ଦେଖାଇଲେ ଶିକ୍ଷକ



ନୀଳଗିରି, ୨/୧୧ (ନି.ପ୍ର): ଆଜିର ଦୁନିଆରେ ଯୁବଗୋଷ୍ଠୀ ଲୁଟପାଟରେ ଲିପ୍ତ ଥିବାବେଳେ ମାନବିକତା ଦେଖାଇଛନ୍ତି ଜଣେ ଯୁଶିକ୍ଷକ। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ନୀଳଗିରି ବ୍ଲକ୍ ସିଆଡିମାଳ ଗ୍ରାମର ବାବୁଲା ସିଂ ନାମକ ଶିକ୍ଷକ ଭୋଗରାଇରୁ ଛୁଟିରେ ନିଜଘରକୁ ଫେରୁଥିବା ସମୟରେ ବାଟରେ ଏକ ମୋବାଇଲ ଫୋନ ପାଇଥିଲେ। ଯାହା ସୁଇଚ ଅଫ ହୋଇଥିଲା ।ସେ ତାକୁ ଘରକୁ ଆଣି ଚାର୍ଜ କରିଥିଲେ। ପରେ ଫୋନ ଆସିବାରୁ ଠିକଣା ବୁଝିବାସହ ଉପଯୁକ୍ତ କାଗଜପତ୍ର ଦେଖି ମୋବାଇଲଟିକୁ ବାବନ୍ଧ ଗ୍ରାମର ନକୁଳ ବେହେରାଙ୍କୁ ଫେରସ୍ତ କରିଛନ୍ତି। ତାଙ୍କର ଏଭଳି ମାନବିକତା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ



ବାଲିଆପାଳ , ୨/୧୧ (ନି.ପ୍ର): ଗ୍ରାମାଞ୍ଚଳରେ ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ ଗଠନ କରିବା, ଛାତ୍ର ଛାତ୍ରୀ ମାନଙ୍କୁ ପିଲାଟି ଦିନରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଥମ ଥର ପାଇଁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଇଆଇଟି ,ନିଟ୍,ଜେଇ ସମେତ ଅନ୍ୟାନ୍ୟ ବିଷୟରେ ପଢ଼ିବା ପାଇଁ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ କରାଯାଇଛି। ଏନେଇ ଶିଶୁ ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ସ୍ଥାୟୀ ସଭାପତି ପ୍ରମଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜନ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ନିତ୍ୟାନନ୍ଦ ଫାର୍ମାସୀ କଲେଜର ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ରୁପସା କଲେଜରେ ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ସତ୍ୟେନ୍ଦ୍ର କୁମାର ପାଳ, ଶିକ୍ଷାବିତ ସୁଧାଂଶୁ ପଣ୍ଡା, ରସାୟନବିତ ପିତାମ୍ବର ବିଶ୍ୱାଳ, ପଦାର୍ଥ ବିତ୍ ଉତ୍କର୍ଷ ଆନନ୍ଦ, ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ରବିବାର ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଭିଜ୍ଞ ଅଧ୍ୟାପକ, ଅଧ୍ୟାପିକାଙ୍କ ଦ୍ୱାରା ପିଲାଙ୍କୁ ଶିକ୍ଷା ଦିଆଯିବ ବୋଲି ସମ୍ପାଦକ ଶ୍ରୀ ବେହେରା କହିଛନ୍ତି। ବିଦ୍ୟାଳୟର ଗୁରୁଜୀ ଗଦାଧର ବେହେରା, ପରମାନନ୍ଦ ପରିଡା,ନିଆସୀ ରଣଜିତ, ସାଇ ବିକାଶ ବେହେରା, ବସନ୍ତ ପ୍ରଧାନ, ଉମାଶଙ୍କର ପଣ୍ଡା,ଗୁରୁମା ଅଞ୍ଜୁବାଳା ମିଶ୍ର, ଶାନ୍ତି ଲତା ଜେନା, ରଶ୍ମିତା ପାଢୀ ରଞ୍ଜିତା ପ୍ରଧାନ, ଜୟନ୍ତୀ ଦାସ, ସାଇ ପ୍ରୀୟା ସାମନ୍ତରାୟ,ବଞ୍ଜୁବାଳା ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ।

# ବାଲିକୁଟୀରେ ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର



ଲଙ୍ଗଳେଶ୍ୱର, ୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ବାଲିକୁଟୀ ଗ୍ରାମର ସ୍ୱର୍ଗତ ସୁରତ କୁମାର ଦାସ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀପାଳନ ଅବସରରେ ରବିବାର ବାଲିକୁଟୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମେଗା ସ୍ୱାସ୍ଥ୍ୟମେଳା ଓ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି ମେଗା ସ୍ୱାସ୍ଥ୍ୟ ଶିବିର ରେ ଦୁଇଶହରୁ ଉର୍ଦ୍ଧ ଲୋକଙ୍କର ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରା ଯାଇଥିଲା ସେହିପରି ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରୁ ୩୦ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା ତାଙ୍କର ପୁତ୍ର ଆଇନଜୀବୀ ପ୍ରଦୀପ କୁମାର ଦାସ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇ ଥିଲା। ସ୍ଥାନୀୟ ସରପଞ୍ଚ ଯଶୋଦା ମଣି ଧଳ, ସମାଜ ସେବୀ ସଞ୍ଜୟ କୁମାର ପାତ୍ର, ବାଲେଶ୍ୱର ଓକିଲ ସଙ୍ଘର କର୍ମ କର୍ତ୍ତା ପ୍ରମୁଖ ଯୋଗ ଦେଇ ଥିଲେ ।ଦାସ ମହାପାତ୍ର ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ




ବଡ଼ସାହି, ୨/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଡସାହି ବ୍ଲକ୍ର 'ସୁରଭି ୨୦୨୫' ବଡସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଡସାହି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ମିନତୀ ସିଂ ଅଧ୍ୟକ୍ଷ ବଡସାହି ବ୍ଲକ୍, ମୁଖ୍ୟ ବକ୍ତା ଭାବରେ କରୁଣାକର ଧିନ୍ଦା, ତହସିଲଦାର ବଡସାହି, ସମ୍ମାନୀୟ ଅତିଥି ଭାବରେ ବୁଧୁରାମ ସିଂ, ସରପଞ୍ଚ ବଡସାହି, ଶ୍ରୀ ଅଭିରାମ ନାଏକ, ସହଶିକ୍ଷା ଅଧିକାରୀ, ବଡସାହି ଓ ଶ୍ରୀମତୀ ସୁବର୍ଣ୍ଣ ଜେନା,ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, ବଡସାହି ଉ. ପ୍ରା. ବିଦ୍ୟାଳୟ ଯୋଗଦାନ କରି ସୁରଭି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କର ସହ ଶୈକ୍ଷିକ ଶିକ୍ଷା ଉପରେ ଅଧିକ ଜ୍ଞାନ ଅର୍ଜନ ହୋଇ ପାରିବ ବୋଲି ଅଭିଭାଷଣ ରଖିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାରେ ଅଠର ଗୋଟି ଆଞ୍ଚଳିକ ସାଧନ କେନ୍ଦ୍ରରୁ ଜଣେ ଲେଖାଏଁ ପିଲା ଜିତି କରି ଆସିଥିଲେ। ମୋଟ ପ୍ରତିଯୋଗିତା ସଂଖ୍ୟା ଥିଲା ବତିଶି। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ତିନି ଜଣଙ୍କୁ ସମ୍ମାନ ପତ୍ର ସହ ପୁରସ୍କାର ପ୍ରଦାନ ମୋଟ ଛୟାନବେ ଜଣଙ୍କୁ କରା ଯାଇଅଛି। ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ପ୍ରତିଯୋଗିତା ଗୁଡ଼ିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବଡସାହି ଉ.ପ୍ରା.ବିଦ୍ୟାଳୟର ଶ୍ରେଣୀ କକ୍ଷ ମଧ୍ୟରେ ହୋଇ ଥିଲା । ସନ୍ଧ୍ୟାରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ହୋଇଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଶିକ୍ଷା ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଶ୍ରୀଯୁକ୍ତ କାଞ୍ଚନ କୁମାର ପ୍ରଧାନ,ଉପାଧ୍ୟକ୍ଷ, ବଡସାହି ବ୍ଲକ୍ । ସେ ନିଜ ଅଭିଭାଷଣରେ ପିଲାମାନଙ୍କର ଉନ୍ନତିର ମାର୍ଗ ପ୍ରଦର୍ଶନ କରିଥିଲେ। ମହାମାନ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ମଞ୍ଚ ସଞ୍ଚାଳନ କରିଥିଲେ ରତିକାନ୍ତ ବେହେରା, ଶ୍ରୀମତୀ ବାଣୀଶ୍ରୀ ଦାସ, କାହ୍ନୁ ଚରଣ ବାରିକ୍ ଓ କମଳାକାନ୍ତ ରଥ। ଧନ୍ୟବାଦ୍ ଅର୍ପଣ କରିଥିଲେ ଦେବରାଜ ନାୟକ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବଡସାହି ସ. ଉ. ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ପୂର୍ଣ ସହଯୋଗ କରିଥିବା ବେଳେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦାୟିତ୍ୱ ଦିଆ ଯାଇଥିଲା, ସେମାନେ ଉତ୍ତମ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଅବସର ଶିକ୍ଷକମାନଙ୍କୁ ସୁରଭି କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଏ ବର୍ଷ ଏକ ନିଆରା ପରମ୍ପରା ସୃଷ୍ଟି କରିବା ସହିତ ବେଶ୍ ପ୍ରଶଂସା ଭାଜନ ହୋଇଛନ୍ତି। ଅବସର ଶିକ୍ଷକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଉପସ୍ଥିତ ଥିଲେ ସର୍ବ ଶ୍ରୀ ରାଜେନ୍ଦ୍ର ଜେନା, ସଚ୍ଚିଦାନନ୍ଦ ମହାନ୍ତି, ରଣଜିତ୍ ଦାସ, ଶିବ ମହାପାତ୍ର, ସଚିନ୍ଦ୍ର ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ଅନନ୍ତ ସତପଥି, ଶଙ୍କର୍ଷଣ ଛାଟିଆ, ସନ୍ତୋଷ ତରେଇ, ଧ୍ରୁବେନ୍ଦ୍ର ଜେନା, ଦେବେନ୍ଦ୍ର ବେହେରା । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ବଡସାହି ଉ.ପ୍ରା. ବିଦ୍ୟାଳୟ, ଦ୍ୱିତୀୟ ବାସନ୍ତୀ ଦେବୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦଦିହା ଓ ତୃତୀୟ ହୋଇଛନ୍ତି ବାଗୁଲି ଆଶ୍ରମ ବିଦ୍ୟାଳୟ ।

e-Procurement Notice for Road Works Identification No.
07 SERW BLS 2025-26

1. Name of the Work :- Roads
2. Total No. of Works :- 1 No
3. Estimated Cost :- Estimated Cost Rs 29.898
4. Class of Contractor :- 'C' & 'B' Class
5. Time of Completion :- 3 Month ( Three Calender Month )
6. Other Details :-

| Procurement Officer | Bid Identification No | Avaliability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division: Balasore | 07 SERW BLS 2025-26 | 31.10.2025 at 11.00 A.M. | 10.11.2025 up to 5.00 P.M. | 10.11.2025 up to 1.00 P.M. | 11.11.2025 at 11.00 A.M. |

Further details can be seen from the web site- www.tendersodisha.gov.in

Superintending Engineer
R.W. Division, Balasore

AFFIDAVIT

By virtue of an affidavit before the executive Magistrate Basudevpur, I the undersigned Ramesh Malik Son of Laxman Malik permanent resident of At-Radhanathpur, P.o-Mandari, P.s.-Basudevpur, Dist-Bhadrak, Pin- 756125 state that I have changed my name from Debu Malik to Ramesh Malik. Henceforth I shall be known as Ramesh Malik for all purposes.

Ramesh Malik

ସୋମବାର, ନଭେମ୍ବର ୦୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପି ଏଲ ପି ମହାସଂଘ ବାସୁଦେବପୁର ଶାଖାର ବୈଠକ ଅନୁଷ୍ଠିତ




ବାସୁଦେବପୁର, ୨/୧୧ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ରାଧାବଲ୍ଲଭପୁର ସ୍ଥିତ ମା ବୁଢ଼ୀ ମଙ୍ଗଳା ଭକ୍ତ ଆଶ୍ରୟ ସ୍ଥଳୀ ପରିସରରେ ପି ଏଲ ପି ମହାସଂଘ ବାସୁଦେବପୁର ଶାଖାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ରାଜ୍ୟ ସଂଘ ସାଧାରଣ ସଂପାଦକ ଭଜମନ ନାୟକ, ବ୍ଲକ୍ ସଂପାଦକ ଦାଶରଥି ପଣ୍ଡା, ବ୍ଲକ୍ ସଭାପତି ପୁଷ୍ପାଞ୍ଜଳି ବେହେରା, ରାଜ୍ୟ ସଂଘର ଉପଦେଷ୍ଟା ନିଶାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପି ଏଲ ପି ମାନଙ୍କୁ ପୁନଃ ନିଯୁକ୍ତି ଦାବି କରି ରାଜ୍ୟ ମହାସଂଘ ବାସୁଦେବପୁର ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା। ୧୯୯୫ ମସିହା ରେ ନିରକ୍ଷରଙ୍କୁ ସ୍ୱାକ୍ଷର କରିବା ପାଇଁ ପି ଏଲ ପି ମାନେ ନିଯୁକ୍ତି ପାଇଥିଲେ। ୨୦୦୫ ମସିହାରୁ ସେମାନଙ୍କର ନିଯୁକ୍ତିକୁ ବାତିଲ କରାଯିବା ଫଳରେ ସେମାନେ ଘୋର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତେଣୁ ସରକାରଙ୍କ ନିକଟରେ ସେମାନଙ୍କୁ ପୁନଃ ନିଯୁକ୍ତି ଦାବି ଜଣାଇବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସଦସ୍ୟ ଜୟକୃଷ୍ଣ ପାଢ଼ୀ, ବିଜୟ ସାହୁ, ଶୈଳେନ୍ଦ୍ର ନାୟକ, ଅଜିତ୍ ପାଢୀ, ବୈଲୋଚନ ବିଶ୍ୱାଳ, ଗଦାଧର ମାଝି, ଅଜୟ ପାଢୀ, କନକଲତା ବେହେରା, ସୁକାନ୍ତି ମହାନ୍ତି, ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ସଲିମାର-ଭଞ୍ଜପୁର ଟ୍ରେନ୍ ଧକ୍କାରେ ବିରାଟକାୟ ଦନ୍ତାହାତୀର ମୃତ୍ୟୁ



ବୈଶିଙ୍ଗା , ୨/୧୧ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଯୁଗଳ ରେଳ ଷ୍ଟେସନ ଠାରୁ ୫୦୦ ମିଟର ଦୂର ଆଗ୍ରିଆ ରେଳ ପଠାଟକ ନିକଟରେ ଶନିବାର ରାତି ଟ୍ରେନ ଧକ୍କାରେ ଏକ ବିଶାଳ ଦନ୍ତାହାତୀର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ ଶନିବାର ରାତି ୧୧.୩୦ ମିନିଟ ସମୟରେ ସାଲିମାର - ଭଞ୍ଜପୁର ଏକ୍ସପ୍ରେସ ଟ୍ରେନ ରୁପ୍ସା ବାଙ୍ଗିରିପୋଷି ରେଳପଥର ଯୁଗଳ ଷ୍ଟେସନରୁ ବାହାରି ବାରିପଦା ଅଭିମୁଖେ ଯାଉଥିବା ବେଳେ ଆଗ୍ରିଆ ଠାରେ ଥିବା ଲେବଲ କ୍ରସିଂ ପାରିହେବାକୁ ଚେଷ୍ଟା କରୁଥିବା ଏକ ଦନ୍ତାହାତୀ ରେଳଫାଟକ ଭିତରେ ଫସି ରହିଯାଇଥିଲା। ଟ୍ରେନ ଡ୍ରାଇଭର ଟ୍ରେନ ଅଟକାଇବା କୁ ଚେଷ୍ଟା କରିଥିଲେ ମଧ ଅଟକାଇ ପାରି ନଥିଲା । ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ରେଳ ଆସୁଥିବା ଯୋଗୁଁ ଏଭଳି ସ୍ଥିତିରେ ଫାଟକ ଉଠାଇବାକୁ ରାଜି ହୋଇନଥିଲେ ରେଳ କର୍ମଚାରୀ। ଯାହା ଫଳରେ ଆଖିପିଛୁଳାକେ ଏକ୍ସପ୍ରେସ ଟ୍ରେନ ଆସି ଦନ୍ତା ହାତୀଟିକୁ ଧକ୍କା ଦେଇ ଅଟକି ଯାଇଥିଲା ଏବଂ ଏହାର ଲୋକ ପାଇଲଟ୍ ଉପରିସ୍ଥ ଅଧିକାରୀଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇବା ପରେ ଗାଡ଼ି ଆଗେଇ ଯାଇଥିଲା। ଘଟଣା ବାବଦରେ ଖବର ପାଇ ବେତନଟୀ ଫରେଷ୍ଟ ରେଞ୍ଜ ର ବନବିଭାଗ ଅଧିକାରୀ ଧୃବେନ୍ଦ୍ର ନାଥ ନାଏକ ଏବଂ ଅନ୍ୟ କର୍ମଚାରୀ ମାନେ ପହଞ୍ଚି ମୃତ ହାତୀର ଶବ କୁ ରାତି ସାରା ଜଗି ରହିଥିଲେ । ସକାଳ ହେବା ପରେ ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଘଟଣା ସ୍ଥଳରେ ରେ ପହଞ୍ଚି ଦୁର୍ଘଟଣା ର କାରଣ ସମ୍ବନ୍ଧରେ ବିବରଣୀ ସଂଗ୍ରହ କରିଥିଲେ । ଏଥି ସହିତ ଭୁବନେଶ୍ୱର ରୁ ଜେ ଟି ଏଫ୍ ଟିମ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ । ଡାକ୍ତରୀ ଦଳ ପହଞ୍ଚିବା ପରେ ମୃତ ହାତୀ ର ମର ଶରୀର କୁ କ୍ରେନ୍ ଓ ଡମ୍ପର ସାହାଯ୍ୟରେ ବ୍ୟବଚ୍ଛେଦ ପାଇଁ ଦୁର୍ଗାପୁର ଜଙ୍ଗଲକୁ ନେଇ ଯାଇଥିଲେ। ବ୍ୟବଚ୍ଛେଦ ପରେ ସେହିଠାରେ ଗାତ ଖୋଳି ପୋତି ଦେଇଥିଲେ। ଖବର ପାଇ ପ୍ରିଣ୍ଟ ମିଡିଆ ଏବଂ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ଜିଲ୍ଲା ଓ ବ୍ଲକ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚିଥିଲେ । ପ୍ରତକ୍ଷ୍ୟଦର୍ଶୀ ଙ୍କ କହିବା ଅନୁଯାଇ ଜଙ୍ଗଲ ବିଭାଗର ଖାମଖିଆଲି ନୀତି ପାଇଁ ଏଭଳି ଅଘଟଣ ଘଟିଗଲା । ଜନୈକ ଗଜସାଥି ଙ୍କ କହିବାନୁଯାଇ ବହୁ ସମୟ ପୂର୍ବରୁ ଏହି ହାତୀଟି ରେଳ ଧାରଣା ଉପରେ ବୁଲୁଥିଲା। ହେଲେ ତା କଥାକୁ କେହି କର୍ଣ୍ଣପାତ କରିନଥିଲେ। ତେବେ ଏ ସମ୍ପର୍କରେ ବନବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ଫୁଲଝରୀ ଓ କ୍ଷୀରପଦା ଜଙ୍ଗଲ ଅଞ୍ଚଳରେ ହାତୀପଲଙ୍କୁ ଜଗିଥିବା ବେଳେ ସମସ୍ତଙ୍କ ଅଜାଣତରେ ଗୋଟିଏ ହାତୀ ଗୋଠଛଡ଼ା ହୋଇ ହଠାତ୍ ରାସ୍ତା ବଦଳାଇ ଅନ୍ଧାର ରାତିରେ ଭିନ୍ନ ରାସ୍ତାରେ ଚାଲିଯାଇଥିବା ଯୋଗୁଁ ଜଣାପଡିନଥିଲା ବୋଲି କହିଥିଲେ। ତେବେ ଏହି ହାତୀ ମୃତ୍ୟୁ ପାଇଁ ପ୍ରକୃତ ଦୋଷୀ କୁ ଦଣ୍ଡ ମିଳିବା ଉଚିତ୍ ବୋଲି ସାଧାରତରେ ଆଲୋଚନା ହେଉଛି ।

## ଦେଶର ପ୍ରଗତିରେ ଦୁର୍ନୀତି ସାଜିଛି ମୁଖ୍ୟ ପ୍ରତିବନ୍ଧକ : ପ୍ରମୋଦ କୁମାର ରାଉତ

ଉଦଳା, ୨/୧୧ (ନି.ପ୍ର): ଦୁର୍ନିତୀ ଯୋଗୁଁ ସାଧାରଣ ଲୋକଙ୍କୁ କିପରି ବିଭିନ୍ନ ପ୍ରକାର ଶୋଷଣ କରାଯାଇଥାଏ ଏକଥା ଆଜି ଆଉ କାହାରିକୁ ଅଛପା ନାହିଁ । ଲାଂଚ ନେବା ଓ ଲାଂଚ ଦେବା ଏ ଦୁଇଟି ଯାକ ଦୁର୍ନିତୀ ଅଟେ । ଏ କଥା ବେଶ ଭଲଭାବରେ ବୁଝିସାରିବା ପରେ ମଧ ବହୁ ଉଚ୍ଚଶିକ୍ଷିତ ଓ ବଡ଼ ବଡ଼ ପଦ ପଦବୀରେ ବସିଥିବା ସରକାରୀ ବାବୁ ମାନେ ଲାଂଚ ନେବାକୁ ପଛଘୁଂଚା ଦେଉ ନାହାଁନ୍ତି । ତେବେ ଏ ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନିତୀ ନିବାରଣ ସପ୍ତାହ ଭାବରେ ପାଳିତ ହେଉଛି । ଏହି ଅବସରରେ କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ସେବା ଯୋଜନା, ଯୁବରେଡ୍‌କ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଭାବରେ ଉକ୍ତ ଆଲୋଚନାଚକ୍ର ଆୟୋଜନର ନେତୃତ୍ୱ ନେଇଥିଲେ । ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ରାଉତ ଆଲୋଚନା ଚକ୍ରରେ ଅଧକ୍ଷତା କରି ଦେଶର ପ୍ରଗତିରେ ଦୁର୍ନିତୀ କିପରି ମୁଖ୍ୟ ପ୍ରତିବନ୍ଧକ ସାଜିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ମହାବିଦ୍ୟାଳୟର ଅଧାପକ ସୌମେନ୍ଦ୍ର କୁମାର ଦାଶ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇ, କେବଳ ଲାଂଚ ଦେବା ଓ ନେବାକୁ ଆମେ ଦୁର୍ନିତୀ ବୋଲି ବୁଝୁଛୁ । କିନ୍ତୁ ଦୁର୍ନିତୀ ଏତିକିରେ ସିମିତ ନୁହେଁ ଜାଲ ସାର୍ଟିଫିକେଟ ଦେଖାଇ ସରକାରୀ ଚାକିରି ହାତେଇବା, ମିଥ୍ୟା ସତ୍ୟପାଠ ଦାଖଲ କରିବା ଇତ୍ୟାଦି ମଧ ଦୁର୍ନିତି ଅଟେ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସରୋଜ କୁମାର ମହାନ୍ତି, ଡ଼. ନିରଂଜନ ପାଠୀ, ବୃନ୍ଦାବନ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ସୂଚନା ଅଧିକାର ଆଇନ ଦୁର୍ନିତୀକୁ ହଟାଇବାରେ କିପରି ଭୂମିକା ନେଉଛି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଅଧାପକ ବିଜୟ କୁମାର ନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଫନିଭୂଷଣ ପୁଥାଲ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ସଚେତନତା ସତର୍କତା ସପ୍ତାହ ପାଳନ : ଗଣଦୌଡରେ ସାମିଲ ହେଲେ ଅଧିକାରୀ, ଛାତ୍ରଛାତ୍ରୀ



ପାରାଦୀପ, ୨/୧୧ (ନି.ପ୍ର): ସଚେତନତା, ସତର୍କତା ସପ୍ତାହ ପାଳନ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ଏକ ଗଣଦୌଡ ରବିବାର ଦିନ ଆୟୋଜିତ ହୋଇଥିଲା । ପାରାଦୀପ ବଡପଡିଆସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିର୍ମୂ ନିକଟରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପତାକା ଦେଖାଇ ଏହି ଗଣଦୌଡ କାର୍ଯ୍ୟର୍କମର ଶୁଭାରମ୍ଭ କରିଥିଲେ । ଭାରପ୍ରାପ୍ତ ଉପାଧକ୍ଷ କ୍ୟାପଟେନ୍ ଏ.ସି.ସାହୁଙ୍କ ସମେତ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ସ୍ୱଚ୍ଛତା, ଦାୟିତ୍ୱବୋଧତାକୁ ଗୁରୁତ୍ୱ ଦେଇ ଏହି ଗଣଦୌଡ ପ୍ରଶାସନିକ ଭବନରେ ପହଂଚିଥିଲା । ସ୍ୱଚ୍ଛତା, ଦାୟିତ୍ୱବୋଧତା ଆମର ଲକ୍ଷ୍ୟ ଆମେ ଏହାକୁ ଗୁରୁତ୍ୱ ଦେଇ କାମ କରିଲେ ସଫଳତା ହାସଲ କରି ପାରିବା ବୋଲି ଅଧକ୍ଷ ଶ୍ରୀ ହରନାଦ କହିଥିଲେ ।

## ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କ ସଙ୍ଘ ଭଦ୍ରକ ଜିଲ୍ଲା ୫ମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ




ଭଦ୍ରକ, ୨/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ପାଚିକା ସହାୟିକାଙ୍କ ସମ୍ମିଳନୀ ଅବସର ରେ ବସ ଷ୍ଟାଣ୍ଡ ଉପରେ ସି ଆଇ ଟି ୟୁ ର ପତାକା ଉତ୍ତୋଳନ କରିଥିଲେ ଶ୍ରମିକ ନେତା ଦିବ୍ୟ ସିଂହ ନାୟକ ଓ ସମବେତ ଶତାଧିକ ଶ୍ରମିକ ମାନେ ସହିଦ ବେଦିରେ ପୃଷପ ଦେବାପରେ , ଶାନ୍ତିଲତା ନାୟକ, ବାସନ୍ତୀ ବେହେରା, ସୀତା ଦାଶ, ମହେଶ୍ୱର ନାୟକ, ସେକ୍‌ଶିକୁ, କମର, କାଲୁ, ମିନତୀ ପ୍ରଧାନ, ଶକୁନ୍ତଳା କେଶ ଙ୍କ ନେତୃତ୍ୱ ରେ ଏକ ବିରାଟ ପଟୁଆର ରେ ସହର ପରିକ୍ରମା କରିବା ପରେ ସଂସ୍କୃତି ଭବନ ରେ ଶାନ୍ତିଲତା ନାୟକ, ବାସନ୍ତୀ ବେହେରା ଓ ଆରଣପୂର୍ଣ୍ଣ ସେଠୀ ଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନରେ ପରିଚାଳନା କରିଥିଲେ। ସମ୍ମିଳନୀ ରେ ସହିଦ ସ୍ମୃତି ରେ ଏକ ମିନିଟ୍ ନିରବତା ଅବଲମ୍ବନ କରି ବାପରେ, ସମ୍ମିଳନୀ କୁଉଦ୍ଘାଟନ କରିଥିଲେ ଶ୍ରମିକ ନେତା ଉଲ୍ଲାସ ସ୍ୱାଇଁ ସେ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ ଡବଲ ଇଞ୍ଜିନ ସରକାର୍ ଜେହୁଁ ନୀତି ଦେଶ ର ଆଣିଛନ୍ତି ଶ୍ରମିକ ମାନେ ଦିନକୁ ୧୦ଘଣ୍ଟା କମକରିବେ, ମହିଳା ଶ୍ରମିକ ରାତିରେ କାମ କରିବାକୁ ତାର ପ୍ରତିବାଦ କରିବା ପାଇଁ ପାଚିକା ସହାୟିକାଙ୍କ ଦରମା ମାସକୁ ୨୬୦୦୦ଟଙ୍କା ଦେବା, ସେମାନଂକୁ ଶ୍ରମିକର ମାନ୍ୟତା ପ୍ରଦାନ କରିବା ଓ ଅବସର ପରେ ମାସକୁ ୫୦୦୦ଟଙ୍କା ପେନସନ ବ୍ୟବସ୍ଥା କରିବା ପାଇଁ ଅହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ସୀତା ଦାଶ ଏକ ଲିଖିତ ରିପୋର୍ଟ ପାଠ କରିଥିଲେ। ଏହି ସମ୍ମିଳନୀ ରେ ବକ୍ତବ୍ୟ ରଖିଥିଲେ ରାଜ୍ୟ ନେତ୍ରୀ ଖିରମଣି ମହନ୍ତ, ଦିବ୍ୟ ସିଂହ ନାୟକ, ବିଷ୍ଣୁ ଦାଶ, ମଳୟ ଭୋଇ, ମହେଶ୍ୱର ନାୟକ, ଶାନ୍ତିଲତା ନାୟକ, ଶକୁନ୍ତଳା କେଶ, ଆରଣପୂର୍ଣ୍ଣ ସେଠୀ, ରଶ୍ମି ରେଖା ତ୍ରିପାଠୀ, ଗିରିଧାରୀ ନାଥ। ଏହି ସମ୍ମିଳନୀ ରେ ମସସ୍ଙ୍କ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର ବର୍ତ୍ତମାନ ସରକାର୍ ଙ୍କ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଲଢେଇ ଜୋରଦାର କରିବାକୁ ଚେତାବନୀ ଦେବା ସହ ମସସ୍ଙ୍କ କୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଏକ ୨୨ଜଣିଆ କମିଟି ଗଠନ ହେଇଥିଲା ଏହି ସମ୍ମିଳନୀ ରେ ଦିବ୍ୟ ସିଂହ ନାୟକ ସଭାପତି, ଶାନ୍ତିଲତା ନାୟକ ସମ୍ପାଦିକା ଓ ବିଷ୍ଣୁ ଦାଶ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇ ଛନ୍ତି। ସମ୍ମିଳନୀ ରେ ସମବେତ ଶତାଧିକ ଶ୍ରମିକ ମାନେ ଦୁର୍ଦ୍ଦିନରେ ଦିନକଟୁଥିବାରୁ ଅତୀତର ନବୀନ ପଟ୍ଟନାୟକଙ୍କ ସରକାର୍ ଓ ଏବେର ମୋହନ ମାଝୀ ସରକାର୍ଙ୍କ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଲଢେଇ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି। ଶେଷ ରେ ସି ଆଇ ଟି ୟୁ କୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ ଶ୍ରମିକ ନେତା ଦିବ୍ୟ ସିଂହ ନାୟକ।

## ବଡ଼ ଏକାଦଶୀରେ ବାବା ଧବଳେଶ୍ୱରଙ୍କ ଚନ୍ଦ୍ରଚୂଡ଼ ବେଶ

କଟକ, ୨/୧୧ (ନି.ପ୍ର): କଟକ ଜିଲ୍ଲାର ଆଠଗଡ଼ ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ଆଜି ବଡ଼ ଏକାଦଶୀରେ ବାବା ଧବଳେଶ୍ୱର ଭକ୍ତଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି । ରାତି ୪ଟାରେ ଦ୍ୱାରଫିଟା ପରେ ବାବାଙ୍କ ନୀତିକାନ୍ତି ସମାପନ ପରେ ଦର୍ଶନ ଆରମ୍ଭ ହୋଇଛି । ବାବା ଧବଳେଶ୍ୱର ଭକ୍ତଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି । ଶ୍ରଦ୍ଧାଳୁ ମାନେ ଧାଡିରେ ବ୍ୟାରିକେଡ୍ ରେ ଆସି ବାବାଙ୍କ ଦର୍ଶନ କରୁଛନ୍ତି । ଏହି ଦିନରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ରାତ୍ର ୪ଟାରେ ମନ୍ଦିରର ଦ୍ୱାରଫିଟା, ପ୍ରଥମେ ମଙ୍ଗଳଆଳତୀ ପରେ ବାବାଙ୍କୁ ସ୍ନାନ କରାଯାଇଥିଲା । ସ୍ନାନ ପରେ ବାବା ଧବଳେଶ୍ୱରଙ୍କୁ ଚନ୍ଦ୍ରଚୂଡ଼ ବେଶରେ ସଜ୍ଜିତ କରାଯାଇଥିଲା ।

## ଶିକ୍ଷକଙ୍କ ମୋବାଇଲ ହ୍ୟାକକରି ଲୁଟିନେଲେ ୨ ଲକ୍ଷ ୭୮ ହଜାର ଟଙ୍କା

### ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ଅପଲୋଡକୁ ନେଇ ସନ୍ଦେହ

ବାଲିଆପାଳ , ୨/୧୧ (ନି.ପ୍ର): ଜଣେ ଶିକ୍ଷକଙ୍କ ମୋବାଇଲ ହ୍ୟାକ କରି ଦୁର୍ବୃତ୍ତ ମାନେ ୨ ଲକ୍ଷ ୭୮ ହଜାର ଟଙ୍କା ଲୁଟ କରିନେଇଥିବା ନେଇ ଅଭିଯୋଗ ହୋଇଛି । ତେବେ ଶିକ୍ଷକ ଜଣଙ୍କ ନିଜ ମୋବାଇଲରେ ଶିକ୍ଷକ ଓ ତଥା ଛାତ୍ରୀଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁ ଏଏସ)ଆପ୍ ଅପଲୋଡ କରିଥିବାରୁ ତାଙ୍କର ଏଭଳି ଅବସ୍ଥା ହୋଇଥିବା ସନ୍ଦେହ ପ୍ରକଟ କରିଛନ୍ତି । ମିଳିଥିବା ସୂଚନା ମୃତାବକ ମହାବଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାଷ ଚନ୍ଦ୍ର ରାଉତ ଙ୍କ ମୋବାଇଲକୁ ୩୧.୧୦.୨୫ ରିଖ ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଲଗାତାର ଓଟିପି ଆସିବାକୁ ଲାଗିଥିଲା । ତେବେ ଶିକ୍ଷକ ଜଣଙ୍କ ମୋବାଇଲ କୌଣସି ପ୍ରକାରେ ଚଳାଇ ପାରିନଥିଲେ । ସେତେବେଳେ ଶିକ୍ଷକ ଜଣଙ୍କ ତାଙ୍କ ମୋବାଇଲ ହ୍ୟାକ ହୋଇଥିବା ଜାଣିବାକୁ ପାଇ ନିକଟସ୍ଥ ଏକ ବ୍ୟାଙ୍କ କୁ ଯାଇ ଏକାଉଣ୍ଟ ଯାଞ୍ଚ କରିବାରୁ ତାଙ୍କ ଦରମା ଏକାଉଣ୍ଟରୁ ୨ ଲକ୍ଷ ୭୮ ହଜାର ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ । ଏନେଇ ଶିକ୍ଷକ ଜଣଙ୍କ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜର, ବାଲେଶ୍ୱର ସାଇବର ଥାନା ସମେତ ଅଭିଯୋଗ କରିଛନ୍ତି। ତେବେ ଶିକ୍ଷକ ୩୧ ତାରିଖ ରେ ଶିକ୍ଷକ ଓ ତଥା ଛାତ୍ରୀଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁଏଏସ) ଆପକୁ ଅପଲୋଡ କରିଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ ପ୍ରକଟ କରିବା ସହ ବାଲିଆପାଳ ବିଇଓଙ୍କ ନିକଟରେ ମଧ ଏବିଷୟରେ ଅଭିଯୋଗ କରିଛନ୍ତି । ତେବେ ବ୍ଲକ ଶିକ୍ଷାଧିକାରୀ ସରକାରଙ୍କକର ଏହି ଆପ ହୋଇଥିବାରୁ ଏଥିରେ କୌଣସି ତୃଟି ନଥିବା ନେଇ ବୁଝାଇଥିଲେ । ସୂଚନା ଯୋଗ୍ୟ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁ ଏଏସ) ଆପ କୁ କାର୍ଯ୍ୟକାରୀ କରିବା ପାଇଁ ସବୁ ଜିଲ୍ଲା ଓ ବ୍ଲକ ଶିକ୍ଷାଧରକାରୀଙ୍କୁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ସତ ପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପରେ ଚାପ ପକାଯାଉଛି । ଏପରିକି ଏହା ନକଲେ ଦରମା ବନ୍ଦ ପାଇଁ ଚିଠି କରାଯାଉଛି ।ତେବେ ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ଶିକ୍ଷକ ମାନେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଦୃଷ୍ଟିରୁ ନିଜ ମୋବାଇଲରେ ଏହି ଆପ୍‌କୁ ଲୋଡ କରି କାର୍ଯ୍ୟ କରିବାକୁ ବିରୋଧ କରିଆସୁଛନ୍ତି । ଆଜିର ଏହି ଘଟଣା ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଛନକା ପଶିଯାଇଛି ।

## ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟିର ବୈଠକ

ବାଲିଆପାଳ , ୨/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସୁରଡିହା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ରବିବାର ପୂର୍ବାହ୍ନରେ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟିର ସମ୍ପାଦିକା କଳ୍ପନା ଜେନାଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ର ସଭାପତି ଅବସରପ୍ରାପ୍ତ ବିଡିଓ ବାଜେଲ ମାଝୀ, କାର୍ଯ୍ୟକାରୀ ସଭାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଅଜୟ କୁମାର ବେହେରା, ଯତିନ୍ଦ୍ର ନାଥ ପରିଡା, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କୌଣସି ଲୋକଙ୍କୁ ଉଦବାସ୍ତ ନକରି ସରକାରୀ ଜାଗାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ପିଲାଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ପ୍ରଦାନ, ସହିତ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିବା ଇତ୍ୟାଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ବଙ୍କିମ ଜେନା,ବିକ୍ରମ ବାଡ଼ି, ପର୍ଶୁରାମ ପାତ୍ର,କରୁଣା କର ପାତ୍ର, ଶିଶିର ଖଣ୍ଡା, ମଧୁସୂଦନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ଅଭିଯାନ-୨୦୨୫ ଅବସରରେ ବାରିପଦାଠାରେ ସଚେତନତା ସାଇକେଲ ରାଲି ଅନୁଷ୍ଠିତ



ବାରିପଦା, ୨/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ପାଳନ ଅବସରରେ ଆଜି ମୟୂରଭଞ୍ଜ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ସାଇକେଲ ରାଲି ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ ଏହାକୁ ଉଦଘାଟନ କରି କହିଥିଲେ ଯେ ଏହି ରାଲି ର ମୁଖ୍ୟ ଉଦେଶ୍ୟ ହେଉଛି ସାଇବର ଠକ ମାନଙ୍କ କବଳରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଅବଲମ୍ବନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। କାରଣ ପରିବର୍ତ୍ତିତ ସମୟ ଅନୁସାରେ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସାଙ୍ଗକୁ ଇଣ୍ଟର୍ନେଟ ଓ ସ୍ମାର୍ଟ ଫୋନ୍ ବ୍ୟବହାର ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି ଏବଂ ସମସ୍ତଙ୍କ ଜୀବନ ବ୍ୟସ୍ତ ବହୁଳ ହୋଇଯାଇଛି। ଏହାର ସୁଯୋଗ ନେଇ ସାଇବର ଠକମାନେ ନୂଆ ନୂଆ ଅଭିନବ ଉପାୟରେ ଠକୁଛନ୍ତି, ବିଶେଷ କରି ଲୋକମାନଙ୍କ ବ୍ୟାଙ୍କ ଖାତାରୁ ଜମା ରାଶି ହଡପ କରି ନେଇ ଲୋକଙ୍କୁ ଭୀଷଣ ଆର୍ଥିକ କ୍ଷତି ପହଞ୍ଚାଉଛନ୍ତି । ତେଣୁ ସାମାଜିକ ଗଣମାଧମ ବ୍ୟବହାର ସମୟରେ, ଅନଲାଇନ ସପିଙ୍ଗ ସମୟରେ, ଅନଲାଇନ ଆର୍ଥିକ କାରବାର ସମୟରେ,ଅନଲାଇନରେ କ୍ରୟ ବିକ୍ରୟ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା, ପିତାମାତା ମାନେ ସେମାନଙ୍କ ପିଲାମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଆପ ଗୁଡିକ ନିୟମିତ ଯାଞ୍ଚ କରିବା, ପିଲାମାନଙ୍କୁ ଯଥା ସମ୍ଭବ ଅନଲାଇନ ଗେମରୁ ନିବୃତ କରାଇବା ନେଇ ସଚେତନ କରାଯାଉଛି। ଏଥି ସହିତ ଏଟିଏମ/ପ୍ୟାନ/ଆଧାର କାର୍ଡ ଇତ୍ୟାଦି ଅପଡେଟ ପାଇଁ ପିନ ପାସ ୱାର୍ଡ ଶେୟାର କରିବା, ଟି ଭି ଟାୱାର ବସାଇବା ନେଇ ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହେବା , ଚାକିରୀ ଦେବା ନାଁରେ କିଛି ଅର୍ଥ ପୈଠ ପାଇଁ ପ୍ରବର୍ତ୍ତାଇବା, ମାର୍ଟିମନିଆଲ ସାଇଟରେ ତଥ୍ୟ ଶେୟାର କରିବା, ମାଗଣାରେ କୌଣସି ଉପହାର ଦେବା, ବିଭିନ୍ନ ଆପ ଜରିଆରେ ବିନା ସୁଧରେ ଋଣ ଦେବା, ସିମ ସ୍ୱାପ , ଅଜ୍ଞାତ ଫୋନ କଲରେ ବିଶ୍ୱାସ କରିବା, ଡିଜିଟାଲ ଆରେଷ୍ଟ ସନ୍ଦେଶ ପାଇବା, ସନ୍ଦେହ ଜନକ ଅଜଣା ଲିଙ୍କରେ କ୍ଲିକ,କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ତଥ୍ୟ ବା ଫୋଟୋ ସେୟାର କରିବା ଇତ୍ୟାଦି ଠକାମୀର ଶିକାର ନହେବା ପାଇଁ ସଚେତନ କରାଯାଉଛି। ଏତଦ ବ୍ୟତୀତ ନିଜର ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ କଠିନ ପାସ୍ ୱାର୍ଡ ବ୍ୟବହାର କରିବା ସହିତ ଯଦି ଅଜଣା ଫୋନ ନମ୍ବରରୁ କିଛି ସନ୍ଦେଶ ବା କଲ ଆସେ ତେବେ ତରବରିଆ ଭାବେ ନିଷ୍ପତ୍ତି ନନେଇ ଭାବିଚିନ୍ତି କାର୍ଯ୍ୟ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି ଯଦ୍ୱାରା ସାଇବର ଠକାମୀ ରୁ ସୁରକ୍ଷିତ ରହିବେ। ଉକ୍ତ ରାଲିରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାମିଲ ହୋଇ ଅଂଶଗ୍ରହଣକାରିମାନଙ୍କ ସହିତ ସାଇକେଲରେ ସହର ପରିକ୍ରମା କରିଥିଲେ ଏବଂ ରାଲି ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଇଥଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସବିତା ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିପକ କୁମାର ଗୋଛାୟତ, ଗୌତମ କିଷାନ, ରିଜର୍ଭ ପୋଲିସ ନିରୀକ୍ଷକ ଆଲୋକ କୁମାର କାନୁନଗୋ, ପଞ୍ଚମ ବାଟାଲିୟନ କାମାଣ୍ଡେଣ୍ଟ ପ୍ରଶାନ୍ତ କୁମାର ନାୟକ,ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ,ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ନାଗରିକ ଅଂଶ ଗ୍ରହଣ କରିଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida